


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
# ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ-୩୩ ● ସଂଖ୍ୟା-୨୨୪ ● ୧୩ ସେପ୍ଟେମ୍ବର ୨୦୨୬ ରବିବାର ● ଭୁବନେଶ୍ୱର ● Vol -33 ● Issue-224 ● 13th September 2026, Sunday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

## ବ୍ରିକ୍ସ ମଞ୍ଚରୁ ସାରା ବିଶ୍ୱକୁ ଭାରତର ବାର୍ତ୍ତା

# ବନ୍ଦ ହେଉ ଯୁଦ୍ଧ, ଟାରିଫରେ ଲାଗୁ ଲଗାମ୍

**ନୂଆଦିଲ୍ଲୀ, ୧୨।୯**

ନୂଆଦିଲ୍ଲୀରେ ଆୟୋଜିତ ବ୍ରିକ୍ସ ମଞ୍ଚରୁ ସାରା ବିଶ୍ୱକୁ ଭାରତର ବାର୍ତ୍ତା । 'ବନ୍ଦ ହେଉ ଯୁଦ୍ଧ, ଟାରିଫରେ ଲାଗୁ ଲଗାମ୍' । ସଦସ୍ୟ ରାଷ୍ଟ୍ର ଗୁଡିକ ଦ୍ୱାରା ସର୍ବସମ୍ମତି ଭାବେ ନୂଆଦିଲ୍ଲୀର ଏହି ଘୋଷଣାନାମାକୁ ମଞ୍ଜୁରୀ ମିଳିଛି । ଯାହା ଭାରତ ପାଇଁ ଏକ ବଡ଼ କୂଟନୈତିକ ସଫଳତା ଭାବେ ବିବେଚନା କରାଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଗ୍ଲୋବାଲ୍ ସାଉଥ୍ କୁ 'ରୁଲ୍-ଟେକର'ରୁ 'ରୁଲ୍-ସେପର' କରିବାକୁ ପଡ଼ିବ ।

ବ୍ରିକ୍ସ ସମ୍ମିଳନୀରେ ତିନି ବିଶ୍ୱନେତା ଗୋଟିଏ ମଞ୍ଚରେ ମିଳିତ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ । ଏହି ମଞ୍ଚରୁ ଉଠିଛି ଗୋଟିଏ ସ୍ୱର, ସାରା ବିଶ୍ୱକୁ ଗୋଟିଏ ବାର୍ତ୍ତା । ଯୁଦ୍ଧ କାହା ସ୍ୱାର୍ଥରେ ନୁହେଁ, ତୁରନ୍ତ ବନ୍ଦ ହେଉ । ବ୍ରିକ୍ସରେ ବିଶ୍ୱ ନେତାଙ୍କୁ ଭବ୍ୟ ସ୍ୱାଗତ ଜଣାଇବା ସହ ମାନବତା ପ୍ରଥମ କହି ସମ୍ବୋଧନ କରିଛନ୍ତି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ । ସଦସ୍ୟ ରାଷ୍ଟ୍ରଗୁଡିକ ଦ୍ୱାରା ସର୍ବସମ୍ମତି କ୍ରମେ




'ନୂଆଦିଲ୍ଲୀ ଘୋଷଣାନାମା'କୁ ମଞ୍ଜୁରୀ ମିଳିଛି । ଯାହା ଭାରତ ପାଇଁ ଏକ ବଡ଼ କୂଟନୈତିକ ସଫଳତା ।

ଘୋଷଣାନାମାରେ ସ୍ପଷ୍ଟ ଭାବେ ଦର୍ଶାଯାଇଛି ଯେ, ପଶ୍ଚିମ ଏସିଆରେ ବଢୁଥିବା ଉତ୍ତେଜନା ସାରା ବିଶ୍ୱ ପାଇଁ ହାନିକାରକ, ଏଥିରେ ସମସ୍ତ ପକ୍ଷ ସର୍ବାଧିକ ସଂଯମତା ରକ୍ଷା କରନ୍ତୁ । କୌଣସି ବି ଦେଶ ଦ୍ୱାରା କରାଯାଉଥିବା 'ଏକପାଖିଆ ଯୁଦ୍ଧ ଓ ଆକ୍ରମଣ' ନିନ୍ଦନୀୟ । ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ସାଧାରଣ ନାଗରିକଙ୍କ ସୁରକ୍ଷା, ସାମୁଦ୍ରିକ ପରିବହନ ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳାର ନିରନ୍ତରତା ଜରୁରୀ । ଆଇଏମ୍ଏଫ୍ ଏବଂ ଡବ୍ଲ୍ୟୁଟିଓ ଭଳି ବଡ଼ ସଂସ୍ଥାଗୁଡ଼ିକରେ ଗ୍ଲୋବାଲ ସାଉଥ୍ ବା ବିକାଶଶୀଳ ଦେଶର ପ୍ରତିନିଧିତ୍ୱ ବୃଦ୍ଧି କରାଯିବା ଆବଶ୍ୟକ ।

ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରେ ହେଉଥିବା ପାରସ୍ପରିକ ବାଣିଜ୍ୟ କାରବାରରେ ଆମେରିକୀୟ ଡଲାର ବଦଳରେ ନିଜ ନିଜ ଦେଶର ସ୍ଥାନୀୟ ମୁଦ୍ରାର ବ୍ୟବହାର ବୃଦ୍ଧି କରାଯାଉ । ସମସ୍ତ ପ୍ରକାରର ଆତଙ୍କବାଦକୁ ଘୋଷଣାନାମାରେ କଡ଼ା ଭାଷାରେ ନିନ୍ଦା କରାଯାଇଛି । ଭାରତର ପହଲଗାମ୍ ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ନିର୍ଦ୍ଦିଷ୍ଟ ଉଲ୍ଲେଖ କରାଯାଇ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଓ ରାଷ୍ଟ୍ର-ପ୍ରାୟୋଜିତ ଆତଙ୍କବାଦ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ କୁହାଯାଇଛି ।

ବ୍ରିକ୍ସ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ବଡ଼ ବାର୍ତ୍ତା ଦେଇଛନ୍ତି । ସେ କହିଛନ୍ତି ବିକାଶଶୀଳ ଦେଶ ଏଣିକି ନିୟମ ମାନିବା ବଦଳରେ ନିୟମ ପ୍ରସ୍ତୁତକାରୀ ହୁଅନ୍ତୁ । ବ୍ରିକ୍ସ ମାଧ୍ୟମରେ ହିଁ ଗ୍ଲୋବାଲ୍ ସାଉଥ୍ ଦେଶମାନଙ୍କୁ ଦକ୍ଷତା ପ୍ରଦାନ କରିହେବ । ବ୍ରିକ୍ସ ଏବେ ପରିପକ୍ୱତା ସ୍ତରରେ । ତେଣୁ ଆଗାମୀ ୨୦ ବର୍ଷ ନୂଆ ଓ ଉଚ୍ଚାକାଂକ୍ଷୀ କାର୍ଯ୍ୟସୂଚୀ ନେଇ କାମ କରିବାକୁ ପଡ଼ିବ । ଏହି ପ୍ରକ୍ରିୟା ନିଜର ଆଭ୍ୟନ୍ତରୀଣ କାର୍ଯ୍ୟ ପ୍ରଣାଳୀରୁ ଆରମ୍ଭ କରିବା ଉଚିତ । ବ୍ରିକ୍ସ ନିରନ୍ତରତା ଓ କାର୍ଯ୍ୟାନ୍ୱୟନ ପ୍ରଣାଳୀ ଗଠନର ପ୍ରସ୍ତାବ ଦେଇଛନ୍ତି ଶ୍ରୀ ମୋଦୀ ।

ସେ କହିଛନ୍ତି 'ବ୍ରିକ୍ସ ଟ୍ରୋଇକା ଟ୍ରାକିଂ ମେକାନିଜମ' ମାଧ୍ୟମରେ ସମସ୍ତ ପଦକ୍ଷେପ ଓ ଫଳାଫଳର ଫଲୋଅପ୍ ସମ୍ଭବ ହେବ । ରୋଡମ୍ୟାପ୍ ପ୍ରସ୍ତୁତ ସମୟରେ ୩ ପ୍ରମୁଖ ଦିଗ ପ୍ରତିନିଧିତ୍ୱ, ପ୍ରତିକ୍ରିୟାଶୀଳତା ଓ ନିୟମ ପ୍ରଣୟନ ଉପରେ ଧ୍ୟାନ ଦେବାକୁ ପଡ଼ିବ । ଏଥିସହ ବିଶ୍ୱମଞ୍ଚରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସ୍ପଷ୍ଟ କରିଛନ୍ତି ଯେ, ଜାତିସଂଘ ସୁରକ୍ଷା ପରିଷଦର ସଂସ୍କାରକୁ (ପୃଷ୍ଠା ୭ରେ)

## ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଲେ ଇରାନ ରାଷ୍ଟ୍ରପତି ପେଜେସ୍କିଆନ୍



**ନୂଆଦିଲ୍ଲୀ, ୧୨।୯**

ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ଭାରତ ଗସ୍ତରେ ଆସିଥିବା ଇରାନ ରାଷ୍ଟ୍ରପତି ମାସୌଦ୍ ପେଜେସ୍କିଆନ୍ ଶନିବାର ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଛନ୍ତି ।ଦୁଇ ନେତା ଦ୍ୱିପାକ୍ଷିକ ସମ୍ପର୍କ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଏହାପୂର୍ବରୁ ଶୁକ୍ରବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇରାନ ରାଷ୍ଟ୍ରପତି ହସନ୍ ରୁହାନୀଙ୍କୁ (ପୃଷ୍ଠା ୭ରେ)

## ପଞ୍ଚାୟତ ନିର୍ବାଚନ: ଅକ୍ଟୋବର ୨୬ରୁ ଘରକୁ ଘର ସର୍ଭେ

**ଭୁବନେଶ୍ୱର, ୧୨।୯ : ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଆସନ୍ତା ଅକ୍ଟୋବର ୨୬ରୁ ଏଥିପାଇଁ ଘରକୁ ଘର ସର୍ଭେ ଅଭିଯାନ ଆରମ୍ଭ ହେବ । ୨୦୨୭ ମାର୍ଚ୍ଚରୁ ଏପ୍ରିଲ ମଧ୍ୟରେ ରାଜ୍ୟରେ ହେବ ପଞ୍ଚାୟତ ନିର୍ବାଚନ । ଏହା ପରେ ପରେ ରାଜ୍ୟରେ ପୌର ନିର୍ବାଚନ କରାଯିବ । ଏନେଇ ପ୍ରସ୍ତୁତି ଆରମ୍ଭ କରିଛନ୍ତି ରାଜ୍ୟ ନିର୍ବାଚନ କମିଶନ । (ପୃଷ୍ଠା ୭ରେ)

## ଓରାଙ୍ଗଉଟାନ ଉଦ୍ଧାର ଘଟଣାରେ ତଦନ୍ତ ଚାଲିଛି : ଡିଜିପି

**ଭୁବନେଶ୍ୱର, ୧୨।୯**
**ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱର ଭୋଗରାଇ ଅଞ୍ଚଳରୁ ୫ ଓରଙ୍ଗଉଟାନ ଉଦ୍ଧାର ଘଟଣାରେ ଡିଜିପି ବିନୟତୋଷ ମିଶ୍ର ପ୍ରତିକ୍ରିୟା ରଖି କହିଛନ୍ତି ଯେ ବନବିଭାଗ ଓ ୱାଇଲ୍ଡ ଲାଇଫ କ୍ରାଇମ କଣ୍ଟ୍ରୋଲ ବ୍ୟୁରୋ ତଦନ୍ତ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଡୋଡ଼ାରେ ଜୈସ-ଏ-ମହମ୍ମଦର ଜଣେ ସନ୍ଦିଗ୍ଧ ପାକିସ୍ତାନୀ ଆତଙ୍କବାଦୀଙ୍କ ମୃତଦେହ ଉଦ୍ଧାର ।
- ଆବୁଧାବିର କ୍ରାଉନ ପ୍ରିନ୍ସଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କଲେ ପ୍ରଧାନମନ୍ତ୍ରୀ ମୋଦୀ ।
- ଅଶୋଧିତ ତୈଳ ପାଇପଲାଇନ ଇଷ୍ଟ- ୱେଷ୍ଟ ବନ୍ଦ ଘୋଷଣା କଲା ସାଉଦି ଆରବ ।
- ପୂର୍ବ ସାଗରରେ ଏକାଧିକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କଲା ଉତ୍ତର କୋରିଆ ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୪୫୮ (+୧୬)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୧୭୦ (+୧୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୫୯୪ (+୧୨)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୪୫ (+୦)

## ରାଜ୍ୟରେ ପ୍ରବଳ ବର୍ଷା : ସ୍ଥିତି ଉପରେ ସରକାରଙ୍କ ନଜର

**ଭୁବନେଶ୍ୱର, ୧୨।୯**
**ନ୍ୟୁଜ୍ ବ୍ୟୁରୋ**

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସକ୍ରିୟ ରହିଥିବା ହେତୁ ଗତ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅନେକ ଅଞ୍ଚଳରେ ପ୍ରବଳ ବର୍ଷା ଜାରି ରହିଛି । ବର୍ଷା ଜନିତ ପାଣିପାଗ ଏବଂ ନଦୀଗୁଡ଼ିକର ଜଳସ୍ତର ସ୍ଥିତି ଉପରେ ରାଜ୍ୟ ସରକାର ନିରନ୍ତର ନଜର ରଖିଛନ୍ତି । ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ସହ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ତେବେ ବର୍ତ୍ତମାନ ରାଜ୍ୟରେ ବନ୍ୟା



ସ୍ଥିତି ନିୟନ୍ତ୍ରଣରେ ରହିଛି ।

ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡାରେ ସର୍ବାଧିକ ୧୯୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ମାଲକାନଗିରି ସଦର ମହକୁମାରେ ୧୪୨.୮ ମିମି ବର୍ଷା ହୋଇଛି ।

ନବରଙ୍ଗପୁର ଜିଲ୍ଲା ଡାବୁଗାଁରେ ଗତ ୨୪ ଘଣ୍ଟାରେ ୧୩୫.୨ ମିମି ବର୍ଷା ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାର କୋରୁକୁଣ୍ଡାରେ ୧୩୪, ମାଥିଲିରେ ୮୫, ନବରଙ୍ଗପୁରର ଉମରକୋଟରେ ୮୪, ପାପଡ଼ାହାଣ୍ଡିରେ ୭୩, ଗଜପତି ଜିଲ୍ଲାର ନୂଆଗଡ଼ରେ ୭୯ ଓ ଗଞ୍ଜାମର ସୋରଡ଼ାରେ ୭୭ ମିମି ବର୍ଷା ରେକର୍ଡ କରାଯାଇଛି ।

ସେହିପରି ଯାଜପୁର ଜିଲ୍ଲା ସୁକିନ୍ଦାରେ ୮୭ ମିମି ବର୍ଷା ହୋଇଥିବା ବେଳେ କଳାହାଣ୍ଡିର ଗୋଲାମୁଣ୍ଡାରେ ୮୧ ଓ ବଲାଙ୍ଗୀରର ବଙ୍ଗମୁଣ୍ଡାରେ ୭୭ ମିମି ବର୍ଷା ରେକର୍ଡ କରାଯାଇଛି । (ପୃଷ୍ଠା ୭ରେ)

## ବ୍ରିକ୍ସ ସମ୍ମିଳନୀରେ କୋରାପୁଟର ସ୍ୱାଦ : ବିଶ୍ୱ ଦରବାରରେ ଓଡ଼ିଶା କଫି

**ଭୁବନେଶ୍ୱର, ୧୨।୯**
**ନ୍ୟୁଜ୍ ବ୍ୟୁରୋ**

କୋରାପୁଟର କଫି ବଗିଚାରୁ ନୂଆଦିଲ୍ଲୀରେ ଆୟୋଜିତ ବ୍ରିକ୍ସ ସମ୍ମିଳନୀରେ ପହଞ୍ଚିଛି ଓଡ଼ିଶାର ସ୍ୱାଦ । କୋରାପୁଟର ପୂର୍ବଘାଟ ପର୍ବତମାଳାରେ ଆଦିବାସୀ ଚାଷୀମାନଙ୍କ ଦ୍ୱାରା ଉତ୍ପାଦିତ ପ୍ରିମିୟମ ଆରବିକା କଫି "ଟାଇଗର ବ୍ରାଇଟ୍", ବ୍ରିକ୍ସ ସମ୍ମିଳନୀରେ ଅତିଥି ଅଭ୍ୟାଗତମାନଙ୍କୁ ଉପହାର ସ୍ୱରୂପ ପ୍ରଦାନ କରାଯାଇଛି । ଏହା ବିଶ୍ୱବାସୀଙ୍କୁ ଓଡ଼ିଶାର ସ୍ୱାଦ ସହ ପରିଚିତ କରାଇବା ସହ ଆଦିବାସୀ ଉଦ୍ୟୋଗ, ମୂଲ୍ୟ




ବୃଦ୍ଧି ଏବଂ ସ୍ଥାୟୀ ଜୀବିକାରେ ଅପାର ସମ୍ଭାବନାକୁ ପ୍ରଦର୍ଶିତ କରୁଛି । କୋରାପୁଟ ପାହାଡ଼ରେ ଉତ୍ପାଦିତ କଫି ପାଇଁ ବଜାର ସୃଷ୍ଟି କରିବା ଥିଲା ଆମର ପ୍ରଥମ ପ୍ରୟାସ । ବର୍ତ୍ତମାନ ଏହି ପ୍ରୟାସ ସଫଳ ହୋଇଛି । "ଭୋକାଲ୍ ଫର୍ ଲୋକାଲ୍" ର ନାରାକୁ ପ୍ରତିଫଳିତ କରି କୋରାପୁଟ କଫି ଏବେ ଅନ୍ତର୍ଜାତୀୟସ୍ତରରେ ଓଡ଼ିଶା ପାଇଁ ଖ୍ୟାତି ଆଣି ଦେଇଛି ।

କୋରାପୁଟର ଆଦିବାସୀ ସମ୍ପ୍ରଦାୟ ପାଇଁ 'ଟାଇଗର ବ୍ରାଇଟ୍'ର ଏହି ସଫଳତା କେବଳ ଏକ କଫି ବ୍ରାଣ୍ଡର କାହାଣୀ ନୁହେଁ ବରଂ ଏହା ସେମାନଙ୍କ ପାଇଁ ନୂତନ ସୁଯୋଗ ଆଣି ଦେଇଛି । ଆଞ୍ଚଳିକ ବ୍ରାଣ୍ଡକୁ ଅନ୍ତର୍ଜାତୀୟ ବଜାର ମିଳିଛି । ବ୍ରିକ୍ସ ସମ୍ମିଳନୀରେ କୋରାପୁଟ କଫି ଶହ ଶହ ଆଦିବାସୀ ଚାଷୀ ପରିବାରର ପରିଶ୍ରମକୁ (ପୃଷ୍ଠା ୭ରେ)

## ବ୍ରିଟିଶ ପାଇଲଟଙ୍କୁ ତାଲିମ ଦେବେ ଭାରତୀୟ ବାୟୁସେନାର ପ୍ରଶିକ୍ଷକ

**ନୂଆଦିଲ୍ଲୀ, ୧୨।୯**

ଭାରତ-ୟୁକେ ପ୍ରତିରକ୍ଷା ସହଯୋଗ କ୍ଷେତ୍ରରେ ଯୋଡ଼ି ହୋଇଛି ଏକ ନୂଆ ଅଧ୍ୟାୟ । ପ୍ରଥମ ଥର ପାଇଁ ଭାରତୀୟ ବାୟୁସେନାର ୩ ଜଣ ଯୋଗ୍ୟ ଉଡ଼ାଣ ପ୍ରଶିକ୍ଷକ ୱେଲ୍ସସ୍ଥିତ ରୟାଲ୍ ଏୟାର ଫୋର୍ସର ଭ୍ୟାଲି ଘାଟିରେ ନିୟୋଜିତ ହୋଇଛନ୍ତି । ସେମାନେ ବ୍ରିଟିଶ ବାୟୁସେନାର ପାଇଲଟମାନଙ୍କୁ ଉଡ଼ାଣ ପ୍ରଶିକ୍ଷଣ ଦେବେ । ଭାରତୀୟ ବାୟୁସେନା ଏହି ପଦକ୍ଷେପକୁ ଭାରତ-ୟୁକେ ପ୍ରତିରକ୍ଷା ସମ୍ପର୍କରେ ଏକ 'ଐତିହାସିକ ପ୍ରଥମ' ବୋଲି ବର୍ଣ୍ଣନା କରିଛି । ଏହା ଉଭୟ ଦେଶର ବାୟୁସେନା ମଧ୍ୟରେ ବୃତ୍ତିଗତ ଦକ୍ଷତା, ପରସ୍ପର କାର୍ଯ୍ୟକ୍ଷମତା ଓ ଦୀର୍ଘକାଳୀନ ପ୍ରତିରକ୍ଷା ସହଭାଗିତାକୁ ଆହୁରି ସୁଦୃଢ଼ କରିବ



ବୋଲି କୁହାଯାଇଛି । ୱେଲ୍ସର ଆରଏଏଫ୍ ଭ୍ୟାଲି ରୟାଲ୍ ଏୟାର ଫୋର୍ସର ଏକ ପ୍ରମୁଖ ଉଡ଼ାଣ ପ୍ରଶିକ୍ଷଣ ଘାଟି । ଏଠାରେ ନିୟୋଜିତ ହୋଇଥିବା ୩ ଜଣ ଭାରତୀୟ ପ୍ରଶିକ୍ଷକ ବ୍ରିଟିଶ ପାଇଲଟମାନଙ୍କୁ ଉଡ଼ାଣ ସମ୍ପର୍କିତ ପ୍ରଶିକ୍ଷଣ ଓ ମାର୍ଗଦର୍ଶନ ଦେବେ । ୟୁକେରେ ଭାରତୀୟ ଯୋଗ୍ୟ ଉଡ଼ାଣ ପ୍ରଶିକ୍ଷକଙ୍କ ଏହା ପ୍ରଥମ ନିୟୋଜନ ବୋଲି ଏଥିରେ ଉଲ୍ଲେଖ କରାଯାଇଛି । (ପୃଷ୍ଠା ୭ରେ)




## ପୌର ନିର୍ବାଚନ ପାଇଁ ସୀମା ନିର୍ଦ୍ଧାରଣ ଚାଲିଛି : ନଗର ଉନ୍ନୟନ ମନ୍ତ୍ରୀ

**ଭୁବନେଶ୍ୱର, ୧୨।୯**
**ନ୍ୟୁଜ୍ ବ୍ୟୁରୋ**

ଆଗାମୀ ପୌର ନିର୍ବାଚନ ପାଇଁ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଚାଲୁ ରହିଛି । ଏହି ପ୍ରକ୍ରିୟା ଶେଷ ହେବା ପରେ ରାଜ୍ୟରେ ପୌର ନିର୍ବାଚନ ଅନୁଷ୍ଠିତ ହେବ । ଏଥିପାଇଁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ନିର୍ବାଚନ ପୂର୍ବରୁ ସୀମା ନିର୍ଦ୍ଧାରଣ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ଏନେଇ ଜିଲ୍ଲାପାଳମାନଙ୍କୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି । ୱାର୍ଡ ସୀମା ନିର୍ଦ୍ଧାରଣ ଲାଗି ମଧ୍ୟ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି । ସଂରକ୍ଷଣ ବ୍ୟବସ୍ଥା ଉପରେ କାମ କରିବାକୁ ଚିଠିରେ ଉଲ୍ଲେଖ କରାଯାଇଛି ।

## ଏକାଳ ପଖାଳ



ଦୁର୍ନୀତି ଧରିବା ଲୋକ ଗୁଡାକ
ପୂରା ଦୁର୍ନୀତିଆ ସାଥି
ଜମି ଟଙ୍କା ସୁନା କୁବେରଙ୍କୁ ବଳି
ଲାଞ୍ଚକୁ ନାହିଁ ଯେ ଭୀତି
ଚାଲିଛି ଚୋରା ପୀରତି
ଧରାବନ୍ଧା ନାଟ ଖୁବ୍ ଚାଲିଛି
ପ୍ରସାରିତ ହୁଏ କୀର୍ତ୍ତି ।

## ଇସ୍ରୋର ଚେତାବନୀ : ଓଡ଼ିଶାକୁ ମାଡ଼ିଆସୁଛି ୩ଟି ସୁପର ସାଇକ୍ଲୋନ !



**ନୂଆଦିଲ୍ଲୀ, ୧୨।୯**

ମାଡ଼ି ଆସିବ ମହାବାତ୍ୟା ! ୧୯୯୯ ଠୁ ବି ହେବ ଭୟଙ୍କର । ନିମିଷକେ ସବୁ ହୋଇଯିବ ଛାରଖାର । ମାଡ଼ିଆସିବ ସମୁଦ୍ର ଜୁଆର । କିଛି ଏମିତି ଘଟିପାରେ ଭାରତର ପୂର୍ବ ଉପକୂଳରେ । କାରଣ ବର୍ଷ ଶେଷ ଆଡକୁ ମାଡ଼ି ଆସୁଛି ତିନୋଟି ବଡ଼ ସାଇକ୍ଲୋନ । ଯେଉଁଥିରୁ ବର୍ତ୍ତିବନି ଓଡିଶା-ଆନ୍ଧ୍ରପ୍ରଦେଶ । କିଛି ଏମିତି ପୂର୍ବାନୁମାନ କରିଛି ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋ । ଯାହାକୁ ନେଇ ଏବେଠୁ ଛାନିଆ ହେଲେଣି ଲୋକେ ।

ଓଡିଶାରେ ପ୍ରତିବର୍ଷ ମାଡ଼ ହୁଏ ଛୋଟ ବଡ ଅନେକ ବାତ୍ୟା । ଅକ୍ଟୋବର ଆସିଲେ ଛାତି ଥରି ଉଠେ । କାରଣ ୧୯୯୯ ମସିହା ଅକ୍ଟୋବରରେ ଆସିଥିଲା ମହାବାତ୍ୟା । ପ୍ରାଣ ହରାଇଥିଲେ ଶହ ଶହ ଲୋକେ । ଅନେକ ଗାଁ ମାଟିରେ ମିଶିଯାଇଥିଲା । ସେହିପରି ୨୦୧୯ ମେ ମାସରେ ଆସିଥିବା ଫନି ବି ରଚିଥିଲା ତାଣ୍ଡବ । ପୁରୀ ଜିଲ୍ଲାରେ କରିଥିଲା ଲ୍ୟାଣ୍ଡଫଲ । ଭୁବନେଶ୍ୱରରେ ରଚିଥିଲା ପ୍ରଳୟ । ୭ ଦିନ ଯାଏଁ ଅନେକ ଜାଗା ରହିଥିଲା ଅନ୍ଧାରରେ ।

ଇସ୍ରୋର ମଡେଲ କହୁଛି ଯେ, ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ଭାରତ ମହାସାଗରରେ ସୃଷ୍ଟି ହେବ ତିନୋଟି ସାଇକ୍ଲୋନ । ଯାହାର ପାୱାର ଡିସିପେସନ ଇଣ୍ଡେକ୍ସ ଏକ କୋଟି (ପୃଷ୍ଠା ୭ରେ)

## ହୃଦ୍‌ରୋଗୀଙ୍କ ପାଇଁ ଜାରି ହେଲା ନୂଆ ନିର୍ଦ୍ଦେଶାବଳୀ

**ନୂଆଦିଲ୍ଲୀ, ୧୨।୯**

ହୃଦ୍‌ରୋଗୀମାନଙ୍କୁ ଚିକିତ୍ସା ପରେ ସୁସ୍ଥ ହେବାରେ ସାହାଯ୍ୟ କରିବା ପାଇଁ ବର୍ଦ୍ଧମାନ ମେଡ଼ିକାଲ କଲେଜ ଏବଂ ସଫଦରଜଙ୍ଗ ହସ୍ପିଟାଲ ନୂଆ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । ଏହାର ଉଦ୍ଦେଶ୍ୟ ହେଉଛି ହୃଦ୍‌ରୋଗୀମାନଙ୍କୁ ରୋଗ ପରେ ପୁଣିଥରେ ସାଧାରଣ ଜୀବନଯାପନ କରିବାରେ ସାହାଯ୍ୟ କରିବା । ଏହା ରୋଗୀର ବ୍ୟାୟାମ, ଖାଦ୍ୟ, ମାନସିକ ସ୍ୱାସ୍ଥ୍ୟ ଏବଂ ଦୈନନ୍ଦିନ ଜୀବନଶୈଳୀ ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥାଏ ।

ପ୍ରସିଦ୍ଧ ବୈଜ୍ଞାନିକ ତଥା ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ଡକ୍ଟର ନିର୍ମଳ କୁମାର ଗାଙ୍ଗୁଲି ଶନିବାର ଦିନ ନିର୍ଦ୍ଦେଶାବଳୀ ଜାରି କରିବା ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଥିଲେ । ଡ. ହର୍ଷବର୍ଦ୍ଧନ ଏବଂ ଡ. ବିଜୟ



ମୋହନ କୋହଲି ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଡବ୍ଲ୍ୟୁ. ଏଚ୍. ଓ.-ଏସ୍. ଇ. ଏ. ଆର.ଓ. ର ଆଞ୍ଚଳିକ ପରାମର୍ଶଦାତା ଡକ୍ଟର ତାଶି ତୋବଗେଙ୍କ ସମେତ ଅନେକ ବରିଷ୍ଠ ଡାକ୍ତର ଏବଂ ବିଶେଷଜ୍ଞ ମଧ୍ୟ ଉପସ୍ଥିତ ଥିଲେ ।

ଡକ୍ଟର ନିର୍ମଳ କୁମାର ଗାଙ୍ଗୁଲି ଦେଶରେ ହୃଦ୍‌ରୋଗର ବୃଦ୍ଧି ପାଉଥିବା ଘଟଣାକୁ ଦୃଷ୍ଟିରେ ରଖି ଯଥାସମ୍ଭବ (ପୃଷ୍ଠା ୭ରେ)

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୩ ସେପ୍ଟେମ୍ବର, ୨୦୨୬ ରବିବାର





# ଉଦଣ୍ଡି ନାଳ ସାଜିଛି କାଳ : ପ୍ଲାଷ୍ଟିକ ଭେଳାରେ ବିପଦପୂର୍ଣ୍ଣ ଯାତ୍ରା କରୁଛନ୍ତି ମରଡ଼ା ଗ୍ରାମବାସୀ

**ଚାରିଛକ, ନ୍ୟୁଜ୍ ବ୍ୟୁରୋ**

ସତକୋଶିଆ ମହାନଦୀ ଅଭୟାରଣ୍ୟ ଭିତରେ ଥିବା ବୌଦ୍ଧ ଜିଲ୍ଲା କୁସଙ୍ଗ ପଞ୍ଚାୟତର ମରଡା ଗାଁରେ ବନ୍ୟା ଯୋଗୁଁ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ମହାନଦୀରେ ଦୀର୍ଘ ଏକ ମାସ ହେଲା ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ଏହା ସହ ସଂଯୁକ୍ତ ଉଦଣ୍ଡି ନାଳ ମଧ୍ୟ ଫୁଲି ରହିଛି। ଫଳରେ ଗାଁଟି ବାହାର ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି। ମରଡ଼ା ଗାଁରେ ପ୍ରାୟ ୩୫ଟି ପରିବାରର ୧୦୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ନିତ୍ୟ-ବ୍ୟବହାର୍ଯ୍ୟ ସାମଗ୍ରୀ ପାଇଁ ଗ୍ରାମବାସୀ ସମ୍ପୂର୍ଣ୍ଣ ଭାବେ କୁସଙ୍ଗ ବଜାର ଉପରେ ନିର୍ଭରଶୀଳ। ହେଲେ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବାରୁ ବାଧ ହୋଇ



ଲୋକେ ନିଜ ଜୀବନକୁ ବାଜି ଲଗାଇ ଅସ୍ଥାୟୀ ପ୍ଲାଷ୍ଟିକ ଭେଳାରେ ଉଦଣ୍ଡି ନାଳ ପାର ହେଉଛନ୍ତି। ସବୁଠାରୁ ଚିନ୍ତାଜନକ କଥା ହେଉଛି, ଏହି ବିପଦପୂର୍ଣ୍ଣ ଭେଳାରେ ଲୋକଙ୍କ ସହ ସାଇକେଲ ଓ ବାଇକ୍ ମଧ୍ୟ ପାର୍ କରାଯାଉଛି। ଗଭୀର ପାଣିରେ ବିନା ଲାଇଫ୍ ଜାକେଟ୍‌ରେ ଏଭଳି ଯାତାୟାତ ଯେକୌଣସି ସମୟରେ ବଡ଼ ଅଘଟଣର କାରଣ ହୋଇପାରେ।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବନ୍ୟାର ପ୍ରାରମ୍ଭିକ ପର୍ଯ୍ୟାୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମାତ୍ର ୩ରୁ ୪ ଦିନ ରିଲିଫ୍ ସାମଗ୍ରୀ ଯୋଗାଇ ଦିଆଯାଇଥିଲା। ଏହାପର-ଠାରୁ ପ୍ରଶାସନିକ ଅଧିକାରୀ କିମ୍ବା ପଞ୍ଚାୟତ ପ୍ରତିନିଧି ଗାଁର ସ୍ଥିତି ଅନୁଧ୍ୟାନ କରିବାକୁ ଆସିନଥିବା ଗ୍ରାମବାସୀ କହିଛନ୍ତି। ଫଳରେ ନିଜସ୍ୱ ଉଦ୍ୟମରେ ପ୍ଲାଷ୍ଟିକ ଭେଳା ତିଆରି କରି ଯାତାୟାତ କରୁଛନ୍ତି ଲୋକେ। ନିୟମିତ ଭାବେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଯୋଗାଇ ଦିଆଗଲେ ଗ୍ରାମବାସୀଙ୍କୁ ଏଭଳି ବିପଦପୂର୍ଣ୍ଣ ଯାତ୍ରା କରିବାକୁ ପଡ଼ନ୍ତା ନାହିଁ ବୋଲି ସେମାନେ କହିଛନ୍ତି। ଘଟଣାର ଗାମ୍ଭୀର୍ଯ୍ୟକୁ ଦୃଷ୍ଟିରେ ରଖି ମରଡ଼ା ଗ୍ରାମବାସୀଙ୍କ ପାଇଁ ତୁରନ୍ତ ଆବଶ୍ୟକୀୟ ରିଲିଫ୍ ସାମଗ୍ରୀ ଯୋଗାଣ ସହ ସୁରକ୍ଷିତ ଯାତାୟାତ ପାଇଁ ଡଙ୍ଗା କିମ୍ବା ବୋଟ୍ ବ୍ୟବସ୍ଥା କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ଲାଞ୍ଜିଗଡ଼ ଦୁର୍ଗମ ଅଞ୍ଚଳରେ ଜଙ୍ଗଲୀ ହାତୀଙ୍କ ଉପଦ୍ରବ: ଲୋକେ ଆତଙ୍କିତ

**ଭବାନୀପାଟଣା, ନ୍ୟୁଜ୍ ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ଅନ୍ତର୍ଗତ ଧଡେଲ ବିଟ୍ ଅଞ୍ଚଳରେ ବର୍ଷସାରା ଜଙ୍ଗଲୀ ହାତୀଙ୍କ ଉପଦ୍ରବ ଥମିବାର ନାଁ ନେଉନାହିଁ। ଦିନକୁ ଦିନ ହାତୀପଲ ଗାଁ ମୁହାଁ ହୋଇ ବ୍ୟାପକ ଫସଲ ନଷ୍ଟ କରିବା ସହ ଲୋକଙ୍କ ଘରଦ୍ୱାର ଭାଙ୍ଗି ଚାଲିଛନ୍ତି। ଏହି କ୍ରମରେ ମୁସାନାଳ ସେକ୍ସନ ଲାଞ୍ଜି ପଞ୍ଚାୟତର ଲଡ଼ାଙ୍ଗ ଗାଁରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବିଳମ୍ବିତ ରାତିରେ ରାହୁଳ ଝିମରେଇ ଜଙ୍ଗଲରୁ ଏକ ଦନ୍ତା ହାତୀପଲ ଗାଁ ଭିତରକୁ ପଶି ଆସି ଲଡ଼ାଙ୍ଗ ଗାଁର ସୁଧୀର ହରିଜନଙ୍କ ଘର ଭାଙ୍ଗି ଛାରଖାର କରିଦେଇଛନ୍ତି।

ହାତୀଙ୍କ ଗର୍ଜନ ଶୁଣି ସୁଧୀରଙ୍କ ପରିବାର ଲୋକେ ଜୀବନ ବିକଳରେ ଘର ଛାଡ଼ି ନିକଟସ୍ଥ ପଡ଼ୋଶୀଙ୍କ ଘରକୁ ପଳାଇଥିଲେ, ଯାହାଫଳରେ ସେମାନଙ୍କ ଜୀବନ ଅଳ୍ପକେ ବର୍ତ୍ତି





ଯାଇଥିଲା। ମାତ୍ର ସକାଳେ ଘରକୁ ଫେରି ଦେଖିଲା ବେଳକୁ ସେମାନେ ସର୍ବସ୍ୱାନ୍ତ ହୋଇଯାଇଛନ୍ତି। ହାତୀପଲ ଘର ଭାଙ୍ଗିବା ସହିତ ଘରେ ଗଚ୍ଛିତ ଥିବା ଧାନ, ଚାଉଳ, ମାଣ୍ଡିଆ, ବିରି ଓ ଅନ୍ୟାନ୍ୟ ଆସବାବପତ୍ରକୁ ମାଡ଼ି ଚକଟି ନଷ୍ଟ କରିଦେଇଛନ୍ତି। ଏହାସହ ଚାଷ ଜମିରେ ଥିବା ଧାନ ଫସଲକୁ ମଧ୍ୟ ଉଜାଡ଼ି ଦେଇଛନ୍ତି। ବର୍ତ୍ତମାନ ହାତୀପଲ ଗାଁ ନିକଟସ୍ଥ ଧଡ଼େଲ ଜଙ୍ଗଲରେ ଡେରା ଜମାଇ ରହିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଚରମ ଆତଙ୍କ ପ୍ରକାଶ ପାଇଛି। ଘଟଣା ସମ୍ପର୍କରେ ଖବର ପାଇ ସକାଳୁ ବନ ବିଭାଗ କର୍ମଚାରୀ ମାନେ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ କରିଛନ୍ତି। କ୍ଷତିଗ୍ରସ୍ତ ପରିବାରକୁ ଖୁବ୍ ଶୀଘ୍ର ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ବନ ବିଭାଗ ତରଫରୁ ପ୍ରତିଶ୍ରୁତି ମିଳିଛି।

ତେବେ ଉକ୍ତ ଅଞ୍ଚଳରେ ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜନଜୀବନ ସୁରକ୍ଷା ପାଇଁ ଉକ୍ତ ହାତୀପଲକୁ ତୁରନ୍ତ ଅଞ୍ଚଳରୁ ସୁରକ୍ଷିତ ଭାବେ ଘଉଡ଼ାଇବା ପାଇଁ ଗ୍ରାମବାସୀ ବନ ବିଭାଗ ନିକଟରେ ଜୋରଦାର ଦାବି କରିଛନ୍ତି। ଏହା ସହିତ କ୍ଷତିଗ୍ରସ୍ତ ସୁଧୀରଙ୍କ ପରିବାରକୁ ଉପଯୁକ୍ତ ସରକାରୀ କ୍ଷତିପୂରଣ ତୁରନ୍ତ ପ୍ରଦାନ କରିବା ପାଇଁ ପରିବାର ପକ୍ଷରୁ ଆକୁଳ ନିବେଦନ କରିଛନ୍ତି।

## ରାସ୍ତାରେ ଲହଡି ଭାଙ୍ଗୁଛି ଡ୍ରେନପାଣି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ଅନ୍ତର୍ଗତ ୨ ନମ୍ବର ୱାର୍ଡର ଇଚ୍ଛାପୁର ବଡ଼ବାରଙ୍ଗ ଗାଁରେ ଏମିତି ଦୃଶ୍ୟ ଦେଖିବାକୁ ମିଳିଛି। ସୂଚନା ଅନୁସାରେ, ଇଚ୍ଛାପୁର - କେନାଲରୋଡ଼ ଆର.ଡି. ରାସ୍ତାର ବଡ଼ବାରଙ୍ଗ ଗ୍ରାମ ରାସ୍ତାରେ ଜମି ରହୁଛି ନର୍ଦ୍ଦମା ଜଳ। ଏହି ରାସ୍ତା ଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଆର.ଡି. ଅଫିସ, ଆର. ଡବ୍ଲ୍ୟୁ.ଏସ.ଏସ. ଅଫିସ, ଇଲେକ୍ଟ୍ରି ଅଫିସ ସହିତ ଶହଶହ ଶ୍ରଦ୍ଧାଳୁ ପ୍ରଭୁ ବଳଦେବଜୀଉଙ୍କ ମନ୍ଦିରକୁ ଦର୍ଶନ ପାଇଁ ପ୍ରତିଦିନ ଏହି ରାସ୍ତାରେ ଯାଇଥାନ୍ତି। ତେବେ ଅନେକ ସମୟରେ ଲୋକେ ଦୁର୍ଘଟଣାର ଶିକାର ହୋଇ ହସ୍ପିଟାଲ ଯାଉଛନ୍ତି। ପ୍ରାଥମିକ ବିଦ୍ୟାଳୟ ଥିବାରୁ ଛାତ୍ରଛାତ୍ରୀ ମାନେ ନାହିଁ ନ ଥିବା ଅସୁବିଧାରେ ପଡୁଛନ୍ତି। ଗର୍ଭବତୀ ମହିଳା, ଛୋଟ ଛୋଟ ପିଲାମାନେ ଅଙ୍ଗନବାଡି କେନ୍ଦ୍ରକୁ ଆସିବା ବେଳେ ପଡ଼ି ଖଣ୍ଡିଆଖାବରା ହୋଇ ଯାଉଛନ୍ତି। ଏହି ରାସ୍ତା କଡ଼ରେ ଏକ ଡ୍ରେନ୍ ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଯୁବ ସାମାଜିକ କର୍ମୀଙ୍କ ଉଦ୍ୟମରେ ରାସ୍ତାରେ ପଡ଼ିଲା ଡଷ୍ଟ୍

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଲଗାଣ ବର୍ଷାରେ ବିଭିନ୍ନ ଅଞ୍ଚଳର ମୁଖ୍ୟ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିଲା। ଫଳରେ ଅନେକ ସ୍ଥାନରେ ବଡ଼ବଡ଼ ଖାଲ ଖମା ସୃଷ୍ଟି ହୋଇଥିଲା। ଏହି ଖାଲରେ ବର୍ଷା ପାଣି ଜମି ରହିବା ଫଳରେ ରାସ୍ତାରେ ଯାତାୟାତ କରୁଥିବା ବାଇକ ଚାଳକମାନେ ଦୁର୍ଘଟଣାର ସମ୍ମୁଖୀନ ହେବାକୁ ପଡୁଥିଲା। ବିଶେଷ କରି ଯାଜପୁର ଜିଲ୍ଲାର ମୁଖ୍ୟ ରାସ୍ତା କୁହାଯାଉଥିବା ବରୁହାଁ-କୃଷ୍ଣବାସପୁର ମୁଖ୍ୟ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା। ଝାଲପଡ଼ା ଓ ଶଙ୍ଖପଡ଼ା ନିକଟରେ ଏହି ମୁଖ୍ୟ ରାସ୍ତାରେ ଥିବା ଦୁଇଟି କଲଭର୍ଟ କଡ଼ରେ ବଡ଼ବଡ଼ ଖାଲ ସୃଷ୍ଟି ହୋଇଥିଲା। ଏହି ଖାଲରେ ପଡ଼ି ବହୁ ବାଇକ୍ ଚାଳକ ନାନା ଅସୁବିଧାର ସମ୍ମୁଖୀନ ହୋଇ ଆସୁଥିଲେ। ଏହି ଘଟଣାକୁ ନେଇ ରସୁଲପୁର ବ୍ଲକ୍ ମଙ୍ଗରାଜପୁର ପଞ୍ଚାୟତର ଯୁବ ସମାଜସେବୀ ପ୍ରଶାନ୍ତ କୁମାର ମୁଦୁଲି ପାଣିକୋଇଲି ପୂର୍ତ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ଏବଂ ତୁରନ୍ତ ଏହି ଦୁଇଟି ସ୍ଥାନରେ ଡ୍ରଷ୍ଟ ଗୁଣ୍ଡ ପକା ଯାଇ ଥିବା ଦେଖିବାକୁ ମିଳିଥିଲା।

# ଅକ୍ଟୋବର ୧୩ରୁ ୧୭ ତାରିଖ ପର୍ଯ୍ୟନ୍ତ ସେନା ନିଯୁକ୍ତି ରାଲି

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଅଗ୍ନିପଥ ଯୋଜନା ଅଧୀନରେ ଏଆରଓ ସମ୍ବଲପୁର ପକ୍ଷରୁ ସେନା ନିଯୁକ୍ତି ରାଲି ଆସନ୍ତା ଅକ୍ଟୋବର ୧୩ରୁ ୧୭ ତାରିଖ ପର୍ଯ୍ୟନ୍ତ ଝାରସୁଗୁଡ଼ାର ମାଲିମୁଣ୍ଡାସ୍ଥିତ କ୍ରିକେଟ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ଅନୁଗୁଳ, ବଲାଙ୍ଗିର, ବରଗଡ଼, ଦେବଗଡ଼, ଢେଙ୍କାନାଳ, ଝାରସୁଗୁଡ଼ା, କେନ୍ଦୁଝର, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ ଜିଲ୍ଲାର ଅନଲାଇନ୍ କମନ୍ ଏଣ୍ଟ୍ରାନ୍ସ ଏଗ୍ଜାମିନେସନ୍ (ସିଇଇ)ରେ ଉତୀର୍ଣ୍ଣ ହୋଇ ସର୍ଟଲିଷ୍ଟ ହୋଇଥିବା ପ୍ରାର୍ଥୀମାନେ ଏହି ରାଲିରେ ଯୋଗଦେବେ। ରାଲିରେ ଅଗ୍ନିବୀର ଜିଡି, ଅଗ୍ନିବୀର ଟେକ୍ନିକାଲ, ଅଗ୍ନିବୀର ଟ୍ରେଡ୍ସମ୍ୟାନ୍ (ଅଷ୍ଟମ ଓ ଦଶମ) ବର୍ଗର ପ୍ରାର୍ଥୀଙ୍କ ଶାରୀରିକ ଦକ୍ଷତା ପରୀକ୍ଷା ସହ ଡାକ୍ତରୀ ପରୀକ୍ଷା କରାଯିବ। ସର୍ଟଲିଷ୍ଟ ପ୍ରାର୍ଥୀଙ୍କ ପ୍ରବେଶପତ୍ର ସେମାନଙ୍କ ପଞ୍ଜୀକୃତ ଇମେଲ୍ ଠିକଣାକୁ ପଠାଯାଇଛି। ପ୍ରାର୍ଥୀମାନେ ଜଏନ୍ ଇଣ୍ଡିଆନ୍ ଆର୍ମି ୱେବସାଇଟ୍ ରେ ନିଜ ପ୍ରୋଫାଇଲ୍‌ରେ ଲଗ୍ ଇନ୍ କରି ଆଡମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ। ନିଯୁକ୍ତି ସମ୍ପର୍କିତ ସୂଚନା ପାଇଁ ପ୍ରାର୍ଥୀମାନେ ଏଆରଓ ସମ୍ବଲପୁରର ୦୬୬୩-୨୯୫୦୩୫୯ ଓ ୦୬୬୩-୨୫୨୦୮୪୫ ନମ୍ବରରେ ଯୋଗାଯୋଗ କରିପାରିବେ। ଅନ୍ୟପକ୍ଷରେ, ନିଯୁକ୍ତି ନାମରେ ଦଲାଲ ଓ ଏଜେଣ୍ଟଙ୍କ ଠକେଇରୁ ସତର୍କ ରହିବାକୁ ପ୍ରାର୍ଥୀମାନଙ୍କୁ ଏଆରଓ ପକ୍ଷରୁ ପରାମର୍ଶ ଦିଆଯାଇଛି। କୌଣସି ବ୍ୟକ୍ତିଙ୍କୁ ନିଜର ମୂଳ ପ୍ରମାଣପତ୍ର ହସ୍ତାନ୍ତର ନକରିବାକୁ କୁହାଯାଇଛି। ଦଲାଲ କିମ୍ବା ଏଜେଣ୍ଟଙ୍କ ସମ୍ପର୍କରେ କୌଣସି ଘଟଣା ଜଣାପଡ଼ିଲେ ତୁରନ୍ତ ସ୍ଥାନୀୟ ପୋଲିସ ଓ ଏଆରଓ ସମ୍ବଲପୁରର ନିଯୁକ୍ତ କର୍ମଚାରୀଙ୍କୁ ଜଣାଇବାକୁ କୁହାଯାଇଛି। ରାଲି ସମୟରେ ଅସାଧୁ ଉପାୟ ଅବଲମ୍ବନ କରୁଥିବା ଦଲାଲ ଓ ଏଜେଣ୍ଟଙ୍କ ବିରୋଧରେ ପୋଲିସ ଓ ବେସାମରିକ ପ୍ରଶାସନ ପକ୍ଷରୁ କଠୋର ପଦକ୍ଷେପ ନିଆଯିବ।

# କାଦୁଅ ରାସ୍ତାରେ ଧାନ ତଳି ରୋଇ ପ୍ରତିବାଦ କଲେ ଗ୍ରାମବାସୀ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ବହୁବାର ଅଭିଯୋଗ ପରେ ମଧ୍ୟ ରାସ୍ତା ସମସ୍ୟାର ସମାଧାନ ନ ହେବାରୁ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କର୍ଲନପାଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ବାରା ଗ୍ରାମର ଗ୍ରାମବାସୀ କାଦୁଅ ରାସ୍ତାରେ ଧାନ ତଳି ରୋଇ ଅଭିନବ ଭାବେ ପ୍ରତିବାଦ କରିଛନ୍ତି। ଗ୍ରାମର ଗୁଣ୍ଡାଲଗୁଡ଼ା ସାହିକୁ ସଂଯୋଗ କରୁଥିବା ରାସ୍ତା ବର୍ଷା ଦିନେ ଅତ୍ୟନ୍ତ ଶୋଚନୀୟ ହୋଇପଡୁଛି। ଫଳରେ ଦୁଇଚକିଆ ଯାନ ଚଳାଚଳ ମଧ୍ୟ ସମ୍ଭବ ହେଉନାହିଁ। ଗୁରୁତର ରୋଗୀ ଓ ଗର୍ଭବତୀ ମହିଳାଙ୍କୁ ଖଟିଆରେ ବୋହି ଦୀର୍ଘ ଦୂରତା ଅତିକ୍ରମ କରି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ପହଞ୍ଚାଇବାକୁ ପଡୁଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ କର୍ମଚାରୀ, ବିଡିଓ ଓ ଜିଲ୍ଲାପାଳଙ୍କ ଜନଶୁଣାଣିରେ ବାରମ୍ବାର ଦାବି ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହାର ପ୍ରତିବାଦରେ ଗ୍ରାମବାସୀ ରାସ୍ତାରେ ଧାନ ତଳି ରୋଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ସମସ୍ୟାର ଶୀଘ୍ର ସମାଧାନ ନ ହେଲେ ୨୦୨୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ରାସ୍ତା ନିର୍ମାଣ ଦାବି ହୋଇଛି।

# ନିଷ୍କାସିତ ହୋଇ ପାରୁନାହିଁ ବର୍ଷା ପାଣି : ତୁରନ୍ତ ଡ୍ରେନ୍ ନିର୍ମାଣ ଦାବି

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡ଼ା ପୌର ପରିଷଦ ୧ ନମ୍ବର ୱାର୍ଡ ସରବାହାଲ ସ୍ଥିତ ଜେଡ଼ିଏସ ଗଳିରେ ବର୍ଷା ଜଳ ନିଷ୍କାସନ ହୋଇ ନପାରି ଗଳି ସାରା ଆଣ୍ଠୁଏ ଉଚ୍ଚର ପାଣି ଜମି ରହୁଥିବାରୁ ସ୍ଥାନୀୟ ବାସିନ୍ଦା, ଛାତ୍ରଛାତ୍ରୀ ନାହିଁ ନଥିବା ହଇରାଣ ହେଉଛନ୍ତି।

ଜେଡ଼ିଏସ ଗଳିର ଜନସାଧାରଣଙ୍କ ଅଭିଯୋଗ ଅନୁଯାୟୀ, ଗଳିର ନିଷ୍କାସିତ ବର୍ଷା ପାଣି ସରବାହାଲ ମୁଖ୍ୟ ଡ୍ରେନ୍‌କୁ ଯିବା କଥା। ମାତ୍ର ନୂତନ ଭାବେ ନିର୍ମାଣ କରାଯାଇଥିବା ମୁଖ୍ୟ ଡ୍ରେନ୍‌ଟି ଜେଡ଼ିଏସ ଗଳିର ଡ୍ରେନ୍ ଠାରୁ ବହୁ ଉଚ୍ଚରେ ତିଆରି ହୋଇଛି। ଫଳରେ ଗଳିର ପାଣି ଉପରକୁ ଚଢ଼ି ମୁଖ୍ୟ ଡ୍ରେନ୍‌କୁ ଯାଇପାରୁ ନାହିଁ। ବର୍ତ୍ତମାନ ଲାଗିରହିଥିବା ଲଗାଣ ବର୍ଷା ଯୋଗୁଁ ଅବସ୍ଥା ଆହୁରି ଶୋଚନୀୟ ହୋଇପଡ଼ିଛି। ପରିସ୍ଥିତି ଏପରି ହେଉଛି ଯେ ସ୍ଥାନୀୟ ଲୋକେ ବାଧ୍ୟ ହୋଇ ୱାଟର ମୋଟର ଲଗାଇ ରାସ୍ତାରୁ ପାଣି ନିଷ୍କାସନ କରୁଛନ୍ତି।

ଏହି ଗଳିରେ ନୂତନ ଡ୍ରେନ୍ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ତୁରନ୍ତ ଏହି ଡ୍ରେନ୍ କାର୍ଯ୍ୟ ଆରମ୍ଭ କରି ଜଳବନ୍ଦୀ ସମସ୍ୟାରୁ ମୁକ୍ତି ଦେବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଏନେଇ ଝାରସୁଗୁଡ଼ା ପୌର ପରିଷଦର ନିର୍ବାହୀ ଅଧିକାରୀ (ଇଓ) ନିଶିକାନ୍ତ ଟେଟେଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନାହିଁ।

# କେ-ମାଳିଗୁଡ଼ା ଗ୍ରାମବାସୀଙ୍କ ଦୁଃଖ ପାଲଟିଛି ଭଙ୍ଗା ଡ୍ୟାମ୍

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ବୈପାରୀଗୁଡ଼ା ବ୍ଲକ କେ-ମାଳିଗୁଡ଼ା ଗ୍ରାମବାସୀଙ୍କ ଦୁଃଖ ପାଲଟିଛି ଭଙ୍ଗା ଡ୍ୟାମ୍ ଯାହାକୁ ନେଇ ଚାଷୀ ଓ ଗ୍ରାମବାସୀ ସମସ୍ୟାରେ ପଡୁଛନ୍ତି। ଚାଷୀ ଦେଶର ମେରୁଦଣ୍ଡ। ଚାଷୀର ଉନ୍ନତିରେ ଦେଶର ପ୍ରଗତି। ତେଣୁ ଚାଷୀଙ୍କ ଉନ୍ନତି ତଥା ଉନ୍ନତଧରଣର ଚାଷ ପ୍ରଣାଳୀ ପାଇଁ ସରକାର ଅନେକ ଯୋଜନା ପ୍ରସ୍ତୁତ କରୁଛନ୍ତି। ଚାଷ ଜମିଗୁଡ଼ିକ ଜଳ ସେଚିତ ହୋଇ ପାରିଲେ ସୁବିଧାରେ ଅଧିକ ପରିମାଣର ଫସଲ ଅମଳ ହେବା ସହ ଚାଷୀଙ୍କର ଉନ୍ନତି ହୋଇପାରିବ। ତେଣୁ ଜମିଗୁଡ଼ିକୁ ଜଳସେଚନର ସୁବିଧା କରିବାକୁ କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ, ଚେକ୍ ଡ୍ୟାମ୍ ଆଦି ପ୍ରକଳ୍ପ ନିର୍ମାଣ କରିବାକୁ ସରକାର ଲକ୍ଷାଧିକ ଟଙ୍କା ଅନୁଦାନ ଦେଉଛନ୍ତି। କିନ୍ତୁ କେତେଜଣ ବିଭାଗୀୟ କର୍ମଚାରୀଙ୍କ ଅପାରଗତା ଯୋଗୁ ସେସବୁ ଯୋଜନାର ସୁଫଳ ଚାଷୀଙ୍କୁ ମିଳିପାରୁ ନ ଥିବା ଅଭିଯୋଗ ହେଉଛି। ଦୀର୍ଘ ଏକ ବର୍ଷ ହେବ ଡ୍ୟାମ୍ ଭାଙ୍ଗିଛି କିନ୍ତୁ ମରାମତି ଦିଗରେ ପ୍ରଶାସନ ଚୁପ୍ ବସିଛି ବୋଲି ଅଭିଯୋଗ ହୋଇଛି। ଯାହାର ଜ୍ୱଳନ୍ତ ଉଦାହରଣ କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ବ୍ଲକ ବୋଦାପୁଟ ପଞ୍ଚାୟତ କେ-ମାଳିଗୁଡ଼ା ଠାରେ ଦେଖିବାକୁ ମିଳିଛି। କେ-ମାଳିଗୁଡା ଗ୍ରାମବାସୀଙ୍କ ଦୁଃଖ ପାଲଟିଛି ଭଙ୍ଗା ଡ୍ୟାମ୍। ଗତ ବର୍ଷ ଲଗାଣ ବର୍ଷାରେ କେ ମାଳିଗୁଡ଼ା ଡ୍ୟାମ୍ ଗେଟ୍ ସମ୍ପୂର୍ଣ୍ଣ ଭାଙ୍ଗିଛି। ଗାଁ ଲୋକେ ବାରମ୍ବାର ମରାମତି ଦାବି କଲେ ବି କେହି କର୍ଣ୍ଣପାତ କରୁ ନ ଥିବା ଜଣାପଡ଼ିଛି। ଏହି ଗାଁରେ ପ୍ରାୟ ୧୨୦ ପରିବାର ବସବାସ କରନ୍ତି। ସମସ୍ତେ ହେଉଛନ୍ତି ମାଳି ସମ୍ପ୍ରଦାୟ ଲୋକ। ଏମାନଙ୍କ ମୁଖ୍ୟ ଜୀବିକା ହେଲା ପରିବା ଚାଷ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଏହି ପ୍ରୋଜେକ୍ଟର ରକ୍ଷଣା-ବେକ୍ଷଣ ଅଭାବରୁ ବ୍ୟାପକ ନଷ୍ଟ ହୋଇଛି। ଗତ କୋଡିଏ ବର୍ଷ ତଳେ ଏହି ଡ୍ୟାମ୍ ମରାମତି ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆ ଯାଇନାହିଁ। ବୋଦାପୁଟ ପଞ୍ଚାୟତର କେ ମାଳିଗୁଡ଼ା ସମତ ଆଖ ପାଖ ୬ ଖଣ୍ଡ ଗାଁ କୁସପାର, ଚିକିମା, କୁରୁକୁଟି, ରାଉଲି ଗୁଡ଼ା, ରାଉତଗୁଡା ଭଳି ବିଭିନ୍ନ ଗାଁ ଜମିରେ ଜଳ ସେଚିତ ହୋଇଥାଏ। କିନ୍ତୁ ଡ୍ୟାମ ଭାଙ୍ଗିବା ଯୋଗୁଁ ହନ୍ତସନ୍ତ ହେଉଛନ୍ତି ଅଞ୍ଚଳବାସୀ। ଏହି ସ୍ଥାନରେ ସ୍ଥାୟୀ ପ୍ରତିକାର ପାଇଁ ଚାଷୀମାନେ ଦାବି କରିଛନ୍ତି। ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ ପନ୍ଥା ଗ୍ରହଣ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଏବେ ବି ବିକାଶଠୁ ବହୁ ଦୂରରେ ୭୫ ବର୍ଷର ସୁବର୍ଣ୍ଣପୁର ପୌରପାଳିକା

**ସୋନପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ପୌରପାଳିକା ଓଡ଼ିଶାର ଅନ୍ୟତମ ପୁରାତନ ପୌରପାଳିକା। ୧୯୫୦ ମସିହାରେ ବ୍ରିଟିଶ ଶାସନ ସମୟରେ ସୋନପୁର ରାଜ୍ୟରେ ପୌରପାଳିକା ସ୍ଥାପନ ହୋଇଥିଲା। ସ୍ୱାଧୀନତା ପରେ ସହରର ଗୁରୁତ୍ୱ ତଥା ସେତେବେଳର ବାଣିଜ୍ୟ ବ୍ୟବସାୟକୁ ଦୃଷ୍ଟିରେ ରଖି ୧୯୫୧ରେ ରାଜ୍ୟ ସରକାର ପୌରପାଳିକା ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହା ଏକ ଐତିହ୍ୟ ତଥା ସଂସ୍କୃତିସମ୍ପନ୍ନ ମନ୍ଦିରମାଳିନୀ ସହର। ପୌରପାଳିକାର ୭୫ବର୍ଷ ପୂର୍ତ୍ତି ପାଳନ ଅବସରରେ ଗୌରବମୟ ଇତିହାସକୁ ମନେପକାଇ ସ୍ୱାୟତ୍ତ ଶାସନ ଦିବସ ତଥା ହୀରକ ଜୟନ୍ତୀ ସମାରୋହରେ ପୌର ପରିଷଦ କାର୍ଯ୍ୟାଳୟ ଉତ୍ସବ ମୁଖର ହୋଇଥିଲା। ତେବେ ପ୍ରଶ୍ନ ଉଠେ ଯେଉଁ ଲକ୍ଷ୍ୟ ନେଇ ରାଜାଙ୍କ ଶାସନ ଅମଳରୁ ଏହି ପୌର ପରିଷଦ ଗଠନ ହୋଇଛି ସେଥିରୁ ଆଜି କେତେ ପୂରଣ ହୋଇଛି। ୯୦ ପ୍ରତିଶତରୁ ଅଧିକ




ନିର୍ମାଣ ଯୋଜନା ମୁତାବକ ହୋଇ ନ ଥିବାବେଳେ ଡ୍ରେନ୍ ସମସ୍ୟା ଆଜି ବି ପୌରବାସୀଙ୍କୁ ଯନ୍ତ୍ରଣା ଦେଉଛି। ପୌରପାଳିକାର ଯେଉଁଭଳି ବିକାଶ ହେବା କଥା ତାହା ହୋଇନାହିଁ। ଏବେ ବି ଲୋକେ ମୌଳିକ ସୁବିଧା ପାଇବା ପାଇଁ ସଂଘର୍ଷ କରୁଛନ୍ତି।

ଓଡ଼ିଶାର ମଧ୍ୟଭାଗରେ ଥିବା ସୁବର୍ଣ୍ଣପୁର ସହରର ବିକାଶ ପାଇଁ ଯଥେଷ୍ଟ ଭିତ୍ତିଭୂମି ଅଛି। ତିନିପାର୍ଶ୍ୱରେ ଚିରସ୍ରୋତା ତେଲ ଓ ମହାନଦୀ ଘେରି ରହିଛି। ମାତ୍ର ଯୋଜନାବଦ୍ଧ ବିକାଶ ହୋଇପାରିନି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ଆସୁଥିବା ଅନେକ କୋଟି ଟଙ୍କା ବିନା ଯୋଜନାରେ କାର୍ଯ୍ୟକାରୀ ହେଉଛି। ଷ୍ଟାଡିୟମ, ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ଅଛି। ସହରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଧ୍ୟାନ ଦିଆଯାଉନି। ମୁଖ୍ୟ ସ୍ଥାନଗୁଡ଼ିକରେ ସିସି କ୍ୟାମେରା ସ୍ଥାପନ ହୋଇପାରିନି। ପ୍ରସ୍ତାବିତ ମାଷ୍ଟରପ୍ଲାନ ନାଳିଫିତା ତଳେ ରହିଯାଇଛି। ସହରର ଜନସଂଖ୍ୟା ବୃଦ୍ଧି ପାଇ ଏବେ ୩୦ ହଜାର ଟପିଲାଣି। ମାତ୍ର ଏଯାଏ ଆଶା ଅନୁରୂପ ବିକାଶ ହୋଇପାରିନି। ସ୍ୱରେଜ ବ୍ୟବସ୍ଥା ନ ଥିବା ବେଳେ ସହରର ମଇଳା ପାଣି ସିଧାସଳଖ ମହାନଦୀକୁ ଛଡ଼ାଯାଉଛି। ଘରୋଇକରଣ ପରେ ପରିମଳ ବ୍ୟବସ୍ଥାରେ ସୁଧାର ଆସିବା ପରିବର୍ତ୍ତେ ଯୋଜନାଟି ବାଟବଣା ହୋଇଛି। ବସ୍ତିଗୁଡ଼ିକରେ ଗୃହ ନିର୍ମାଣ ଓ ରାସ୍ତା ଘାଟର ଅବସ୍ଥା ସୁଧୁରିଛି। ତେବେ ପରିମଳ ବ୍ୟବସ୍ଥା ପ୍ରତି ଦୃଷ୍ଟି ଦିଆଯାଇନି। ସହରର ପ୍ରମୁଖ ଛକଗୁଡ଼ିକରେ ଆବର୍ଜନା ବାକ୍ସ ନାହିଁ। ପୌରାଞ୍ଚଳବାସୀ ଏବେ ବି ରାସ୍ତା, ଡ୍ରେନ୍, ଲାଇଟ୍ ଓ ପିଇବା ପାଣି ଆଦି ସମସ୍ୟା ଭୋଗୁଛନ୍ତି। ଉନ୍ନୟନ କାର୍ଯ୍ୟ ନାମରେ ପୁରାତନ ଗଛଗୁଡ଼ିକ କାଟି ଦିଆଯାଉଥିବାବେଳେ ସେହି ଅନୁଯାୟୀ ନୂତନ ଚାରାରୋପଣ କରାଯାଉନି। ଇତିମଧ୍ୟରେ ୧୫ଟି ପୌର ପରିଷଦ ଗଠନ ହୋଇସାରିଛି। ତେବେ ବିକାଶ ଯେଉଁ ତିମିରକୁ ସେଇ ତିମିର। ରକ୍ଷଣାବେକ୍ଷଣ ଅଭାବରୁ ସହରର ପୁରାତନ ମନ୍ଦିର ଓ ରାଜପ୍ରାସାଦ ଧ୍ୱଂସାଭିମୁଖୀ ହେବାକୁ ବସିଲାଣି। ସହରରେ ସରକାରୀ ଜମି, ପ୍ରାକୃତିକ ନାଳଗୁଡ଼ିକୁ ଜବରଦଖଲ କରାଯାଉଛି। ଏକ ଆଦର୍ଶ ପୌରପାଳିକା ଗଠନ ପାଇଁ ଏହି ସବୁ ସମସ୍ୟା ପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି।

# ସମୁଦ୍ର ଆଁରେ ପୁରୁଣା ପଞ୍ଚୁବରାହୀ ମନ୍ଦିର, ସମ୍ପୂର୍ଣ୍ଣ ବିଲୀନ ହେଲା ସାତଭାୟାର ଶେଷସନ୍ତକ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ୍‌ର ସାତଭାୟାରେ କୂଳ ଲଂଘିଛି ସମୁଦ୍ର। ସମୁଦ୍ର ଗର୍ଭରେ ଲୀନ ହୋଇଛି ସାତଭାୟାର ଶେଷ ସନ୍ତକ କୁହାଯାଉ ଥିବା ପ୍ରାଚୀନ ପଞ୍ଚୁବରାହୀ ମନ୍ଦିର। ପ୍ରବଳ ବର୍ଷା ସାଙ୍ଗକୁ ଉଚ୍ଚ ଜୁଆର ଆସି ମନ୍ଦିରକୁ ସମୁଦ୍ର ଗର୍ଭକୁ ଟାଣି ନେଇଛି। ଦିନକୁଦିନ ସମୁଦ୍ର କୂଳ ଲଂଘି ଚାଲିଥିବାରୁ ସରକାର ସାତଭାୟା-ବାସୀଙ୍କୁ ବଗପାଟିଆଠାରେ ଥଇଥାନ କରିବା ସହ ସାତଭାୟାର ଆରାଧ୍ୟା ଦେବୀ ମା' ପଞ୍ଚୁବରାହୀଙ୍କୁ ନୂଆ ମନ୍ଦିରକୁ ସ୍ଥାନାନ୍ତରିତ କରିଥିଲେ।

ସାତଭାୟାର ଶେଷ ସନ୍ତକ ଭାବେ ପଞ୍ଚୁବରାହୀଙ୍କ ପୁରୁଣା ମନ୍ଦିର ସମୁଦ୍ର କୂଳରେ ଥିଲା। ତାହା ସମୁଦ୍ରର କରାଳ ଗର୍ଭରେ ଲୀନ ହୋଇଯାଇଛି। ମା' ପଞ୍ଚୁବରାହୀଙ୍କୁ ସ୍ଥାନାନ୍ତର କରାଯିବା ପରେ ସମୁଦ୍ର କୂଳରେ ଥିବା ତାଙ୍କର ପୁରାତନ ମନ୍ଦିର ସୁରକ୍ଷିତ ଥିଲା। କିଛି ବର୍ଷ ପରେ ସମୁଦ୍ରର କ୍ରମାଗତ ଉଚ୍ଚ ଢେଉ ମାଡ଼ରେ ମନ୍ଦିର ଭୁଶୁଡ଼ି ପଡ଼ିଲା। ସାତଭାୟାର ଲୋକମାନେ ବଗପାଟିଆ



ଥଇଥାନ କେନ୍ଦ୍ରକୁ ଚାଲି ଆସିବା ପରେ କିଛି ପରିବାରଙ୍କ ସହ ମଇଁଷି ଜଗୁଆଳ ସେଠାରେ ରହି ଯାଇଥିଲେ। ପ୍ରତିଦିନ ମଇଁଷି ଜଗୁଆଳ କ୍ଷୀର ନେଇ ମା'ଙ୍କ ଆସ୍ଥାନ ନିକଟରେ ଢାଳି ପୂଜା କରୁଥିଲେ। ମାତ୍ର ବର୍ଷ କେତେଟା ପରେ ସବୁକିଛି ନିଶ୍ଚିହ୍ନ ହୋଇଯାଇଛି।

୨୦୨୫ ଡିସେମ୍ବର ଶେଷ ବେଳକୁ ମନ୍ଦିରର କିଛି ଭଗ୍ନାବଶେଷ ରହିଯାଇଥିଲା। ଏହା ଏବେ ସମୁଦ୍ରରେ ସମ୍ପୂର୍ଣ୍ଣ ବିଲୀନ ହୋଇଯାଇଛି। ସାତଭାଇଙ୍କ ଗାଁ କୁହାଯାଉଥିବା ସାତଭାୟା ସମୁଦ୍ରର କରାଳ ଗ୍ରାସରେ ଲୀନ ହେବାର ଆଶଙ୍କା ପ୍ରକାଶ ପାଇବା ପରେ ଭିଟାମାଟି ହରାଉଥିବା ସାତଭାୟାବାସୀଙ୍କୁ ସରକାର ଗୁପ୍ତି ପଞ୍ଚାୟତର ବଗପାଟିଆଠାରେ ଥଇଥାନ କରିଥିଲେ। ଏହା ସାତଭାୟାବାସୀଙ୍କ ନୂଆ ଠିକଣା ପାଲଟିଥିଲା। ୨୦୧୭ ମସିହାରେ ବହୁପ୍ରତୀକ୍ଷିତ ସାତଭାୟା ଥଇଥାନ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲା। ସେହି ବର୍ଷ ମେ' ମାସ ସୁଦ୍ଧା ସ୍ଥାନାନ୍ତର ହୋଇ ବଗପାଟିଆ ଥଇଥାନ କେନ୍ଦ୍ରକୁ ୫୭୧ ପରିବାର ଆସିଥିଲେ। ପରବର୍ତ୍ତୀ ସମୟରେ ବଞ୍ଚିତ ରହିଯାଇଥିବା ୧୪୮ ପରିବାରରୁ ପ୍ରାୟ ୫୦ରୁ ଅଧିକ ପରିବାର ଆସି ରହିସାରିଲେଣି। ସାତଭାୟାବାସୀଙ୍କ ଜିଦ୍ ଥିଲା କି, ଆମକୁ ଥଇଥାନ କରିବା ପୂର୍ବରୁ ମା' ପଞ୍ଚୁବରାହୀଙ୍କୁ ମନ୍ଦିରରୁ ସ୍ଥାନାନ୍ତର କରାଯାଉ।

## ଗୋମାତା ସୁରକ୍ଷା ଅଭିଯାନ

# ୧୦୦ରୁ ଉର୍ଦ୍ଧ୍ୱ ବୁଲା ଗୋରୁଙ୍କୁ ଲଗାଗଲା ରେଡ଼ିୟମ ବ୍ୟାଣ୍ଡ

**ବଲାଙ୍ଗୀର, ନ୍ୟୁଜ୍ ବ୍ୟୁରୋ**

ରାତ୍ରିକାଳୀନ ସଡ଼କ ଦୁର୍ଘଟଣାରୁ ବୁଲା ଗୋରୁ ଏବଂ ଯାତ୍ରୀଙ୍କ ଜୀବନ ରକ୍ଷା ଉଦ୍ଦେଶ୍ୟରେ ବଲାଙ୍ଗୀର ପୌରାଞ୍ଚଳରେ 'ଗୋମାତା ସୁରକ୍ଷା ଅଭିଯାନ' ଅଧୀନରେ ରେଡିୟମ ବ୍ୟାଣ୍ଡ (ପ୍ରତିଫଳକ ପଟି) ବନ୍ଧା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ, ସ୍ଥାନୀୟ ପୋଲିସ ପ୍ରଶାସନ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ମିଳିତ ସହଯୋଗରେ ଏହି ସଚେତନତା ଓ ସୁରକ୍ଷାମୂଳକ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପାଦିତ ହୋଇଛି। ରାସ୍ତାରେ ବୁଲୁଥିବା ଗୋରୁମାନେ ଅନ୍ଧାରରେ ସ୍ପଷ୍ଟ ଭାବେ ଦୃଶ୍ୟମାନ ନହେବା ଯୋଗୁଁ ପ୍ରାୟତଃ ମାରାତ୍ମକ ଦୁର୍ଘଟଣା ଘଟିଥାଏ। ଏହି ସମସ୍ୟାର ସମାଧାନ ପାଇଁ ସହରର ବିଭିନ୍ନ ପ୍ରମୁଖ ଛକ ଓ ରାସ୍ତାକଡ଼ରେ ବୁଲୁଥିବା ପ୍ରାୟ ୧୦୦ଟି ଗୋରୁଙ୍କ ବେକ ଏବଂ ଶିଙ୍ଗରେ ଉଚ୍ଚ ପ୍ରତିଫଳନ କ୍ଷମତା ବିଶିଷ୍ଟ ରେଡ଼ିୟମ ବ୍ୟାଣ୍ଡ ବନ୍ଧାଯାଇଛି। ଫଳରେ ରାତି ସମୟରେ ଯାନବାହନର ଆଲୋକ ପଡ଼ିବା କ୍ଷଣି ଗୋରୁମାନେ ଦୂରରୁ ସ୍ପଷ୍ଟ ଜଣାପଡ଼ିବେ ଏବଂ ଦୁର୍ଘଟଣାକୁ ରୋକାଯାଇ ପାରିବ। ଏହି ଅଭିଯାନରେ ବଲାଙ୍ଗୀର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ମୋହନ ମାଣିଆ, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ୟୁନିଟ୍‌ର ଭି.ଏ.ଏସ୍. ଡାକ୍ତର ମୋନାଲି ଦାଶ ଏବଂ



ଭି.ଏ.ଏସ୍. ଡାକ୍ତର ସୁରମ୍ୟା ପ୍ରିୟଦର୍ଶିନୀ ପଣ୍ଡା ଉପସ୍ଥିତ ରହି ସମଗ୍ର କାର୍ଯ୍ୟକ୍ରମର ତଦାରଖ କରିଥିଲେ। ଏହାସହିତ ଏମ୍‌ଭିୟୁ ଓ ଏଅଟ୍‌ଏଲ୍‌ର କର୍ମଚାରୀ, ଲକ୍ଷ୍ମୀଜୋର ଫାଣ୍ଡି/ଥାନାର ପୋଲିସ ଅଧିକାରୀ ଏବଂ ସ୍ଥାନୀୟ ଯୁବ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି ଏହି ସେବା କାର୍ଯ୍ୟରେ ସକ୍ରିୟ ସହଯୋଗ କରିଥିଲେ। ପ୍ରାଣୀ ସମ୍ପଦ ବିଭାଗ ଏବଂ ପୋଲିସ ପ୍ରଶାସନର ଏହି ମହତ୍ ପ୍ରୟାସକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଲୋକେ ବେଶ୍ ପ୍ରଶଂସା କରିଛନ୍ତି। ଆଗାମୀ ଦିନରେ ମଧ୍ୟ ପୌରାଞ୍ଚଳର ବାକି ଅଞ୍ଚଳରେ ଏହି ଅଭିଯାନ ଜାରି ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଜୟପୁର ପେଟ୍ରୋଲ ପମ୍ପ୍‌ରେ ମିଳୁନି ଫ୍ରି ଏୟାର

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ପେଟ୍ରୋଲ ପମ୍ପ ଖୋଲିବା ସମୟରେ ପେଟ୍ରୋଲିୟମ କମ୍ପାନୀମାନେ ଯାନବାହାନ ଗୁଡ଼ିକର ଅତ୍ୟାବଶ୍ୟକ ସାମଗ୍ରୀର ସୁବିଧା ରଖିବା ବାଧ୍ୟତାମୂଳକ କରିଛନ୍ତି। ପମ୍ପ ଖୋଲିବା ପାଇଁ ଲାଇସେନ୍ସ ମଞ୍ଜୁର କରିବା ପୂର୍ବରୁ ଗ୍ରାହକଙ୍କ ପାଇଁ ପମ୍ପ ପରିସରରେ ଶୌଚାଳୟ, ପିଇବା ପାଣି, ଗାଡ଼ି ଚକ ଗୁଡ଼ିକରେ ପମ୍ପ ଦେବା ପାଇଁ ମୁକ୍ତ ବାୟୁର ବ୍ୟବସ୍ଥା କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ, କୋରାପୁଟ ଜିଲ୍ଲାର କୋରାପୁଟ, ଜୟପୁର, ସେମିଳିଗୁଡ଼ା, ବୋରିଗୁମ୍ମା, କୋରାପୁଟରେ ଉପଖଣ୍ଡର ଅଧିକାଂଶ ପେଟ୍ରୋଲ ପମ୍ପରେ ଗାଡ଼ି ଚାଳକମାନଙ୍କ ବ୍ୟବହାର ପାଇଁ ମୁକ୍ତ ବାୟୁର ବ୍ୟବସ୍ଥା କରାଯାଉ ନଥିବା ଦେଖାଯାଇଛି। ଏପରିକି ଅନେକ ପମ୍ପରେ ଶୌଚାଳୟର ବ୍ୟବସ୍ଥା କରି ସୁଦ୍ଧା କେବଳ ସେହି ପେଟ୍ରୋଲ ପମ୍ପରେ ପେଟ୍ରୋଲ ଓ ଡିଜେଲ ଭରୁଥିବା ଗ୍ରାହକମାନଙ୍କୁ ମାଗଣା ଶୌଚାଳୟ ସୁବିଧା ଯୋଗାଉଥିବା ଦେଖାଯାଇଛି। ଜିଲ୍ଲାର କିଛି ପେଟ୍ରୋଲ ପମ୍ପରେ ମାଲିକମାନେ ନିଜସ୍ୱ ଉଦ୍ୟମରେ ମୁକ୍ତବାୟୁ ବ୍ୟବସ୍ଥା କରିଥିବା ବେଳେ ଅଧିକାଂଶ ପମ୍ପରେ ଏହା କେବଳ ଧର୍ମକୁ ଆଖିଠାର ଭଳି ରଖାଯାଇଛି। ଏପରିକି କିଛି ପମ୍ପରେ ଏଭଳି ବ୍ୟବସ୍ଥା ଆରମ୍ଭରୁ କାର୍ଯ୍ୟକ୍ଷମ କରାଯାଇ ନଥିବା ଦେଖାଯାଇଛି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। କୋରାପୁଟ ଜିଲାରେ ସମସ୍ତ ବ୍ଲକ ଓ ସହରାଞ୍ଚଳର ମୁଖ୍ୟରାସ୍ତା ସହ ବିଭିନ୍ନ ରାସ୍ତା କଡ଼ରେ ବିଭିନ୍ନ ପେଟ୍ରୋଲିୟମ କମ୍ପାନୀର ପ୍ରାୟ ୨୫ରୁ ଅଧିକ ପେଟ୍ରୋଲ ପମ୍ପ ରହିଛି। ପେଟ୍ରୋଲ ପମ୍ପ




ଖୋଲିବା ପୂର୍ବରୁ ସମ୍ପୃକ୍ତ କମ୍ପାନୀମାନେ ନୂତନ ଭାବେ ଖୋଲା ଯାଉଥିବା ପମ୍ପ ପରିସରରେ ଗ୍ରାହକଙ୍କ ବ୍ୟବହାର ପାଇଁ ପୃଥକ ଭାବେ ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ, ପିଇବା ପାଣି ସାଙ୍ଗକୁ ଗ୍ରାହକଙ୍କ ଗାଡ଼ି ଚକରେ ପମ୍ପ ଦେବା ପାଇଁ ମୁକ୍ତବାୟୁର ବ୍ୟବସ୍ଥା ଥିବା ସମ୍ପର୍କରେ ଆବଶ୍ୟକ ପ୍ରମାଣପତ୍ର ଦାଖଲ କରିବା ପରେ ବିଭାଗୀୟ କର୍ତ୍ତୃପକ୍ଷ ଲାଇସେନ୍ସ ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ହେଲେ କୋରାପୁଟ ଜିଲ୍ଲାର ପେଟ୍ରୋଲ ପମ୍ପରେ ଏହି ବ୍ୟବସ୍ଥା କେବଳ ଲୋକ ଦେଖାଣିଆ ଭାବରେ ରହିଥିବା ଦେଖାଯାଉଛି। ଏପରିକି ଅନେକ ପମ୍ପରେ ଏହି ବ୍ୟବସ୍ଥା ବର୍ଷ ବର୍ଷ ଧରି ଅଚଳ ହୋଇ ପଡ଼ିରହିଥିବା ବେଳେ ଜୟପୁରରେ କାର୍ଯ୍ୟକାରୀ ହୋଇପାରି ନାହିଁ। ନିୟମିତ ବ୍ୟବଧାନରେ କମ୍ପାନୀ ପକ୍ଷରୁ ସମ୍ପୃକ୍ତ ପମ୍ପଗୁଡ଼ିକର ତଦାରଖ କରାଯାଉଥିବା ବେଳେ ଉପଖଣ୍ଡର ଅଧିକାଂଶ ପମ୍ପରେ ମୁକ୍ତବାୟୁ ସୁବିଧା ନଥିଲେ ମଧ୍ୟ କେଉଁ ଆଧାରରେ ସେମାନେ ପ୍ରମାଣପତ୍ର ଦେଉଛନ୍ତି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ପେଟ୍ରୋଲ ପମ୍ପ ଗୁଡ଼ିକରେ ଥିବା ଅନେକ ବ୍ୟବସ୍ଥାର ତଦାରଖ ଦାୟିତ୍ୱ କେବଳ ସମ୍ପୃକ୍ତ କମ୍ପାନୀ କର୍ତ୍ତୃପକ୍ଷଙ୍କ ନିଜସ୍ୱ ଅଧୀନରେ ରହୁଛି। ଯାହାଫଳରେ ଏଭଳି ଅସୁବିଧା ଜିଲା ପ୍ରଶାସନ ଜାଣିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରିବା ଅସମ୍ଭବ ହୋଇ ପଡୁଥିବା ଦେଖାଯାଉଛି। ଏ ଦିଗରେ ପେଟ୍ରୋଲିୟମ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁସାଧାରଣରେ ଦାବି ହେଉଛି।

## ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟରେ ଅଳିଆ ଆବର୍ଜନା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ସରକାରଙ୍କ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନକୁ ଗୁରୁତ୍ୱ ଦିଆଯାଉଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟ ପରିସରର ଅସ୍ୱଚ୍ଛ ପରିବେଶ ଏବେ ଚର୍ଚ୍ଚାର ବିଷୟ ହୋଇଛି। ବ୍ଲକ କାର୍ଯ୍ୟାଳୟ ଭିତରେ ଥିବା ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଓ ସମ୍ମିଳନୀ କକ୍ଷ ପରିସରରେ ଦୀର୍ଘଦିନ ଧରି ଲଟା, କଣ୍ଟା ଓ ଅଳିଆ ଆବର୍ଜନା ପଡ଼ି ରହିଥିବା ଅଭିଯୋଗ ହୋଇଛି। ବ୍ଲକ କାର୍ଯ୍ୟାଳୟକୁ ବିଭିନ୍ନ ସମସ୍ୟା ଓ ଅଭିଯୋଗ ନେଇ ପ୍ରତିଦିନ ଲୋକମାନେ ଆସୁଥିବାବେଳେ ବସିବା ପାଇଁ ଆବଶ୍ୟକ ସ୍ଥାନର ମଧ୍ୟ ଅଭାବ ଦେଖାଦେଇଛି। ଅଳିଆ ଆବର୍ଜନା ଯୋଗୁଁ ବିଭିନ୍ନ ପ୍ରକାର ବିଷଧର ସାପ ଓ ଅନ୍ୟାନ୍ୟ ଜୀବଜନ୍ତୁଙ୍କ ଭୟ ମଧ୍ୟ ରହୁଛି। ଦୀର୍ଘଦିନ ଧରି ସଫେଇ ହେଉନଥିବାରୁ କାର୍ଯ୍ୟାଳୟକୁ ଆସୁଥିବା ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

## ଫାସ୍‌ଟ୍ୟାଗ୍ ବଦଳରେ 'ୱାନ୍ ଟ୍ୟାଗ୍'ରେ ବଦଳାଇପାରିବେ ବ୍ୟାଙ୍କ

ବର୍ତ୍ତମାନ ଉପଭୋକ୍ତାଙ୍କୁ ପୁରୁଣା ଆକାଉଣ୍ଟ ବନ୍ଦ କରିବାକୁ ପଡ଼ିବ ନାହିଁ । ଗୋଟିଏ ଫାଷ୍ଟାଟ୍ୟାଗ୍ ଷ୍ଟିକର୍ ସିଧାସଳଖ ଭିନ୍ନ ଭିନ୍ନ ବ୍ୟାଙ୍କଗୁଡ଼ିକ ମଧ୍ୟରେ ପୋର୍ଟେବଲ୍ ହୋଇଯିବ ।

ବର୍ତ୍ତମାନ ଫାଷ୍ଟାଗ୍ ୟୁଜର୍ସଙ୍କ ପାଇଁ ବଡ଼ ଆଶ୍ୱସ୍ତିକର ଖବର ସାମ୍ନାକୁ ଆସିଛି। ବ୍ୟାଙ୍କ ବଦଳାଇବା ପାଇଁ ଗାଡ଼ିର ୱିଣ୍ଡସିଲ୍ଡରୁ ପୁରୁଣା ଷ୍ଟିକର୍ କାଢ଼ିବା କିମ୍ବା ନୂଆ ଫିଜିକାଲ୍ ଟ୍ୟାଗ୍ ଲଗାଇବାର ଆବଶ୍ୟକତା ଆଉ ରହିବ ନାହିଁ । ମୋବାଇଲ୍ ସିମ୍ ପରି ଏବେ ଫାଷ୍ଟାଗ୍ ମଧ୍ୟ ସହଜରେ ପୋର୍ଟ ହୋଇଯିବ । ମୁମ୍ବାଇରେ ଅନୁଷ୍ଠିତ 'ଗ୍ଲୋବାଲ୍ ଫିନଟେକ୍ ଫେଷ୍ଟ ୨୦୨୬' ଅବସରରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ଶୁକ୍ରବାର ଦିନ 'ୱାନ୍‌ଟ୍ୟାଗ୍' ନାମକ ଏହି ଅଭିନବ ସେବାର ଶୁଭାରମ୍ଭ କରିଛନ୍ତି । 'ୱାନ୍‌ଟ୍ୟାଗ୍' ଆସିବା ପରେ ବ୍ୟବସ୍ଥାରେ କ'ଣ ପରିବର୍ତ୍ତନ ଆସିଲା ? ଏଯାଏଁ ବ୍ୟାଙ୍କ ବଦଳାଇବାକୁ ହେଲେ ଉପଭୋକ୍ତାଙ୍କୁ ପୁରୁଣା ଟ୍ୟାଗ୍ ଆକାଉଣ୍ଟ ବନ୍ଦ କରିବାକୁ ପଡୁଥିଲା । ଏହାପରେ ନୂଆ ପ୍ରକ୍ରିୟା ମାଧ୍ୟମରେ ଏକ ନୂତନ ଫିଜିକାଲ୍ ଷ୍ଟିକର୍ ତିଆରି କରାଇବାକୁ ପଡୁଥିଲା। ବର୍ତ୍ତମାନ ଉପଭୋକ୍ତାଙ୍କୁ ପୁରୁଣା ଆକାଉଣ୍ଟ ବନ୍ଦ କରିବାକୁ ପଡ଼ିବ ନାହିଁ । ଗୋଟିଏ ଫାଷ୍ଟାଗ୍ ଷ୍ଟିକର୍ ସିଧାସଳଖ ଭିନ୍ନ ଭିନ୍ନ ବ୍ୟାଙ୍କଗୁଡ଼ିକ ମଧ୍ୟରେ ପୋର୍ଟେବଲ୍ ହୋଇଯିବ । ଟୋଲ୍ ପ୍ଲାଜାରେ ଟିକସ୍ କଟିବା ପ୍ରକ୍ରିୟା ସମ୍ପୂର୍ଣ୍ଣ ଆଗ ଭଳି ରହିବ, ସେଥିରେ କୌଣସି ପରିବର୍ତ୍ତନ ହୋଇନାହିଁ। ଟୋଲ୍‌ରେ ଗାଡ଼ି ରୋକିବା କିମ୍ବା କିଛି ନୂଆ କରିବାକୁ ପଡ଼ିବ ନାହିଁ । ଏହାର ବ୍ୟାକ୍ ଏଣ୍ଡରେ ଥିବା ସମସ୍ତ କମ୍ପ୍ୟୁଟର ସିଷ୍ଟମକୁ 'ନ୍ୟାସନାଲ୍ ଇଲେକ୍ଟ୍ରୋନିକ୍ ଟୋଲ୍ କଲେକ୍ସନ୍' (NPCI) ପରିଚାଳନା କରିବ, ଯାହା ନୂତନ ବ୍ୟାଙ୍କର ସୂଚନାକୁ ଆପେ ଆପେ ଅପଡେଟ୍ କରିଦେବ । ଅର୍ଥାତ୍ ଟୋଲ୍ ପ୍ଲାଜା ଦେଇ ଯିବା ବେଳେ ଗାଡ଼ି ଚାଳକଙ୍କ ପାଇଁ ପ୍ରକ୍ରିୟାରେ କୌଣସି ପରିବର୍ତ୍ତନ ହେବ ନାହିଁ । ବାରମ୍ବାର ନୂତନ ଫିଜିକାଲ୍ ଫାଷ୍ଟାଗ୍ ତିଆରି କରିବା, ସେଗୁଡ଼ିକୁ ପଠାଇବା ଏବଂ ପୁନଃ ଜାରି କରିବାର ଆବଶ୍ୟକତା ବହୁ ପରିମାଣରେ କମିଯିବ ବୋଲି ସରକାର ଆଶା କରିଛନ୍ତି । ଏହାଦ୍ୱାରା ପରିବେଶ ଏବଂ ସମ୍ବଳ ଉଭୟ ସୁରକ୍ଷିତ ରହିବ । ରେଡିଓ ଫ୍ରିକ୍ୱେନ୍ସି ଆଇଡେଣ୍ଟିଫିକେସନ୍ (RFID): ଏହା ଏକ ଏପରି ୱାୟାରଲେସ୍ ପ୍ରଯୁକ୍ତିବିଦ୍ୟା, ଯାହା ରେଡିଓ ତରଙ୍ଗର ବ୍ୟବହାର କରି ଫାଷ୍ଟାଗ୍ ଷ୍ଟିକରରେ ଥିବା ଚିପ୍‌ରୁ ତଥ୍ୟ ପଢ଼ିଥାଏ ଏବଂ ଗାଡ଼ି ନ ରଖି ଟୋଲ୍ ସଂଗ୍ରହକୁ ସମ୍ଭବ କରିଥାଏ । ନ୍ୟାସନାଲ୍ ଇଲେକ୍ଟ୍ରୋନିକ୍ କଲେକ୍ସନ୍ (NETC): ଏହା NPCI ଦ୍ୱାରା ପ୍ରସ୍ତୁତ ଏକ ଇଣ୍ଟରଅପରେବଲ୍ ପ୍ଲାଟଫର୍ମ, ଯାହା ସମଗ୍ର ଭାରତର ଟୋଲ୍ ପ୍ଲାଜା, ବ୍ୟାଙ୍କ ଏବଂ ଗାଡ଼ି ମାଲିକମାନଙ୍କୁ ଏକ ଡିଜିଟାଲ୍ ନେଟୱାର୍କରେ ଯୋଡ଼ିଥାଏ ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ଶକ୍ତି

ବାହ୍ୟ ବସ୍ତୁକୁ ଦେଖି ଅନ୍ତର୍ନିହିତ ଶକ୍ତିର ମୂଲ୍ୟ ନିରୂପଣ କରାଯାଏ ନାହିଁ। ତେଣୁ ହେ ସୁଧିଜନ ବର୍ତ୍ତମାନ ସମସ୍ତେ ଉପରମୁହାଁ। ନାରୀ, ମଦ, ସମ୍ପଦ ଉପରେ ନିର୍ଭରଶୀଳ ସମାଜ କଣ ତିଷ୍ଠିପାରିବ ବେଶି ସମୟ, ଭଲ କରି ବିଚାର କରି ଦେଖ । ଦୁର୍ଯ୍ୟୋଧନ ରକ୍ତନଦୀ ସନ୍ତରଣ କରିବା ଯାହା ବର୍ତ୍ତମାନର ମନୁଷ୍ୟ ସେହିପରି କାଳଫାଶ ଦ୍ୱାରା ବନ୍ଦୀ ହୋଇ ସାରିଲେଣି। ଖାଲି ବାହ୍ୟ ଚକାଚକ୍‌ରେ ନିଜକୁ ହଜାଇ ଦେଲେଣି। ଅନ୍ତରର ସ୍ୱର ଲିଭିଗଲାଣି। ଆଉ ପୁରୁଷତ୍ୱ ନାହିଁ। ସବୁ ବାବନା ଭୂତ। ଭଲ ମଣିଷ ପୁରସ୍କୃତ ହେବା ପରିବର୍ତ୍ତେ ତିରସ୍କାର ପାଉଛି। ଏହାର କାରଣ ସମସ୍ତେ ନୀତିହରା ପଥଭ୍ରଷ୍ଟ ହୋଇ ସାରିଲେଣି। ଆଉ ଗୁରୁ ଶିଷ୍ୟର ପରମ୍ପରା ନାହିଁ। ଭକ୍ତ ଭଗବାନ ସମ୍ପର୍କ ଖାଲି ବାହ୍ୟ ଆବରଣ ନୀତି ଆଦର୍ଶ ନାଁରେ ଖାଲି ଲୁଣ୍ଠନ । ପରମାର୍ଥିକ ପ୍ରେମ ଫିକା ପଡିଗଲାଣି,ମଣିଷର ହସ ଲିଭିଗଲାଣି, ଭାବ ହଜିଗଲାଣି। ଅନ୍ତର୍ମୁଖୀ ହସ କେବଳ ମୁଖରେ, ସେଥିରେ ମାଦକତା ନାହିଁ। ଭାବ ଆଜି ଭୋଗ ବିଳାସ, ପ୍ରାଚୁର୍ଯ୍ୟ ର ଲହଡି ମାରୁଛି। ତାର ଅର୍ଥ ମୁଁ ସବୁକରୁଛି, ମୁଁ ହିଁ କର୍ତ୍ତା, ଆରେ ଯେଉଁ ଶରୀର ଆଜି ଅଛି କାଲିକି ନଥିବ ତୁ କଣ କରୁଛୁ। ସବୁ ସେଇ ଅନ୍ତର ଆତ୍ମା ପରମାତ୍ମା ପରମପିତା ପରମଗୁରୁଙ୍କ କୃପା, ସାବଧାନ। ହରିଓଁ।

◆◆

## ଆମ ରାଜ୍ୟ ମଧ୍ୟ ଆଳୁ ପିଆଜ ରପ୍ତାନୀ କରି ପାରିବ



ପ୍ରଦୀପ୍ତ କୁମାର କର
ପ୍ଲଟ ନଂ ୨୫
ସୂର୍ଯ୍ୟ ନଗର, ଭୁବନେଶ୍ୱର,
୯୪୩୭୦୮୪୩୧୨

ମୋ ପିଲାଦିନରୁ ଯେବେଠାରୁ ମୋର ହେତୁ ପାଇଲା ସେବେଠାରୁ ମୁଁ ଗୋଟିଏ କଥା ଶୁଣି ଆସୁଛି ଯେ ଆମ ରାଜ୍ୟ ସର୍ବଦା ଆଳୁ ପିଆଜ ପାଇଁ ନିଜ ରାଜ୍ୟ ଅପେକ୍ଷା ବାହାର ରାଜ୍ୟ ଉପରେ ଅଧିକ ନିର୍ଭର କରନ୍ତି। ଏହାର କାରଣ ଆଜିଯାଏଁ ମୁଁ ବୁଝି ପାରୁନି। ଆମ ଓଡ଼ିଶାରେ କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ୧୯୬୨ ମସିହା ରେ ସ୍ଥାପିତ ହେଇଥିଲା। ଯାହାକି ପୁରା ଦେଶରେ ଦ୍ୱିତୀୟ କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ଭାବରେ ଗଣାଯାଏ । ଓଡ଼ିଶାରେ ପ୍ରତି ବର୍ଷ ପ୍ରାୟ ୬ଲକ୍ଷ ମେଟ୍ରିକ୍ ଟନ ପିଆଜ ଦରକାର ପଡୁଥିବା ବେଳେ ଓଡ଼ିଶାରେ କେବଳ ୩.୫ ରୁ ୩.୯ ଲକ୍ଷ ମେଟ୍ରିକ୍ ଟନ ପିଆଜ ଉତ୍ପାଦନ ହୋଇଥାଏ । ବାକି ପିଆଜ ଦେଶର ଅନ୍ୟ ରାଜ୍ୟରୁ ଓଡ଼ିଶାକୁ ଆମଦାନୀ କରିବାକୁ ହୋଇଥାଏ। ସେହିପରି ଆମ ରାଜ୍ୟରେ ପ୍ରାୟ ପ୍ରତିବର୍ଷ ୧୩/ ୧୪ ଲକ୍ଷ ମେଟ୍ରିକ୍ ଟନ ଆଳୁର ଆବଶ୍ୟକତା ଥିବାବେଳେ ଆମ ରାଜ୍ୟରେ କେବଳ ୩.୫ ରୁ ୪.୭ ମେଟ୍ରିକ୍ ଟନ ଆଳୁ ଉତ୍ପାଦନ ହୁଏ । ବାକି ଆଳୁ ପାଇଁ ଆମକୁ ପଡ଼ୋଶୀ ରାଜ୍ୟ ଉପରେ ସର୍ବଦା ନିର୍ଭର କରିବାକୁ ପଡ଼ିଥାଏ। ତେବେ ଏଠାରେ ଗୋଟିଏ କଥା ମନକୁ ଆସୁଛି ଯେ ଆମ ରାଜ୍ୟରେ ଦେଶର ଦ୍ୱିତୀୟ କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ରହିଛି ଏବେ ମଧ୍ୟ ଦୁଇଟି ବେସରକାରୀ ସ୍ତରରେ କୃଷି ମହାବିଦ୍ୟାଳୟ ଖୋଲି ଯାଇଛି । ସେ ଯାହା ହେଉ ପ୍ରତି ବର୍ଷ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟରେ ନୂଆ ନୂଆ ଛାତ୍ର ଛାତ୍ରୀମାନେ କେବଳ କୃଷି ବିଜ୍ଞାନ ପଢ଼ିବା ପାଇଁ ଭର୍ତ୍ତି ହେଉଛନ୍ତି, କିଛି ଗବେଷକ ତାଙ୍କର ପ୍ରୟୋଗଶାଳାରେ ଗବେଷଣା କରି ଅଧିକ ଅମଳକ୍ଷମ ଆଳୁ, ପିଆଜ ମଞ୍ଜି ଉଦ୍ଭାବନ କରୁଛନ୍ତି ତେବେ ସେହି ଯେଉଁ ନୂତନ ଭାବେ ଉଦ୍ଭାବନ ହେଉଥିବା ଉତ୍ପାଦ ଗୁଡ଼ିକ ଯାଉଛି କୁଆଡ଼େ । ସେଗୁଡ଼ିକ ଯଦି ଆମ ରାଜ୍ୟର ଚାଷୀ ମାନଙ୍କ ମଧ୍ୟରେ ବଣ୍ଟା ଯାଇ କିପରି ଭାବରେ ଅଧିକ ଉତ୍ପାଦନ ହେବ କେଉଁ ପ୍ରଣାଳୀରେ ଚାଷ କରାଯିବ, କି ପ୍ରକାରର ସାର, ଔଷଧ ଇତ୍ୟାଦି ବ୍ୟବହାର କରିବା ଉଚିତ୍ ଯଦି ତାହା ସଠିକ୍ ଭାବରେ ବୁଝାଇ ଦିଆଯାଆନ୍ତା ତେବେ ଚାଷୀମାନେ ବହୁତ୍ ଉପକୃତ ହୋଇ ପାରନ୍ତେ ଓ ଆମ ରାଜ୍ୟରେ ଆଳୁ ପିଆଜର ଉତ୍ପାଦନ ଅଧିକ ହୋଇ ପାରନ୍ତା । ତେବେ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ ଏହି ଆଳୁ, ପିଆଜ ଉତ୍ପାଦନ ପରେ ବଜାରରେ ବିକ୍ରି ପରେ ବଳକା ଆଳୁ, ପିଆଜକୁ ରଖିବା ପାଇଁ ନିହାତି ଶୀତଳ ଭଣ୍ଡାରର ଆବଶ୍ୟକତାକୁ ଏଡ଼ାଇ ଦିଆଯାଇ ନ ପାରେ। କେବେ କେବେ ପଶ୍ଚିମବଙ୍ଗ ସରକାର ତାଙ୍କ ଦରକାର ମୁତାବକ ଆଳୁ ନିଜ ଚାହିଦା ପୂରଣ କରିବା ପରେ ଯଦି ନିଅଣ୍ଟ ହେଲା ତେବେ ସେମାନେ ବାଧ ହୋଇ ଆମକୁ ରପ୍ତାନି କରୁଥିବା ଉତ୍ପାଦ ଉପରେ ରୋକ୍ ନିଶ୍ଚିତ ଭାବରେ ଲଗାଇବେ ଓ ଆମେ ହଇରାଣ ହରକତ ହେବାକୁ ବାଧ ହେବା । ସେହିପରି ନାସିକ୍‌ରୁ ଯେଉଁ ପିଆଜ ଆମ ରାଜ୍ୟ କୁ ଆସୁଛି କେବେ କେବେ ବର୍ଷା କାରଣରୁ , କେବେ କେବେ ବର୍ଷା ପାଣି ପିଆଜ ରହୁଥିବା ଗୋଦାମ ଘରେ ପଶିଯାଇ ତାହା ଶଢି ଯିବାରୁ ସେମାନେ ଆଉ ଅନ୍ୟ ସ୍ଥାନକୁ ପଠାଇ ପାରନ୍ତି ନାହିଁ ଯାହା ଫଳରେ ଆମକୁ ନାହିଁ ନ ଥିବା ହଇରାଣ ହେବାକୁ ହୁଏ ଓ ଦର ହୁ ହୁ ହୋଇ ବଢିଯାଏ। ସାଧାରଣ ଏକ ଗରିବ ପରିବାରରେ କୌଣସି ପରିବା ନ ଥିଲେ ସେମାନେ ପଖାଳ ଓ ପିଆଜ ବା ଆଳୁ ପୋଡ଼ା ବା ସିଝା ଦେଇ ଖାଇ ଦିଅନ୍ତି। କିନ୍ତୁ ଯେତେବେଳେ କୌଣସି କାରଣରୁ ଏହି ଆଳୁ ଓ ପିଆଜ ଦର ଅହେତୁକ ବୃଦ୍ଧି ପାଏ ସେତେବେଳେ ଏହି ଗରିବ ଲୋକମାନେ ଯେ କି ଅବସ୍ଥାରେ ରହନ୍ତି ତାହା କେବଳ ଅନୁଭବୀ ହିଁ ବୁଝି ପାରିବେ। ସରକାର ଗରିବ ବୋଲି ଚିହ୍ନଟ କରୁଥିବା ଲୋକମାନଙ୍କୁ ତାଙ୍କ ସ୍ତରରୁ ଉପରକୁ ଉଠାଇ ସାରିଲେଣି । ତେବେ ଏବେ ସରକାରୀ ସ୍ତରରେ ଘୋଷଣା ହୋଇଥିବା ଅଶି କୋଟି କିଏ ଯାହାଙ୍କୁ ସରକାର ମାଗଣା ଚାଉଳ ଦେଉଛନ୍ତି । ତେବେ ଲୋକେ କଣ ଖାଲି ଚାଉଳରୁ ଭାତ ରାନ୍ଧି କେବଳ ଭାତ ହିଁ ଖାଇବେ କି । ଆମ ରାଜ୍ୟ ସରକାର କୃଷିର ଉନ୍ନତି ପାଇଁ କେବଳ ତାଙ୍କ ଚ୍ୟାମ୍ବରରେ ବସି ବିଭିନ୍ନ ପ୍ରକାରର ଯୋଜନା ପ୍ରସ୍ତୁତ କରୁଛନ୍ତି ଓ ତାକୁ ବିଭାଗୀୟ ଅଧିକାରୀ ମାନଙ୍କ ଉପରେ ଥାପି ଦେଉଛନ୍ତି ଓ ଜାଣିବାକୁ ଚାହୁଁ ନାହାନ୍ତି ଯେ ଯୋଜନା ଟି କେତେଦୂର ଯୁକ୍ତିଯୁକ୍ତ ଭାବେ କାର୍ଯ୍ୟ କରୁଛି । ଓଡ଼ିଶାର ପ୍ରତି ଅଞ୍ଚଳର ମୃତ୍ତିକା କୃଷି ପାଇଁ ବେଶ୍ ଫଳଦାୟୀ। ଯଦି କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ମାଧ୍ୟମରେ କୃଷି ବିଜ୍ଞାନୀ ମାନେ ଓ ବିଭିନ୍ନ ପ୍ରକାରର କୃଷି ବିଶାରଦ ମାନେ ତୃଣ ମୂଳ ସ୍ତରରୁ ଚାଷୀମାନଙ୍କ ପାଖକୁ ଯାଇ ତାଙ୍କୁ ସାକ୍ଷାତ କରି ବିଭିନ୍ନ ପ୍ରକାରର ଉନ୍ନତ ମାନର ବିହନ ଓ ସାର, ଔଷଧର ବ୍ୟବହାର କରିବା ରାସ୍ତା ଦେଖାଇ ପାରିବେ ତେବେ ଆମ ରାଜ୍ୟ ମଧ୍ୟ ଆଳୁ ଓ ପିଆଜ ନିଜ ରାଜ୍ୟର ଚାହିଦା ପୂରଣ କରି ବାହାର ରାଜ୍ୟ ଓ ବିଦେଶକୁ ବି ରପ୍ତାନି କରି ପାରିବା ଏଥିରେ ଦ୍ୱିମତ ନାହିଁ। କିନ୍ତୁ ଏଥିପାଇଁ ସରକାରୀ ସ୍ତରରେ କେବଳ ଏସି ବୈଠକ ପରେ ବୈଠକ କରି ଯୋଜନା ପ୍ରସ୍ତୁତ କରି ଚାଲିଲେ କିଛି ଫଳ ମିଳିବ ନାହିଁ। ତା ପାଇଁ ସରକାରୀ ସ୍ତରରେ ଯେତିକି ଆନ୍ତରିକତାର ଆବଶ୍ୟକତା ରହିଛି ତା ଠାରୁ ଅଧିକ ଆନ୍ତରିକତା ମଧ୍ୟ ଚାଷୀ ମାନେ ଦେଖାଇବା ଉଚିତ୍ ଓ ସରକାର ସମସ୍ତ ମାଗଣା ଯୋଜନାକୁ ପୁରା ମାତ୍ରାରେ ବନ୍ଦ୍ କରି ଲୋକମାନଙ୍କୁ କାମ ଦେଇ ତା ବଦଳରେ ପାରିଶ୍ରମିକ ଦେବା ଉଚିତ। ତାହେଲେ ଦେଶ ତଥା ରାଜ୍ୟର ଉନ୍ନତି ହେବ। ଚାଷୀମାନଙ୍କ ମଧ୍ୟରେ କିପରି ଆଳୁ ଓ ପିଆଜ ଚାଷ ବୃଦ୍ଧି ପାଇବା ପାଇଁ ଉତ୍ସାହ ଜାଗ୍ରତ ହେବ ସେଥିପାଇଁ ଗତ ସରକାର ୨୦୧୫ ରେ ଆଳୁ ଓ ପିଆଜ ମିଶନ ଆରମ୍ଭ କରିଥିଲେ କିନ୍ତୁ ତାର ପ୍ରକୃତ ବିନିଯୋଗ ହୋଇ ନ ପାରିବାରୁ ତାହା ଅଚିରେ ବନ୍ଦ୍ ହୋଇଗଲା । କୃଷି ବିଭାଗରେ ମନ୍ତ୍ରୀ ହେଉଛନ୍ତି ସର୍ବୋଚ୍ଚ ହର୍ତ୍ତକର୍ତ୍ତା ତା ପରେ କୃଷି ବିଭାଗ ସେକ୍ରେଟାରୀ ଙ୍କ ଠାରୁ ଆରମ୍ଭ କରି ଅନେକ ଅଧିକାରୀ ଓ କର୍ମଚାରୀ ରହିଛନ୍ତି କିନ୍ତୁ ସେମାନେ କେବେ ବି ପ୍ରତ୍ୟକ୍ଷ ଭାବରେ ଚାଷୀ ମାନଙ୍କ ସହିତ ଯୋଗା ଯୋଗ କରି କୌଣସି ଆଲୋଚନା କରନ୍ତି ନାହିଁ। ଏବେ ବୋଧ ହୁଏ ଆଗରୁ ଥିବା ଗ୍ରାମ ସେବକ ବା ସେବିକା ଙ୍କ ଚାକିରି ଆଉ ନାହିଁ। କିନ୍ତୁ ସେମାନଙ୍କ ଦ୍ୱାରା ତୃଣମୂଳ ସ୍ତରରେ ଥିବା ଚାଷୀ ମାନେ ଚାଷ ବିଷୟ ରେ ଅନେକ ସାହାଯ୍ୟ ପାଉଥିଲେ ଓ ଯାହା ଫଳରେ ଛୋଟ ଚାଷୀଟିଏ ହେଲେବି ବର୍ଷ ସାରା ନିଜର ଗୁଜୁରାଣ ମେଣ୍ଟାଇ ପାରୁଥିଲେ । କିନ୍ତୁ ଏବେ ସରକାରୀ ସ୍ତରରେ ଥିବା କର୍ମଚାରୀ ମାନେ ସରକାରୀ ତହବିଲରୁ କୋଟି କୋଟି ଟଙ୍କା ଦରମା ନେଇ କେବଳ ନିଜ ଆସନ ଅଳଙ୍କୃତ କରିବା ଛଡ଼ା ଆଉ କିଛି କରୁନାହାନ୍ତି। ଯାହା କି ଆମ ରାଜ୍ୟ ପାଇଁ ଏକ ଭୟଙ୍କର ସମସ୍ୟା । ଏଥିପାଇଁ ଯଦି ସରକାର ଅତି ଆନ୍ତରିକତାର ସହିତ ଚାଷୀମାନଙ୍କ ସହ ସମନ୍ୱୟ ରକ୍ଷା କରି ଚାଷକୁ ଅଗ୍ରାଧିକାର ଦେବେ ତେବେ ଆମେ ମଧ୍ୟ ପିଆଜ ଆଳୁ ରପ୍ତାନି କରି ପାରିବା ।

## ଓଡ଼ିଶା ଜଙ୍ଗଲରେ ବିଦେଶୀ ଅତିଥି : ପାଞ୍ଚ ଓରାଙ୍ଗଉଟାନ ପଛରେ କାହାର ହାତ ?



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ–୯୪୩୭୯୯୪୩୭୯

ବାଲେଶ୍ୱରର ଜଙ୍ଗଲରେ ହଠାତ୍ ଦେଖାଦେଇଥିବା ପାଞ୍ଚଟି ଛୋଟ ଓରାଙ୍ଗଉଟାନ ଏବେ କେବଳ ଏକ ବିରଳ ବନ୍ୟଜୀବ ଘଟଣା ନୁହେଁ, ଏହା ଓଡ଼ିଶାରୁ ଆରମ୍ଭ ହୋଇଥିବା ଏକ ବଡ଼ ପ୍ରଶ୍ନର ଦୁଆର ଖୋଲିଦେଇଛି—ସମୁଦ୍ରପାରର ଏହି ବିପନ୍ନ ବନମାନବ ଆସିଲେ କେଉଁଠାରୁ, କାହା ମାଧ୍ୟମରେ ଆସିଲେ ଏବଂ କାହିଁକି ଓଡ଼ିଶାର ଏକ ଜଙ୍ଗଲରେ ଛାଡ଼ିଦିଆଗଲେ ? ବାଲେଶ୍ୱର ଜିଲ୍ଲାର ଭୋଗରାଇ ଅଞ୍ଚଳର ବିଚିତ୍ରପୁର ଓ ରଣକୋଠା-ବଡ଼ପାହି ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ମଙ୍ଗଳବାର ସ୍ଥାନୀୟ ଲୋକଙ୍କ ନଜରକୁ ପାଞ୍ଚଟି ଯୁବ ଓରାଙ୍ଗଉଟାନ ଆସିଥିଲେ। ଗଛ ଡାଳରେ ଝୁଲୁଥିବା, ଚଢୁଥିବା ଓ ଘୁରୁଥିବା ଏହି ଅଜଣା ପ୍ରାଣୀମାନଙ୍କୁ ଦେଖି ଅଞ୍ଚଳବାସୀଙ୍କ ମଧ୍ୟରେ କୌତୂହଳ ସୃଷ୍ଟି ହୋଇଥିଲା; ଖବର ବ୍ୟାପିବା ସହିତ ଭିଡ଼ ବଢ଼ିଥିଲା ଏବଂ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ପାଞ୍ଚଟି ପ୍ରାଣୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା।

ପ୍ରଶ୍ନଟି ଏଠାରୁ ଆହୁରି ଗଭୀର ହୁଏ। ଓରାଙ୍ଗଉଟାନ ଭାରତର ସ୍ୱାଭାବିକ ବନ୍ୟପ୍ରାଣୀ ନୁହେଁ। ସେମାନଙ୍କ ପ୍ରାକୃତିକ ଆବାସ ଦକ୍ଷିଣ-ପୂର୍ବ ଏସିଆର ବୋର୍ଣ୍ଣିଓ ଓ ସୁମାତ୍ରା ଅଞ୍ଚଳର ବର୍ଷାବନ। ତେଣୁ ବାଲେଶ୍ୱରର ଏକ ଜଙ୍ଗଲରେ ଏକାଥରେ ପାଞ୍ଚଟି ଛୋଟ ଓରାଙ୍ଗଉଟାନ ମିଳିବା ପ୍ରକୃତିର ସାଧାରଣ ଘଟଣା ନୁହେଁ; ଏହା ମାନବୀୟ ହସ୍ତକ୍ଷେପର ସମ୍ଭାବନାକୁ ଆଗକୁ ଆଣୁଛି। ଏହି କାରଣରୁ ବନ ବିଭାଗ ସେମାନେ କେଉଁଠାରୁ ଆସିଲେ, କିପରି ଭାରତକୁ ପହଞ୍ଚିଲେ ଏବଂ କିଏ ସେମାନଙ୍କୁ ଏଠାକୁ ଆଣିଥିଲା, ତାହା ଖୋଜୁଛି। ବନ୍ୟଜୀବ ତସ୍କରୀର ସମ୍ଭାବନା ତଦନ୍ତର ଏକ ପ୍ରମୁଖ ଦିଗ ହୋଇଥିଲେ ମଧ୍ୟ, ଏପର୍ଯ୍ୟନ୍ତ ତସ୍କରୀର ନିଶ୍ଚିତ ପଥ କିମ୍ବା ଦୋଷୀ ବ୍ୟକ୍ତି ସମ୍ପର୍କରେ ପ୍ରମାଣ ମିଳିନାହିଁ। ଏହି ସତର୍କତାଟି ଗୁରୁତ୍ୱପୂର୍ଣ୍ଣ, କାରଣ ଏପରି ଘଟଣାରେ ଅନୁମାନକୁ ସତ୍ୟ ଭାବେ ପ୍ରଚାର କରିବା ତଦନ୍ତକୁ ଭୁଲ ଦିଗକୁ ନେଇପାରେ। କିନ୍ତୁ ଘଟଣାଟିର ଗମ୍ଭୀରତା କମିଯାଏ ନାହିଁ। ଓରାଙ୍ଗଉଟାନର ତିନୋଟି ପରିଚିତ ପ୍ରଜାତି ନିଜ ନିଜ ସ୍ୱାଭାବିକ ଆବାସରେ ଭୟଙ୍କର ସୁରକ୍ଷା ସଙ୍କଟରେ ଅଛନ୍ତି। ବିଶେଷକରି ତାପାନୁଲି ଓରାଙ୍ଗଉଟାନ ଅତ୍ୟନ୍ତ ବିପଦଗ୍ରସ୍ତ ଶ୍ରେଣୀରେ ଥିବାବେଳେ ବୋର୍ଣ୍ଣିଓ ଓ ସୁମାତ୍ରା ଓରାଙ୍ଗଉଟାନ ମଧ୍ୟ ଗୁରୁତର ସଂରକ୍ଷଣ ସଙ୍କଟରେ ଅଛନ୍ତି। ଏମାନଙ୍କୁ ବନ୍ୟଜୀବ ବ୍ୟବସାୟ, ବ୍ୟକ୍ତିଗତ ପୋଷ୍ୟ ପ୍ରାଣୀ ଭାବେ ରଖିବା, ପ୍ରଦର୍ଶନୀ ଓ ଅବୈଧ ସଂଗ୍ରହ ପାଇଁ ଚାହିଦା ଥିବାରୁ ତସ୍କରୀ ଆଶଙ୍କାକୁ ହାଲୁକା ଭାବେ ଦେଖାଯାଇପାରେ ନାହିଁ। ଏହି ପାଞ୍ଚ ଛୋଟ ପ୍ରାଣୀଙ୍କ ଆଖିରେ ଆମେ ଏକ ଅଦ୍ଭୁତ ଦୃଶ୍ୟ ଦେଖୁଛୁ; କିନ୍ତୁ ସେମାନଙ୍କ ପଛରେ ଯଦି ମାନବ ଲୋଭର କାହାଣୀ ଥାଏ, ତେବେ ଏହା ଆମ ପାଇଁ ଲଜ୍ଜାର କଥା। ଯେଉଁ ପ୍ରାଣୀ ନିଜ ଜନ୍ମଭୂମିର ଘନ ବର୍ଷାବନରେ ଗଛରୁ ଗଛକୁ ଯିବା ପାଇଁ ସୃଷ୍ଟି, ସେହି ପ୍ରାଣୀକୁ ହଜାର ହଜାର କିଲୋମିଟର ଦୂରକୁ ନେଇ ଅଜଣା ମାଟିରେ ଛାଡ଼ିଦେବା କେବଳ ଏକ ପ୍ରାଣୀ ପ୍ରତି ନିର୍ଦ୍ଦୟତା ନୁହେଁ, ଏହା ପ୍ରକୃତିର ନିୟମ ପ୍ରତି ମଧ୍ୟ ଏକ ଅପରାଧ। ସେମାନେ ଭାଷାରେ ଆମକୁ କିଛି କହିପାରିବେ ନାହିଁ; କିନ୍ତୁ ତାଙ୍କ ଅସହାୟ ଉପସ୍ଥିତି ଆମକୁ ପଚାରୁଛି—ମଣିଷର ଲୋଭ ପାଇଁ ଆଉ କେତେ ଜୀବନ ନିଜ ଘର ହରାଇବ ? ଏହି ଘଟଣାର ଆଉ ଏକ ମାନବୀୟ ପଟ ଅଛି। ଜଙ୍ଗଲରେ ଅଜଣା ପ୍ରାଣୀ ଦେଖି ସ୍ଥାନୀୟ ଲୋକେ ତୁରନ୍ତ ସୂଚନା ଦେଇଥିବାରୁ ଉଦ୍ଧାର ସମ୍ଭବ ହୋଇଛି। ଏହା ଦେଖାଇଦେଉଛି ଯେ ବନ ସୁରକ୍ଷା କେବଳ ବନ ବିଭାଗର କାମ ନୁହେଁ; ଜଙ୍ଗଲ ଚାରିପାଖରେ ବସୁଥିବା ଲୋକମାନେ ମଧ୍ୟ ପ୍ରକୃତିର ପ୍ରଥମ ପ୍ରହରୀ। କିନ୍ତୁ ଏଠାରେ ଆମ ସମାଜ ପାଇଁ ଆଉ ଏକ ପରୀକ୍ଷା ଅଛି। ଅଜଣା ପ୍ରାଣୀକୁ ଦେଖି ଭିଡ଼ କରିବା, ଛୁଇଁବା, ଭୟ ଦେବା କିମ୍ବା ଚିତ୍ର ନେବା ପାଇଁ ତାଙ୍କ ପାଖକୁ ଯିବା ତାଙ୍କ ଜୀବନ ପାଇଁ ବିପଦଜନକ ହୋଇପାରେ। ବନ୍ୟଜୀବ ପ୍ରତି ଭଲପାଇବାର ଅର୍ଥ ସବୁବେଳେ ତାଙ୍କ ପାଖକୁ ଯିବା ନୁହେଁ; କେତେବେଳେ ଦୂରେ ଠିଆ ହୋଇ ତାଙ୍କୁ ସୁରକ୍ଷିତ ରଖିବା ହିଁ ସବୁଠାରୁ ବଡ଼ ସ୍ନେହ। ଉଦ୍ଧାର ପରେ ପାଞ୍ଚଟି ପ୍ରାଣୀଙ୍କୁ ଭୁବନେଶ୍ୱରର ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ନିଆଯାଇଛି। ସେଠାରେ ସେମାନଙ୍କୁ ପୃଥକ ନିରୀକ୍ଷଣରେ ରଖାଯାଇ ଚିକିତ୍ସା ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ସେମାନଙ୍କ ମଧ୍ୟରୁ କେତେକ ହାତରୁ ଖାଦ୍ୟ ଗ୍ରହଣ କରୁଥିବା ଖବର ମଧ୍ୟ ଆସିଛି, ଯେତେବେଳେ ଦୁଇଟି ପ୍ରାଣୀ ବିଶେଷ ଭାବେ ଛୋଟ ବୋଲି ଜଣାପଡ଼ିଛି। ଏବେ ମୁଖ୍ୟ ଦାୟିତ୍ୱ ହେଉଛି ସେମାନଙ୍କ ଜୀବନ ରକ୍ଷା ସହିତ ତାଙ୍କ ଉତ୍ପତ୍ତିର ସତ୍ୟ ଖୋଜିବା। ସେମାନେ କେଉଁ ଦେଶରୁ ଆସିଥିଲେ, କେତେ ଦିନ ଧରି ମଣିଷଙ୍କ ନିୟନ୍ତ୍ରଣରେ ଥିଲେ, କିପରି ଓଡ଼ିଶାକୁ ଆସିଲେ, ଏଠାକୁ ଆଣିଥିବା ଲୋକମାନେ କିଏ ଏବଂ ସେମାନଙ୍କ ପଛରେ କୌଣସି ବଡ଼ ବନ୍ୟଜୀବ ବ୍ୟବସାୟ ଚକ୍ର ଅଛି କି ନାହିଁ—ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦରକାର। କାରଣ ଆଜି ପାଞ୍ଚଟି ଓରାଙ୍ଗଉଟାନ ମିଳିଛନ୍ତି; ଯଦି ଏହା କୌଣସି ଅବୈଧ ବ୍ୟବସାୟର ଚିହ୍ନ, ତେବେ ଏହି ପାଞ୍ଚଟି ପ୍ରାଣୀ କେବଳ ଏକ ବଡ଼ ଶୃଙ୍ଖଳାର ଦୃଶ୍ୟମାନ ଅଂଶ ହୋଇପାରନ୍ତି। ସେଥିପାଇଁ ତଦନ୍ତ କେବଳ ଏହି ପାଞ୍ଚଟି ପ୍ରାଣୀରେ ଅଟକି ରହିବା ଉଚିତ ନୁହେଁ; ଦେଶ ଓ ରାଜ୍ୟ ମଧ୍ୟରେ ବନ୍ୟଜୀବ ଗତିବିଧି, ଅବୈଧ ପୋଷ୍ୟ ପ୍ରାଣୀ ବଜାର ଏବଂ ଆନ୍ତର୍ଜାତିକ ତସ୍କରୀର ସମ୍ଭାବ୍ୟ ସଂଯୋଗକୁ ମଧ୍ୟ ଖୋଜିବା ଦରକାର। ଏହି ଘଟଣା ଆମକୁ ଏକ ବଡ଼ ସତ୍ୟ ମଧ୍ୟ ମନେ ପକାଇଦେଉଛି—ପ୍ରକୃତିର ସୀମାକୁ ମଣିଷ ଟଙ୍କା ପାଇଁ ଭାଙ୍ଗିଦେଲେ ତାହାର ଫଳ ଅନିଶ୍ଚିତ ହୁଏ। ଓଡ଼ିଶାର ଜଙ୍ଗଲ ହାତୀ, ବାଘ, ଚିତା, ଭାଲୁ, ମୟୂର ଓ ଅନେକ ସ୍ୱଦେଶୀ ପ୍ରାଣୀଙ୍କ ଘର; ସେହି ଘରକୁ ଅଜଣା ବିଦେଶୀ ପ୍ରାଣୀଙ୍କୁ ଆଣି ଛାଡ଼ିଦେବା ସେମାନଙ୍କ ପାଇଁ ମଧ୍ୟ ବିପଦ ଓ ସ୍ଥାନୀୟ ପରିବେଶ ପାଇଁ ମଧ୍ୟ ଅନିଶ୍ଚିତତା ସୃଷ୍ଟି କରିପାରେ। ତେଣୁ ଏହି ଘଟଣାକୁ କେବଳ "ଅଦ୍ଭୁତ ଦୃଶ୍ୟ" ଭାବେ ଦେଖିଲେ ଭୁଲ ହେବ। ଏହା ଏକ ସତର୍କ ସଙ୍କେତ। ଏକପଟେ ପାଞ୍ଚଟି ନିରୀହ ଜୀବନ ଆମ ସହାନୁଭୂତି ଚାହୁଁଛି, ଅନ୍ୟପଟେ ଏହି ଅସାଧାରଣ ଘଟଣା ଆମ ବ୍ୟବସ୍ଥାକୁ ପଚାରୁଛି—ବନ୍ୟଜୀବ ତସ୍କରୀକୁ ରୋକିବାରେ ଆମେ କେତେ ପ୍ରସ୍ତୁତ? ଆଜି ବାଲେଶ୍ୱରର ଜଙ୍ଗଲରେ ମିଳିଥିବା ଏହି ପାଞ୍ଚ ଛୋଟ ଓରାଙ୍ଗଉଟାନ ନିଜ ଦେଶରୁ ହଜାର ହଜାର କିଲୋମିଟର ଦୂରେ ଆସି ମଣିଷର ଏକ ଅଜଣା କାହାଣୀର ସାକ୍ଷୀ ହୋଇଛନ୍ତି। ଏବେ ସେମାନଙ୍କୁ ନିରାପଦ ରଖିବା ଆମର ପ୍ରଥମ କର୍ତ୍ତବ୍ୟ; କିନ୍ତୁ ତାଠାରୁ ବଡ଼ କର୍ତ୍ତବ୍ୟ ହେଉଛି ଏହି ପ୍ରଶ୍ନର ଉତ୍ତର ଖୋଜିବା—ଜଙ୍ଗଲକୁ ଆସିଥିବା ଏହି ପାଞ୍ଚ ଅତିଥି ନିଜେ ଆସିନାହାନ୍ତି; ତାଙ୍କୁ କିଏ ଏଠାକୁ ଆଣିଲା? ଏହି ପ୍ରଶ୍ନର ଉତ୍ତର ମିଳିଲେ ହିଁ ବାଲେଶ୍ୱରର ଏହି ଅସାଧାରଣ ଘଟଣାର ପ୍ରକୃତ ରହସ୍ୟ ଖୋଲିବ ଏବଂ ଭବିଷ୍ୟତରେ ଆଉ କୌଣସି ବିପନ୍ନ ପ୍ରାଣୀ ମଣିଷର ଲୋଭର ଶିକାର ନହେବା ପାଇଁ ଆମେ ଏକ ଦୃଢ଼ ପାଠ ଶିଖିପାରିବୁ।



## ଓଡ଼ିଶାର ଶିଳ୍ପ ପୁନରୁତ୍ଥାନ: ପୁରୁଣା ଅଭିଜ୍ଞତାରୁ ନୂତନ ସମ୍ଭାବନା

ଡ. ସନ୍ତୋଷ କୁମାର ପଣ୍ଡା
ପ୍ରଧାନ ଆଚାର୍ଯ୍ୟ
ସରସ୍ୱତୀ ବିଦ୍ୟା ମନ୍ଦିର
(ଆବାସିକ), କେଶବଧାମ,
ଗତିରାଉତପାଟଣା, କଟକ
୮୨୪୯୦୨୧୪୨୪

ଏକଦା ଓଡ଼ିଶାର ଶିଳ୍ପ ପରିଦୃଶ୍ୟରେ ଚୌଦ୍ୱାରର 'ଓଟିଏମ୍' (ଓଡ଼ିଶା ଟେକ୍ସଟାଇଲ୍ ମିଲ୍ସ), 'କୋଣାର୍କ ଟିଭି, ଆସିକା ଓ ବରଗଡ଼ର ଚିନି କଳ ଏବଂ ବ୍ରଜରାଜନଗର ଓ ରାୟଗଡ଼ାର କାଗଜ କଳ ରାଜ୍ୟର ଅର୍ଥନୀତି ଓ ଆତ୍ମନିର୍ଭରଶୀଳତାର ପ୍ରତୀକ ଥିଲା। ଏହି ଉଦ୍ୟୋଗଗୁଡ଼ିକ କେବଳ ଲକ୍ଷାଧିକ ଲୋକଙ୍କୁ ନିଯୁକ୍ତି ଯୋଗାଉ ନଥିଲେ, ବରଂ ଓଡ଼ିଆ ଅସ୍ମିତା ଓ ଔଦ୍ୟୋଗିକ ଦକ୍ଷତାର ପରିଚୟ ଥିଲେ। କିନ୍ତୁ ସମୟକ୍ରମେ ଏହି ପ୍ରମୁଖ କଳକାରଖାନାଗୁଡ଼ିକ ବନ୍ଦ ହୋଇଯିବା ଆମ ରାଜ୍ୟର ଉତ୍ପାଦନ ଭିତ୍ତିଭୂମି ଉପରେ ଏକ ବଡ଼ ଆଘାତ ଦେଇଛି।

ପୁରୁଣା ଶିଳ୍ପଗୁଡ଼ିକ ବନ୍ଦ ହେବାର ମୁଖ୍ୟ କାରଣ:-

ପ୍ରଯୁକ୍ତିବିଦ୍ୟାର ଆଧୁନିକୀକରଣର ଅଭାବ: କୋଣାର୍କ ଟିଭି (CRT ଟେକ୍ନୋଲୋଜିରୁ ରଙ୍ଗୀନ ଓ ଡିଜିଟାଲ୍ ଟିଭିକୁ ପରିବର୍ତ୍ତନ) କିମ୍ବା ଓଟିଏମ୍ ଭଳି ବୟନ କାରଖାନାଗୁଡ଼ିକ ସମୟୋପଯୋଗୀ ଅତ୍ୟାଧୁନିକ ମେସିନ୍ ସ୍ଥାପନ କରିବାରେ ପଛରେ ପଡ଼ିଗଲେ।

ଖୋଲା ବଜାର ଓ ପ୍ରତିଯୋଗିତା: ୧୯୯୧ର ଅର୍ଥନୈତିକ ଉଦାରୀକରଣ ପରେ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ କମ୍ ମୂଲ୍ୟରେ ଉନ୍ନତ ଉତ୍ପାଦ ଯୋଗାଇବା ଆରମ୍ଭ କଲେ, ଯାହା ସହ ଆମର ରାଷ୍ଟ୍ରାୟତ୍ତ କାରଖାନାଗୁଡ଼ିକ ପ୍ରତିଦ୍ୱନ୍ଦ୍ୱିତା କରିପାରିଲେ ନାହିଁ।

କୁପରିଚାଳନା ଓ ଆର୍ଥିକ ଅଭାବ: ଅନେକ ସରକାରୀ ଓ ସମବାୟ ଭିତ୍ତିକ ମିଲ୍‌ରେ ଦକ୍ଷ ବ୍ୟବସାୟିକ ପରିଚାଳନା, ଆର୍ଥିକ ଅନୁଶାସନ ଓ ନିରନ୍ତର ପୁଞ୍ଜିନିବେଶର ଅଭାବ ଦେଖାଦେଲା। କଞ୍ଚାମାଲର ସଙ୍କଟ ଓ ମୂଲ୍ୟ ବୃଦ୍ଧି: ବାଉଁଶ ଓ କାଠର ସଙ୍କଟ ଯୋଗୁଁ କାଗଜ କଳ ଏବଂ ଆଖୁ ଚାଷର ଅବନତି ଯୋଗୁଁ ଚିନି କଳଗୁଡ଼ିକ କ୍ରମାଗତ କଞ୍ଚାମାଲ ଅଭାବର ସମ୍ମୁଖୀନ ହେଲେ।

ଶ୍ରମିକ ଅଶାନ୍ତି ଓ ନୀତିଗତ ଜଟିଳତା: ଦୀର୍ଘକାଳୀନ ଧର୍ମଘଟ, ୟୁନିଅନ୍ ବିବାଦ ଏବଂ କଠୋର ଆଇନଗତ ନିୟମାବଳୀ ଯୋଗୁଁ କାରଖାନାଗୁଡ଼ିକର କାର୍ଯ୍ୟକ୍ଷମତା ବାଧାପ୍ରାପ୍ତ ହେଲା।

ପୁନରୁଦ୍ଧାର ଓ ପୁନଃକାର୍ଯ୍ୟକ୍ଷମ କରିବାର ଉପାୟ:-

ପିପିପି ମୋଡ୍ (Public-Private Partnership): ବନ୍ଦ ପଡ଼ିଥିବା କାରଖାନାଗୁଡ଼ିକର ବିସ୍ତୃତ ଜମି ଓ ଭିତ୍ତିଭୂମିକୁ ବ୍ୟବହାର କରି ବେସରକାରୀ ପୁଞ୍ଜି ଓ ଦକ୍ଷ ପରିଚାଳନା ସହିତ ମିଳିତ ଭାବେ ପୁନରୁଦ୍ଧାର କରାଯାଇପାରିବ।

ସମ୍ପୂର୍ଣ୍ଣ ଆଧୁନିକୀକରଣ: ପୁରୁଣା ମେସିନ୍ ବଦଳରେ ସ୍ୱୟଂଚାଳିତ ଓ ପରିବେଶ-ଅନୁକୂଳ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ।

ସମନ୍ୱିତ ଚାଷ ଓ କୃଷି ଶିଳ୍ପ ସଂଯୋଗ: ଚିନି କଳ ଚଳାଇବା ପାଇଁ ଚାଷୀଙ୍କୁ ଉଚିତ ସହାୟକ ମୂଲ୍ୟ, ଉନ୍ନତ ବିହନ ଏବଂ ପ୍ରୋତ୍ସାହନ ଦେଇ ଆଖୁ ଚାଷ ବୃଦ୍ଧି କରାଯିବା ଆବଶ୍ୟକ।

ଓଡ଼ିଶାର କଞ୍ଚାମାଲ ଭିତ୍ତିରେ ନୂତନ ଶିଳ୍ପର ସମ୍ଭାବନା:-

ଓଡ଼ିଶା ଖଣିଜ ସମ୍ପଦ, କୃଷି ଓ ବନଜାତ ଦ୍ରବ୍ୟରେ ଅତ୍ୟନ୍ତ ସମୃଦ୍ଧ। କେବଳ କଞ୍ଚାମାଲ ରପ୍ତାନି ନକରି ରାଜ୍ୟ ଭିତରେ ମୂଲ୍ୟଯୁକ୍ତ ଉତ୍ପାଦନ ଶିଳ୍ପ ଗଢ଼ିବାର ପ୍ରଚୁର ସୁଯୋଗ ରହିଛି।

୧. କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ- ଓଡ଼ିଶାର ଭିନ୍ନ ଭିନ୍ନ ଜଳବାୟୁ ଅନୁଯାୟୀ ନିର୍ଦ୍ଦିଷ୍ଟ କୃଷିଜାତ ଦ୍ରବ୍ୟ ପାଇଁ ସ୍ୱତନ୍ତ୍ର 'ମାଇକ୍ରୋ କ୍ଲଷ୍ଟର' ଗଠନ କରାଯିବା ଉଚିତ।

ଚିନି ଓ ଇଥାନଲ୍ ପ୍ଲାଣ୍ଟ: ପାରମ୍ପରିକ ଚିନି ଉତ୍ପାଦନ ସହ ଆଖୁରୁ 'ବାୟୋ-ଇଥାନଲ୍' ପ୍ରସ୍ତୁତ କଲେ ଶିଳ୍ପଟି ସର୍ବଦା ଲାଭଜନକ ରହିବ।

ମିଲେଟ୍ ଓ ଧାନ ପ୍ରକ୍ରିୟାକରଣ: ଓଡ଼ିଶା ମିଲେଟ୍ ମିଶନ ଅଧୀନରେ ଉତ୍ପାଦିତ ମାଣ୍ଡିଆ ଓ ଅନ୍ୟାନ୍ୟ କ୍ଷୁଦ୍ର ଶସ୍ୟରୁ ପ୍ୟାକେଜ୍ଡ ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରସ୍ତୁତି କାରଖାନା।

ଫଳ ଓ ମସଲା ପ୍ରକ୍ରିୟାକରଣ: କୋରାପୁଟର କଫି, କନ୍ଧମାଳର ହଳଦୀ ଏବଂ ଉପକୂଳ ଓଡ଼ିଶାର ନଡ଼ିଆ ଓ କାଜୁକୁ ନେଇ ବୃହତ ପ୍ରକ୍ରିୟାକରଣ ୟୁନିଟ୍ ପ୍ରତିଷ୍ଠା।

୨. ଖଣିଜ ଭିତ୍ତିକ ଡାଉନଷ୍ଟ୍ରିମ୍ ଶିଳ୍ପ:- କେବଳ ଲୁହା କିମ୍ବା ଆଲୁମିନିୟମ ଶିଳ୍ପ ନ ବସାଇ ଅଟୋମୋବାଇଲ୍ ପାର୍ଟସ୍, ଇଲେକ୍ଟ୍ରିକାଲ୍ ଯନ୍ତ୍ରାଂଶ, ବାସନକୁସନ ଏବଂ ନିର୍ମାଣ ସାମଗ୍ରୀ ପ୍ରସ୍ତୁତ କରୁଥିବା ଆନୁଷଙ୍ଗିକ ଏମ୍‌ଏସ୍‌ଏମ୍‌ଇ କ୍ଲଷ୍ଟର ନିର୍ମାଣ।

୩. ପରିବେଶ-ଅନୁକୂଳ କାଗଜ ଓ ପ୍ୟାକେଜିଂ ଶିଳ୍ପ:- ଜଙ୍ଗଲ କାଠ ଉପରେ ନିର୍ଭର ନକରି ଆଖୁ ଛେଦା, ନଡ଼ା, ଝୋଟ ଓ ପୁନଃବ୍ୟବହାରଯୋଗ୍ୟ ବର୍ଜ୍ୟବସ୍ତୁରୁ ଇକୋ-ଫ୍ରେଣ୍ଡଲି ପ୍ୟାକେଜିଂ ସାମଗ୍ରୀ ଓ କାଗଜ ଉତ୍ପାଦନ।

୪. ବୟନ ଓ ହସ୍ତତନ୍ତ ପାର୍କ:- ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ଉଚ୍ଚମାନର କପା ଚାଷ ହେଉଥିବା ବେଳେ ଉପକୂଳ ଓଡ଼ିଶାରେ ବୁଣାକାର ଓ ଦକ୍ଷ ଶ୍ରମିକଙ୍କ ବହୁଳତା ରହିଛି। ପଶ୍ଚିମ ଓଡ଼ିଶାର କପା ଚାଷକୁ ସିଧାସଳଖ ସୂତା କଟା, ବୁଣା ଏବଂ ରେଡିମେଡ୍ ପୋଷାକ ନିର୍ମାଣ ଶିଳ୍ପ ସହିତ ଯୋଡ଼ି ବିଶାଳ ଟେକ୍ସଟାଇଲ୍ ପାର୍କ ନିର୍ମାଣ।

କପା ଓ ସୂତା କ୍ଲଷ୍ଟର: ବଲାଙ୍ଗୀର, କଳାହାଣ୍ଡି, ରାୟଗଡ଼ା ଓ କୋରାପୁଟ। ମେଗା ଆପାରେଲ୍ ଓ ପୋଷାକ ନିର୍ମାଣ ପାର୍କ: ଖୋର୍ଦ୍ଧା, କଟକ (ଚୌଦ୍ୱାର-କପାସିଆ ପରିସର) ଏବଂ ଭଦ୍ରକ।

ସ୍ପିନିଂ ମିଲ୍ ପ୍ରତିଷ୍ଠା: ରାଜ୍ୟରେ ଉତ୍ପାଦିତ କପା ବାହାର ରାଜ୍ୟକୁ ନପଠାଇ ସ୍ଥାନୀୟ ସ୍ତରରେ ସୂତା ତିଆରି କରିବା ପାଇଁ ଘରୋଇ ଓ ସମବାୟ ସ୍ପିନିଂ ୟୁନିଟ୍ ସ୍ଥାପନ।

ହସ୍ତତନ୍ତ ଓ ପାୱାରଲୁମ୍‌ର ସମନ୍ୱୟ: ସମ୍ବଲପୁରୀ, ମାଣିଆବନ୍ଧୀ, ବ୍ରହ୍ମପୁରୀ ପାଟକୁ ଆଧୁନିକ ଡିଜାଇନ୍ ଓ ବଜାର ସହିତ ଯୋଡ଼ିବା ପାଇଁ 'ଡିଜାଇନ୍ ଷ୍ଟୁଡିଓ' ଓ 'ଟେକ୍ସଟାଇଲ୍ ଟେଷ୍ଟିଂ ଲ୍ୟାବ୍'।

ପ୍ଲଗ୍ ଆଣ୍ଡ୍ ପ୍ଲେ ଭିତ୍ତିଭୂମି: ଛୋଟ ଛୋଟ ଗାର୍ମେଣ୍ଟ ୟୁନିଟ୍ ପାଇଁ ପ୍ରସ୍ତୁତ ଶେଡ୍, ନିରବଚ୍ଛିନ୍ନ ବିଦ୍ୟୁତ୍ ଏବଂ ସାଧାରଣ ବର୍ଜ୍ୟଜଳ ବିଶୋଧନ ପ୍ଲାଣ୍ଟ ପ୍ରଦାନ।

୫. ଇଲେକ୍ଟ୍ରୋନିକ୍ସ ଓ ସେମିକଣ୍ଡକ୍ଟର ଶିଳ୍ପ:- କୋଣାର୍କ ଟିଭିର ଐତିହ୍ୟକୁ ଆଧାର କରି ଆଜିର ଡିଜିଟାଲ୍ ଯୁଗରେ ସେମିକଣ୍ଡକ୍ଟର ଆସେମ୍ବଲି, ସୌର ପ୍ୟାନେଲ୍ ଏବଂ ଇ-ଯାନ ବ୍ୟାଟେରୀ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା।

ନିମ୍ନଲିଖିତ ଉପାୟ ଗୁଡ଼ିକ ଅବଲମ୍ବନ କଲେ ଏହା ମଧ୍ୟ ଆମ ରାଜ୍ୟର ଶିଳ୍ପାୟନ ବୃଦ୍ଧିରେ ସହାୟକ ହୋଇପାରିବ।

ଚାଷୀ-ଉଦ୍ୟୋଗ ସିଧାସଳଖ ଯୋଗାଯୋଗ : କୃଷକ ଉତ୍ପାଦକ ସଂଗଠନ (FPO) ମାନଙ୍କ ସହିତ ପ୍ରକ୍ରିୟାକରଣ କାରଖାନାଗୁଡ଼ିକର ଚୁକ୍ତିବଦ୍ଧ ଚାଷ ଚୁକ୍ତି। ଏହାଦ୍ୱାରା ଚାଷୀଙ୍କୁ ନିଶ୍ଚିତ ବଜାର ଏବଂ କାରଖାନାକୁ ନିରନ୍ତର କଞ୍ଚାମାଲ ମିଳିବ।

ଲଜିଷ୍ଟିକ୍ସ ଓ ଶୀତଳ ଭଣ୍ଡାର ଶୃଙ୍ଖଳା : ପ୍ରତି ବ୍ଲକ୍ ସ୍ତରରେ ପ୍ରାଥମିକ ପ୍ରକ୍ରିୟାକରଣ କେନ୍ଦ୍ର ଏବଂ ସୋଲାର୍ ଶୀତଳ ଭଣ୍ଡାର ପ୍ରତିଷ୍ଠା।

ଦକ୍ଷତା ବିକାଶ ଓ ଆନୁଷଙ୍ଗିକ ତାଲିମ: 'ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ' (OSDA) ମାଧ୍ୟମରେ ସ୍ଥାନୀୟ ଯୁବକ-ଯୁବତୀଙ୍କୁ ଟେକ୍ସଟାଇଲ୍ ଅପରେସନ୍, ଖାଦ୍ୟ ସୁରକ୍ଷା ଓ ମାନକ (FSSAI) ନିୟମାବଳୀ ଉପରେ ବ୍ୟାବହାରିକ ତାଲିମ।

ପ୍ରୋତ୍ସାହନ ଓ ସରଳୀକୃତ ପୁଞ୍ଜିନିବେଶ ନୀତି: ରାଜ୍ୟର ଶିଳ୍ପ ନୀତି (IPR) ଅଧୀନରେ କୃଷି ଓ ବୟନ ଶିଳ୍ପକୁ 'ପ୍ରାଥମିକତା କ୍ଷେତ୍ର' ଘୋଷଣା କରି ବିଜୁଳି ରିହାତି, କ୍ୟାପିଟାଲ୍ ସବସିଡି ଏବଂ ସିଙ୍ଗଲ୍ ୱିଣ୍ଡୋ ମାଧ୍ୟମରେ ତ୍ୱରିତ ଅନୁମୋଦନ ପ୍ରଦାନ। ଏହି ସମନ୍ୱିତ ମଡେଲ୍ କାର୍ଯ୍ୟକାରୀ ହେଲେ ଓଡ଼ିଶାର କୃଷକ ଲାଭବାନ ହେବେ, ରାଜ୍ୟରୁ ଦାଦନ ଶ୍ରମିକ ସମସ୍ୟା ହ୍ରାସ ପାଇବ ଏବଂ ସ୍ଥାନୀୟ କଞ୍ଚାମାଲର ଯଥାର୍ଥ ସଦୁପଯୋଗ ହୋଇପାରିବ।

ଓଡ଼ିଶାର ପୁରୁଣା ଶିଳ୍ପଗୁଡ଼ିକର ବିଫଳତାରୁ ଶିକ୍ଷା ନେଇ ଦକ୍ଷ ମାନବ ସମ୍ବଳ ଗଠନ, ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ, ଶସ୍ତା ବିଦ୍ୟୁତ୍-ଜଳ ଯୋଗାଣ ଏବଂ ସ୍ଥାନୀୟ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦେଲେ ଓଡ଼ିଶା କେବଳ କଞ୍ଚାମାଲ ଯୋଗାଣକାରୀ ନହୋଇ ଭାରତର ଏକ ଅଗ୍ରଣୀ ଉତ୍ପାଦନ ହବ୍ ଭାବେ ପୁଣିଥରେ ଉଭା ହୋଇପାରିବ ଏଥିରେ କୌଣସି ସନ୍ଦେହ ନାହିଁ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



# ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ଗୁରୁତ୍ୱ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ ୧୩ତମ ପ୍ରଗତି ବୈଠକ ଜିଲ୍ଲାପାଳ ରଘୁରାମ୍ ଆର୍ ଆୟାରଙ୍କ ଅଧ୍ୟତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡା ବିଧାୟକ ଡକ୍ଟର ଦୁର୍ଗାପ୍ରସନ୍ନ ନାୟକ, ସାଂସଦଙ୍କ ପ୍ରତିନିଧି ଶଶାଙ୍କ ଶେଖର ସେଠୀ, ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା (ସାଧାରଣ), ରବିନ୍ଦ୍ର କୁମାର ମଲ୍ଲିକ (ରାଜସ୍ୱ), ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲାର ସମସ୍ତ ତହସିଲଦାର, ବିଡିଓ, ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ, ଆର୍‌ଡିର ଅଧିକ୍ଷଣ ଯନ୍ତ୍ରୀଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜିଲ୍ଲାରେ ଚାଲୁ ରହିଥିବା ବଡ ବଡ ପ୍ରକଳ୍ପ ଗୁଡିକୁ ସମୟସୀମା ମଧ୍ୟରେ ସାରି ଜନହିତରେ ଲଗେଇବା ପାଇଁ ଆଲୋଚନା କରାଯାଇଥିଲା। ଅନୁମୋଦନ ପାଇଥିବା ପ୍ରକଳ୍ପ ଗୁଡିକର ଶୀଘ୍ର ସାରିବା ଏବଂ ଅନୁମୋଦନ ପାଇଁ ଯାଇଥିବା ପ୍ରକଳ୍ପ ଗୁଡିକୁ ଉଚ୍ଚ ପଦସ୍ତ ଅଧିକାରୀମାନଙ୍କ ସହିତ ଯୋଗାଯୋଗ କରି ଆଣିବା, ଚଳିତ ବର୍ଷ ବନ୍ୟା ଯୋଗୁ ପ୍ରକଳ୍ପ ଗୁଡିକର କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ ସେ ପ୍ରକଳ୍ପ ଗୁଡିକୁ ଅଧିକ ଶ୍ରମିକ ଲଗାଇ ସମୟ ଭିତରେ ସାରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। କୌଣସି ପ୍ରକଳ୍ପ ଗୁଡିକରେ କୌଣସି ବାଧା ବିଘ୍ନ ଆସିଲେ ସେଗୁଡିକୁ ଅଧିକାରୀମାନେ ନିଜ ଭିତରେ ସମନ୍ୱୟ ରଖି ସମାଧାନ କରିବା ପାଇଁ ଆଲୋଚନା କରାଯାଇଥିଲା।

## କଟକ ନାଟ୍ୟୋତ୍ସବ-୨୦୨୬ ନିମନ୍ତେ ପ୍ରକ୍ରିୟା ଆରମ୍ଭ

# ଯୁବ ପ୍ରତିଭାଙ୍କୁ କଳା ପରିବେଷଣର ସୁଯୋଗ ଦେବା ନାଟ୍ୟୋତ୍ସବର ମୁଖ୍ୟ ଲକ୍ଷ୍ୟ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ନାଟ୍ୟୋତ୍ସବ-୨୦୨୬ ଆୟୋଜନ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସୂଚନା ଦେଇଛନ୍ତି ଯେ, ଯୁବ ପ୍ରତିଭାମାନଙ୍କୁ ପ୍ରତିଷ୍ଠିତ ମଞ୍ଚରେ ନିଜର କଳା ପରିବେଷଣ କରିବାର ସୁଯୋଗ ପ୍ରଦାନ କରିବା ଏହି ନାଟ୍ୟୋତ୍ସବର ମୂଳ ଲକ୍ଷ୍ୟ । ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଗୁଡିକ ନାଟ୍ୟୋତ୍ସବରେ ଭାଗ ନେଇପାରିବେ । ଚୟନ ପ୍ରକ୍ରିୟାର ଅଂଶ ଭାବେ କଟକ ଜିଲ୍ଲାର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ନାଟ୍ୟ ଦଳଗୁଡିକ ନିଜ କର୍ତ୍ତୃପକ୍ଷଙ୍କ ଅନୁମତି ନେଇ ୧୦-୧୫ ମିନିଟ୍ ଅବଧିର କ୍ଷୁଦ୍ର ଭିଡ଼ିଓ ଏବଂ ମୂଳ ଲେଖା ଦାଖଲ କରିବେ । ଭିଡ଼ିଓ ଦାଖଲ କରିବାର ଶେଷ ତାରିଖ ୨୧ ସେପ୍ଟେମ୍ବର ୨୦୨୬ ରଖାଯାଇଛି । ପ୍ରାପ୍ତ ଭିଡିଓକୁ ବିଚାରକମଣ୍ଡଳୀ ଦ୍ୱାରା ସମୀକ୍ଷା ଓ ମୂଲ୍ୟାୟନ କରାଯାଇ ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ଯୋଗ୍ୟ ଦଳଗୁଡିକୁ ଚୟନ କରାଯିବ। ନାଟକ ଓଡ଼ିଆ ଓ ମୌଳିକ ହେବ ଆବଶ୍ୟକ । ନାଟକର ଚିନ୍ତନ, ପରିକଳ୍ପନା ଠାରୁ ଆରମ୍ଭ କରି ମଞ୍ଚସ୍ଥ କରିବା ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ନିଜେ କରିବେ । ନେତାଜୀ ସଂସ୍କୃତି ଭବନ ଠାରେ ଚୟନ କରାଯାଇଥିବା ଦଳଗୁଡିକ ମଧ୍ୟରେ ସେମିଫାଇନାଲ୍ ଅନୁଷ୍ଠିତ ହେବ । ସେପ୍ଟେମ୍ବର ୨୪ ରୁ ୩୦ ତାରିଖ ମଧ୍ୟରେ ସେମି ଫାଇନାଲ୍ ପର୍ଯ୍ୟାୟ କରିବାକୁ ଆପାତତଃ ଧାର୍ଯ୍ୟ କରାଯାଇଛି। ସେମିଫାଇନାଲ୍ ପର୍ଯ୍ୟାୟର ପ୍ରଦର୍ଶନ ଆଧାରରେ ୯ଟି ଶ୍ରେଷ୍ଠ ଦଳକୁ ଫାଇନାଲିଷ୍ଟ ଭାବେ ଚୟନ କରାଯିବ । ଏହି ୯ଟି ଦଳ ୨୮ ରୁ ୩୦ ଅକ୍ଟୋବର ୨୦୨୬ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ଗ୍ରାଣ୍ଡ ଫାଇନାଲ୍‌ରେ ନିଜର ନାଟ୍ୟ ପ୍ରତିଭା ପ୍ରଦର୍ଶନ କରିବେ । ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ ନାଟ୍ୟୋତ୍ସବର ବିଜେତା ଦଳକୁ ବାଲିଯାତ୍ରାର ବୈଷ୍ଣବ ପାଣି ମଞ୍ଚରେ ପ୍ରଦର୍ଶନ କରିବାର ସୁଯୋଗ ପ୍ରଦାନ କରାଯିବ। ସେହିପରି ପ୍ରଥମ ଓ ଦ୍ୱିତୀୟ ରନର୍ସ ଅପ୍ ଦଳକୁ ଅକ୍ଷୟ ମହାନ୍ତି ମଞ୍ଚରେ ନାଟକ ପରିବେଷଣ କରିବାର ସୁଯୋଗ ମିଳିବ। ଦଳଗତ ପୁରସ୍କାର ବ୍ୟତୀତ ବିଭିନ୍ନ ବ୍ୟକ୍ତିଗତ ଓ କଳାତ୍ମକ ବିଭାଗରେ ମଧ୍ୟ ପୁରସ୍କାର ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ବରିଷ୍ଠ ସିନେ ଅଭିନେତା ଶ୍ରୀତମ ଦାସ, ଡେପୁଟି କଲେକ୍ଟର ସତରୂପା ଶତପଥୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱାଗତିକା ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଅଧିକ ସୂଚନା ନିମନ୍ତେ ଜିଲ୍ଲା ସଂସ୍କୃତି ବିଭାଗ ସହ ଯୋଗାଯୋଗ କରିବାକୁ ଅନୁରୋଧ ।

# 'ବୀରମହାରାଜପୁର ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ'

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ବିକାଶ କମିଟି ବୈଠକ ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବୀରମହାରାଜପୁର ବିଧାୟକ ତଥା ଜିଲ୍ଲା ଯୋଜନା ପର୍ଯ୍ୟବେକ୍ଷଣ କମିଟିର ଅଧ୍ୟକ୍ଷ ଇଂ ରଘୁନାଥ ଜଗଦଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସମସ୍ତ ଅଧିକାରୀ ମାନଙ୍କୁ କହିଥିଲେ ଯେ ଜିଲ୍ଲାର ଉନ୍ନତି ପାଇଁ ସମସ୍ତଙ୍କର ସହଯୋଗ ନିହାତି ଜରୁରୀ । ବୈଠକରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ଅବଗତ କରାଇଥିଲେ। ବିଧାୟକ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷି ସାମୂହିକ ଭାବେ ଜିଲ୍ଲା ଓ ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ କାର୍ଯ୍ୟ କରିବାକୁ କହିଥିଲେ। ଭୁବନେଶ୍ୱର ସ୍ଥିତ ବିଭାଗକୁ ପ୍ରସ୍ତାବ ପଠାଇବା ପୂର୍ବରୁ ଏ ସମ୍ପର୍କରେ ବିଧାୟକଙ୍କୁ ଅବଗତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଜିଲ୍ଲାରେ ପ୍ରାୟ ୯୪ ପ୍ରତିଶତ କାର୍ଯ୍ୟ ସମ୍ପନ୍ନ ହୋଇଥିବା ଜଣାପଡ଼ିଥିଲା। ଅତ୍ୟନ୍ତ ଗୁରୁତର ରୋଗରେ ପୀଡ଼ିତ, ଦିବ୍ୟାଙ୍ଗ ଓ ବିଧବା ମହିଳାଙ୍କୁ ଲକ୍ଷ୍ୟ କରି ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ଥିବା ଅପେକ୍ଷା ତାଲିକା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ବିଭିନ୍ନ ଗ୍ରାମରେ ଆବଶ୍ୟକ ସାମୁଦାୟିକ କେନ୍ଦ୍ର, ପ୍ରଶିକ୍ଷଣ କେନ୍ଦ୍ର ଓ ପାନୀୟଜଳ ସୁବିଧା ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲାର ଅସମ୍ପୂର୍ଣ୍ଣ ୨୦୩ଟି ଅଙ୍ଗନବାଡ଼ି କେନ୍ଦ୍ରର କାର୍ଯ୍ୟ ଶେଷ କରିବା ପାଇଁ ଆବଶ୍ୟକ ପାଣ୍ଠି ଓ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ନେଇ ଆଲୋଚନା ହୋଇଥିଲା। ଛାତ୍ରଛାତ୍ରୀମାନଙ୍କୁ ଆର୍ଥିକ ସହାୟତା, ଯଶୋଦା ଯୋଜନା ଏବଂ ଉତ୍କଳ ବାଳାଶ୍ରମରେ ଥିବା ଶିଶୁମାନଙ୍କ ଶିକ୍ଷା ଓ ନିଯୁକ୍ତି ସମ୍ପର୍କରେ ମଧ୍ୟ ତଥ୍ୟ ଦିଆଯାଇଥିଲା। ଜିଲ୍ଲାରେ ଆଉ ଏକ ବାଳାଶ୍ରମ ନିର୍ମାଣ ପାଇଁ ପ୍ରସ୍ତାବ ଦେବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ହସ୍ତଶିଳ୍ପ କ୍ଷେତ୍ରରେ ଛଅ ମାସିଆ ପ୍ରଶିକ୍ଷଣ ଚାଲିଥିବା ବେଳେ ଜିଲ୍ଲାରେ ହସ୍ତଶିଳ୍ପ ସାମଗ୍ରୀ ବିକ୍ରୟ ପାଇଁ ଏକ ସ୍ୱତନ୍ତ୍ର ଦୋକାନ ସ୍ଥାପନ ଉପରେ ବିଧାୟକ ଗୁରୁତ୍ୱାରୋପ କରିଥିଲେ। ପର୍ଯ୍ୟଟନ କ୍ଷେତ୍ରରେ ମେଟାକାନି ଓ ସାହାଜପୀଟା ଠାରେ ଥିବା ପଥପ୍ରାନ୍ତ ସୁବିଧା କେନ୍ଦ୍ରର ସୁପରିଚାଳନା ସହ ପାତାଳୀ ଶ୍ରୀକ୍ଷେତ୍ରରେ ପର୍ଯ୍ୟଟକଙ୍କ ପାଇଁ ଆଶ୍ରୟସ୍ଥଳୀ ବିକାଶ ଉପରେ ଆଲୋଚନା ହୋଇଥିଲା। ଖଣି କାର୍ଯ୍ୟ ପରେ କ୍ଷତିଗ୍ରସ୍ତ ରାସ୍ତାର ପୁନରୁଦ୍ଧାର ନିଶ୍ଚିତ କରିବାକୁ ଖଣି ଅଧିକାରୀଙ୍କୁ କୁହାଯାଇଥିଲା। ଧାନ କ୍ରୟ ଓ ସଂରକ୍ଷଣ ବ୍ୟବସ୍ଥା ସୁଦୃଢ଼ କରିବା, ଖାଲି ସ୍ଥାନରେ ଗୋଦାମ ନିର୍ମାଣ ଏବଂ ବଡ଼ ଧାନ ସଂରକ୍ଷଣ ପାଇଁ ପ୍ରସ୍ତାବ ଦେବା ନେଇ ଆଲୋଚନା ହୋଇଥିଲା। ବୁଣାକାରମାନେ ମଧ୍ୟସ୍ଥଙ୍କ ବିନା ସିଧାସଳଖ ସୂତା କିଣିପାରିବା ପାଇଁ ବ୍ୟବସ୍ଥା କରିବା ସହ ଦଶ ଏକର ଜମିରେ ମଲବେରୀ ଚାଷ ପାଇଁ ପ୍ରସ୍ତାବ ଦିଆଯାଇଥିବା ଜଣାଯାଇଥିଲା। ଭୀମ ଭୋଇ ମଠ ବିକାଶ କାର୍ଯ୍ୟ, ଉଲୁଣ୍ଡା-ପାତାଳୀ, ଜେଲ୍ ଛକ-ପାତାଳୀ ଏବଂ ଖଲିଆପାଲି ରାସ୍ତାରେ, ତିନୋଟି ତୋରଣ ନିର୍ମାଣର ପ୍ରସ୍ତାବ ରଖିବା ପାଇଁ ବିଧାୟକ ସଂସ୍କୃତି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପାଞ୍ଚଟି ବ୍ଲକରେ କ୍ରୀଡ଼ା ଭିତ୍ତିଭୂମି ବିକାଶ କାର୍ଯ୍ୟ ଚାଲିଥିବା ଏବଂ ପ୍ରତ୍ୟେକ ବ୍ଲକ ପାଇଁ ଦୁଇ କୋଟି ଟଙ୍କା ମଞ୍ଜୁର ହୋଇଥିବା ଜଣାଯାଇଥିଲା। ନୂତନ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରାବାସ ଏବଂ ବିଜୁ ପଟ୍ଟନାୟକ କଲେଜରେ ଛାତ୍ରାବାସ ଓ ବହୁମୁଖୀ ଛାତ୍ରାବାସ ନିର୍ମାଣ ନେଇ ଆଲୋଚନା ହୋଇଥିଲା। ବ୍ଲକ ଶିକ୍ଷା ଅଧିକାରୀମାନଙ୍କୁ ବିଦ୍ୟାଳୟ ପରିଦର୍ଶନ କରି ଭିତ୍ତିଭୂମିର ସୁରକ୍ଷା ଓ କାର୍ଯ୍ୟକ୍ଷମତା ଯାଞ୍ଚ କରିବାକୁ କୁହାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉଲୁଣ୍ଡା ଓ ବିନିକା ଠାରେ ସିଏସ୍‌ସି ଭବନ ନିର୍ମାଣକୁ ଅନୁମୋଦନ ମିଳିଥିବା ଏବଂ ଆସନ୍ତା ମାସରେ ଜିଲ୍ଲାକୁ ୨୨ ଜଣ ନୂତନ ଡାକ୍ତର ଆସିବାର ଥିବା ଜଣାଯାଇଥିଲା। ଏପର୍ଯ୍ୟନ୍ତ ୨,୩୫,୦୨୬ ଜଣଙ୍କୁ ଆୟୁଷ୍ମାନ କାର୍ଡ ପ୍ରଦାନ କରାଯାଇଛି। କୃଷି ବିଭାଗ ପକ୍ଷରୁ ସାର ବଣ୍ଟନ ବ୍ୟବସ୍ଥା ଉପରେ ନଜର ରଖିବା ସହ ଅଚାନକ୍ ପରିଦର୍ଶନ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଗ୍ରାମୀଣ କାର୍ଯ୍ୟ ପ୍ରକଳ୍ପ, ଷ୍ଟାଡିୟମ୍ ନିର୍ମାଣ ଓ ଅନ୍ୟାନ୍ୟ ବିକାଶମୂଳକ ପ୍ରକଳ୍ପର ଅଗ୍ରଗତି ନେଇ ମଧ୍ୟ ସମୀକ୍ଷା କରାଯାଇଥିଲା। ବୈଠକରେ ସମସ୍ତ ବିଭାଗକୁ ନିଜ ନିଜ ଯୋଜନାର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରି ଲୋକଙ୍କୁ ଉନ୍ନତ ସେବା ଯୋଗାଇବାକୁ ବିଧାୟକ ଆହ୍ୱାନ୍ ଦେଇଥିଲେ।

# ସ୍ୱାଧୀନତା ସଂଗ୍ରାମରେ ବୀର ବାଘାଯତିନ୍‌ଙ୍କ ବଳିଦାନ ଚିରସ୍ମରଣୀୟ

**ବାଲେଶ୍ୱର, ନ୍ୟୁଜ୍**




ଭାରତର ସ୍ୱାଧୀନତା ସଂଗ୍ରାମର ମହାନ ବିପ୍ଳବୀ, ଭାରତ ମାତାର ସୁଯୋଗ୍ୟ ସନ୍ତାନ, ମୁକ୍ତି ଯୋଦ୍ଧା, ଅଦମ୍ୟ ସାହସ, ବ୍ରିଟିଶ ସାମ୍ରାଜ୍ୟ ବିରୋଧରେ ସଶସ୍ତ୍ର ସଂଗ୍ରାମର ରଣ ହୁଙ୍କାର ଦେଇଥିବା ମହାନ ଯୋଦ୍ଧା, ଦେଶପ୍ରେମ ଓ ଆତ୍ମତ୍ୟାଗର ପ୍ରତୀକ ବୀର ବାଘାଯତୀନଙ୍କ ସହିଦ ଦିବସ ବାଲେଶ୍ୱର ଜିଲ୍ଲାରେ ଶ୍ରଦ୍ଧା ଓ ଗମ୍ଭୀରତାର ସହ ପାଳିତ ହୋଇଯାଇଛି । ଜିଲ୍ଲା ପ୍ରଶାସନର ସହଯୋଗରେ ବାଘାଯତୀନ ଉନ୍ନୟନ କମିଟି ଓ ବାଘାଯତୀନ ବିକାଶ ପରିଷଦର ମିଳିତ ଆନୁକୂଲ୍ୟରେ ପୂର୍ବାହ୍ନରେ ବାଲେଶ୍ୱର ସହରର ବାରବାଟୀ ବାଳିକା ହାଇସ୍କୁଲ୍ ସ୍ଥିତ ପୂର୍ବତନ ହସ୍ପିଟାଲ୍ ପରିସର ଏବଂ ରେମୁଣା ବ୍ଲକ୍‌ର ଚଷାଖଣ୍ଡ ଅଞ୍ଚଳରେ ବାଘା ଯତୀନଙ୍କ ୧୧୧ ତମ ସ୍ମୃତି ସହିଦ ଦିବସ ପାଳନ ହୋଇଯାଇଛି । ଏହି ଅବସରରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ, ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ ତପନ ଖୁଣ୍ଟିଆ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରବୋଧ କୁମାର ମଲ୍ଲିକ, ବାଘା ଯତୀନଙ୍କ ଜନ୍ମଭୂମି ତଥା ରକ୍ତ ତୀର୍ଥ ଯାତ୍ରୀରୁ ୩୪ ଜଣ ପ୍ରମୁଖ ବ୍ୟକ୍ତି ଯୋଗଦେଇ ବୀର ବାଘାଯତୀନଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରିଥିଲେ। ବାଘାଯତୀନ ଉନ୍ନୟନ କମିଟିର କାର୍ଯ୍ୟକାରୀ ସଭାପତି ସୁଜିତ କୁମାର ଦେବ, ସାଧାରଣ ସମ୍ପାଦକ ହରେନ୍ ରଣାଙ୍କ ସମେତ କମିଟିର ସଦସ୍ୟମାନେ ସ୍ଥାନୀୟ ବାରବାଟୀ ସ୍କୁଲ ପରିସରରେ ଏବଂ ବାଘାଯତୀନ ବିକାଶ ପରିଷଦର କାର୍ଯ୍ୟକାରୀ ସଭାପତି ଗୋପୀନାଥ ସେନାପତି ଏବଂ ସାଧାରଣ ସମ୍ପାଦକ ସର୍ବେଶ୍ୱର ମହାନ୍ତିଙ୍କ ସମେତ ପରିଷଦର ସଦସ୍ୟମାନେ ରେମୁଣା ବ୍ଲକ ସ୍ଥିତ ଚଷାଖଣ୍ଡ ଠାରେ ଏହି ଐତିହାସିକ କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ । ଏହି ଦିବସ ପାଳନ ଅବସରରେ ବାଘାଯତୀନଙ୍କ ଐତିହାସିକ ସଂଗ୍ରାମ ଓ ବଳିଦାନକୁ ସ୍ମରଣ କରାଯାଇଥିଲା। ଐତିହାସିକ ତଥ୍ୟ ଅନୁଯାୟୀ, ବାଘାଯତୀନଙ୍କ ସହ ମୋଟ୍ ପାଞ୍ଚଜଣ ବିପ୍ଳବୀ ଏହି ସଂଘର୍ଷରେ ସାମିଲ୍ ଥିଲେ। ସେମାନଙ୍କ ମଧ୍ୟରୁ ତିନିଜଣ ଆକ୍ରମଣର ଶିକାର ହୋଇଥିବା ବେଳେ ଦୁଇଜଣ ଗିରଫ ହୋଇଥିଲେ। ଚଷାଖଣ୍ଡ ଠାରେ ଘଟିଥିବା ସଶସ୍ତ୍ର ସଂଘର୍ଷ ସ୍ୱାଧୀନତା ଆନ୍ଦୋଳନର ଏକ ସାହସିକ ଅଧ୍ୟାୟ ଭାବେ ଆଜି ମଧ୍ୟ ସ୍ମରଣୀୟ। ଏହି ସଂଘର୍ଷ ସମୟରେ ଜଣେ ବିପ୍ଳବୀ ଘଟଣାସ୍ଥଳରେ ସହିଦ ହୋଇଥିଲେ। ବୀର ବାଘାଯତୀନ ଗୁରୁତର ଆହତ ହୋଇ ଯେଉଁ ହସ୍ପିଟାଲ୍‌ରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ, ସେହି ସ୍ଥାନଟି ବର୍ତ୍ତମାନ ବାରବାଟୀ ବାଳିକା ଉଚ୍ଚ ବିଦ୍ୟାଳୟ ଭାବେ ପରିଚିତ। ଏହି ସ୍ଥାନ ଓ ଚଷାଖଣ୍ଡ ଅଞ୍ଚଳ ବାଘାଯତୀନଙ୍କ ଅମର ସ୍ମୃତି ସହ ଗଭୀର ଭାବେ ଜଡ଼ିତ। ତେଣୁ ଏହି ଦୁଇଟି ସ୍ଥାନରେ ସହିଦ ଦିବସ ପାଳନର ବିଶେଷ ଐତିହାସିକ ଓ ଭାବନାତ୍ମକ ଗୁରୁତ୍ୱ ରହିଛି। ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଦେଶମାତୃକାର ସ୍ୱାଧୀନତା ପାଇଁ ବାଘାଯତୀନ ଓ ତାଙ୍କ ସହଯୋଗୀମାନେ ଯେଉଁ ଅଦମ୍ୟ ସାହସ ଓ ଆତ୍ମତ୍ୟାଗର ପରିଚୟ ଦେଇଥିଲେ, ତାହା ଭାରତୀୟ ଇତିହାସରେ ଚିରସ୍ମରଣୀୟ। ତାଙ୍କର ଜୀବନ ଆମକୁ ଦେଶପ୍ରେମ, ନିଷ୍ଠା, ସାହସ ଓ ତ୍ୟାଗର ଶିକ୍ଷା ପ୍ରଦାନ କରେ। ବାଘାଯତୀନଙ୍କ ଆଦର୍ଶ ଓ ବଳିଦାନକୁ ଆଗାମୀ ପିଢ଼ି ନିକଟରେ ପହଞ୍ଚାଇବା ଏବଂ ତାଙ୍କ ଐତିହାସିକ ସ୍ମୃତିସ୍ଥଳୀଗୁଡ଼ିକର ସଂରକ୍ଷଣ ଓ ବିକାଶ ପାଇଁ ସମସ୍ତଙ୍କ ମିଳିତ ପ୍ରୟାସ ଆବଶ୍ୟକ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା। ବୀର ବାଘାଯତୀନଙ୍କ ଅମର ଗାଥା ଓ ଦେଶପ୍ରେମର ଆଦର୍ଶ ଯୁବପିଢ଼ିକୁ ଦେଶ ଓ ସମାଜର ସେବା ପାଇଁ ସଦା ସର୍ବଦା ପ୍ରେରଣା ଯୋଗାଇବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ।

# ୧୦୮ କେଜି ଗଞ୍ଜେଇ ଜବତ: ୩ ଗିରଫ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଓ ଅବକାରୀ ଅଧୀକ୍ଷକ ଶାନ୍ତି ମାରାଣ୍ଡିଙ୍କ ନିର୍ଦ୍ଦେଶକ୍ରମେ ଗଞ୍ଜେଇ ଚୋରା ଚାଲାଣ ରୋକିବାକୁ ପାଟ୍ରୋଲିଂ ଚାଲିଥିବାବେଳେ ବୌଦ୍ଧ ବ୍ଲକ ବାଉଁଶୁଣୀ ଗ୍ରାମ ପଞ୍ଚାୟତ ଟିକିରାପଡା ନିକଟରୁ ୧୦୮ କେଜି ଗଞ୍ଜେଇ ଜବତ ମାମଲାର ୩ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି ବୌଦ୍ଧ ଅବକାରୀ ଥାନା । ମିଳିଥିବା ସୂଚନା ଅନୁଯାୟୀ ଦିନ ୨ଟା ସମୟରେ ବୌଦ୍ଧ ଅବକାରୀରେ ଓ ବୌଦ୍ଧ ଅବକାରୀ ଥାନା ପକ୍ଷରୁ ବାଉଁଶୁଣୀ ଅଞ୍ଚଳରେ ପାଟ୍ରୋଲିଂ ଚାଲିଥିବା ବେଳେ ଟିକିରାପଡା ବନ୍ଧ ପାଖରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ମିଳିଥିଲା। ପାଟ୍ରୋଲିଂ ଟିମ୍ ସେହି ସ୍ଥାନରେ ଚଢଉ କରି ୧୦୮ କେଜି ଗଞ୍ଜେଇ ଜବତ କରି ଚାଲାଣ ପାଇଁ ପ୍ରସ୍ତୁତି ଚଳାଇଥିବା ୩ ଜଣଙ୍କୁ କାବୁ କରିଥିଲେ। ସମସ୍ତ ଗଞ୍ଜେଇକୁ ଜବତ କରି ୩ ଅଭିଯୁକ୍ତଙ୍କୁ ଗିରଫ କରି ବୌଦ୍ଧ ଅଣାଯାଇଥିଲା । କୋର୍ଟ ଚାଲାଣ ହୋଇଥିବା ଅଭିଯୁକ୍ତମାନେ ହେଲେ ବାଉଁଶୁଣୀ ଟିକିରାପଡା ଗ୍ରାମର ସୁରମଣି ତାଣ୍ଡିଙ୍କ ପୁଅ କଶ୍ୟପ ତାଣ୍ଡି, କନ୍ଧମାଳ ଜିଲ୍ଲା ନନ୍ଦି ପଦର ଗ୍ରାମର ରାଜେଶ ଦିଗାଲ ଓ ଗୋପୀ ଗାଆଁ ଗ୍ରାମର ପ୍ରଦୀପ ମାହାର ବୋଲି ସୂଚନା ମିଳିଛି । ଚଢଉରେ ଇନ୍ସପେକ୍ଟର ଦିଲ୍ଲୀପ କୁମାର ଶତପଥୀ, ବୌଦ୍ଧ ଅବକାରୀ ଥାନା ଅଧିକାରୀ ସତ୍ୟ ନାରାୟଣ ପ୍ରଧାନଙ୍କ ସମେତ ଅନ୍ୟମାନେ ସାମିଲ୍ ଥିଲେ ।

# ନାଗା ସାଧୁ ବେଶରେ ଆସି ସୁନା ଓ ଟଙ୍କା ଲୁଟ୍: ୪ ଦୁର୍ବୃତ୍ତ ଚମ୍ପଟ୍



**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ନାଗା ସାଧୁ ବେଶରେ ଆସି ଘର ଦୋଷ କାଟିଦେବା କହି ସୁନା ଓ ଟଙ୍କା ଲୁଟ୍। ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ବଡ଼କୁମାରୀ ଗାଁର ହରିପଦ ମଣ୍ଡଳଙ୍କ ଘରେ ଘଟିଛି ଏଭଳି ଘଟଣା। ୪ ଜଣ ଦୁର୍ବୃତ୍ତ ନାଗା ସାଧୁ ବେଶରେ ଆସି ଘର ଭିତରକୁ ପଶିବା ସହ ଘରେ ଦୋଷ ଥିବା କହିଥିଲେ । ପରେ ପୂଜାପାଠ ନାଁରେ ସୁନା ଓ ଟଙ୍କା ନେଇ ଫେରାର୍ ହୋଇଯାଇଥିବା ଅଭିଯୋଗ ହୋଇଛି । ଖବରପାଇ ଉମରକୋଟ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ସକାଳ ପ୍ରାୟ ୯ଟା ସମୟରେ ଏକ ନାଲି ରଙ୍ଗର କାର୍‌ରେ ୪ଜଣ ବ୍ୟକ୍ତି ନାଗା ସାଧୁ ବେଶରେ ବଡ଼କୁମାରୀ ଗାଁର ହରିପଦ ମଣ୍ଡଳଙ୍କ ଘରେ ପହଞ୍ଚିଥିଲେ। ପ୍ରଥମେ ପାଣି ମାଗିବା ପରେ ଘର ଭିତରକୁ ପଶିଥିଲେ। ଘରେ ବହୁତ ଦୋଷ ଲାଗିଛି ଏବଂ ଏଥିପାଇଁ ପରିବାରରେ ଅଶାନ୍ତି ଲାଗିରହୁଛି ବୋଲି କହିଥିଲେ। ଏହାର ସମାଧାନ ପାଇଁ ଗୋଟିଏ ମୁଠା ଅରୁଆ ଚାଉଳ ଓ ଗୋଟିଏ ଡାଳ ମାଗିଥିଲେ । ପରେ ଘରେ ଥିବା ସୁନା ଅଳଙ୍କାର ଡାଳ ଭିତରେ ପକାଇବା ସହ ୨୧ ହଜାର ଟଙ୍କା ଦକ୍ଷିଣା ଦେବାକୁ କହିଥିଲେ । ଏହାପରେ ଘର ଚାରିପଟେ ପାଣି ଛିଞ୍ଚିଲେ ଘରର ସମସ୍ତ ଦୋଷ ଦୂର ହୋଇଯିବ ବୋଲି କହିଥିଲେ । ପ୍ରଥମେ ହରିପଦଙ୍କ ପକ୍ଷରୁ ଏକ ନାକଫୁଲ ଦିଆଯାଇଥିଲା ହେଲେ ଏତିକି ସୁନାରେ କିଛି ହେବନାହିଁ କହି ଆହୁରି ସୁନା ଦେବାକୁ କହିଥିଲେ ଦୁର୍ବୃତ୍ତମାନେ । ଏପରିକି ହରିପଦଙ୍କ ହାତରେ ଥିବା ସୁନା ମୁଦି ମଧ୍ୟ ମାଗିଥିଲେ। ଏହାପରେ ତାଙ୍କ ସ୍ତ୍ରୀଙ୍କ ବେକରେ ଥିବା ସୁନା ଚେନ୍ ଓ କାନର ଅଳଙ୍କାର ଦେବାକୁ ମଧ୍ୟ ବାଧ୍ୟ କରିଥିଲେ । ଏହି ସମୟରେ ହରିପଦ ୧୫୦୦ ଟଙ୍କା ଦେଇଥିଲେ। ତେବେ ଦୁର୍ବୃତ୍ତଙ୍କ ଗତିବିଧିକୁ ନେଇ ହରିପଦଙ୍କ ସ୍ତ୍ରୀଙ୍କ ସନ୍ଦେହ ହୋଇଥିଲା । ସେ ବାହାରକୁ ଯାଇ ପାଟି କରିବାରୁ ୪ଜଣ ନାଗା ସାଧୁ ବେଶଧାରୀ ଦୁର୍ବୃତ୍ତ ସେଠାରୁ ତୁରନ୍ତ ଫେରାର୍ ହୋଇଥିଲେ। ଗ୍ରାମବାସୀ ସେମାନଙ୍କୁ ଧରିବାକୁ ପିଛା କରିଥିଲେ ମଧ୍ୟ ନାଲି ରଙ୍ଗର କାର୍‌ରେ ଦ୍ରୁତ ଗତିରେ ଚାଲିଯାଇଥିଲେ ଦୁର୍ବୃତ୍ତ। ଘଟଣା ସମ୍ପର୍କରେ ଖବରପାଇ ଉମରକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଫେରାର୍ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଛାନ୍‌ଭିନ୍ ଜାରି ରହିଛି।

# ମହିଳାଙ୍କ ପ୍ରତି ଘରୋଇ ହିଂସା ରୋକିବା ପାଇଁ ସମନ୍ୱିତ ପ୍ରୟାସ ଆବଶ୍ୟକ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ମହିଳାମାନଙ୍କୁ ଘରୋଇ ହିଂସାରୁ ସୁରକ୍ଷା ପ୍ରଦାନ, ସେମାନଙ୍କ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି ଏବଂ ଆଇନଗତ ସହାୟତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ବୌଦ୍ଧ ଜିଲ୍ଲାରେ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ବିନୟ କୁମାର ଭୋଇ ଏବଂ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ମହିଳାଙ୍କ ବିରୋଧରେ ଘଟୁଥିବା ଘରୋଇ ହିଂସାକୁ ରୋକିବା, ପୀଡ଼ିତାଙ୍କୁ ଆବଶ୍ୟକ ସୁରକ୍ଷା ଓ ସହାୟତା ପ୍ରଦାନ କରିବା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମର ଆରମ୍ଭରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରିକା ସ୍ୱାଗତ ଜଣାଇଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଆଡ୍‌ଭୋକେଟ୍ ବିଜୟକୃଷ୍ଣ ପଟ୍ଟନାୟକ ରିସୋର୍ସ ପର୍ସନ୍ ଭାବେ ଯୋଗଦେଇ ଘରୋଇ ହିଂସା ନିରୋଧ ଆଇନ୍, ମହିଳାଙ୍କ ଅଧିକାର ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣରେ ବୌଦ୍ଧ ଜିଲ୍ଲାର ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀ ଓ ପ୍ରତିନିଧିମାନେ ଯୋଗଦେଇ ମହିଳାଙ୍କ ସୁରକ୍ଷା ଏବଂ ଘରୋଇ ହିଂସା ନିରୋଧ କ୍ଷେତ୍ରରେ ବିଭାଗୀୟ ଭୂମିକା ଓ ସମନ୍ୱିତ କାର୍ଯ୍ୟପଦ୍ଧତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଜିଲ୍ଲା ମହିଳା ସଶକ୍ତିକରଣ ହବ୍, ଡିଏଚ୍‌ଡବ୍ଲୁଇ ପକ୍ଷରୁ ସଫଳ ଭାବେ ଆୟୋଜନ ଓ ପରିଚାଳନା କରାଯାଇଥିଲା। ମହିଳାମାନଙ୍କ ସୁରକ୍ଷା, ସମ୍ମାନ ଓ ଅଧିକାର ସୁନିଶ୍ଚିତ କରିବା ପାଇଁ ସମସ୍ତ ବିଭାଗ ଏକତ୍ରୀତ ହୋଇ ସମନ୍ୱିତ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ଉପରେ ଜିଲ୍ଲାପାଳ ଗୁରୁତ୍ୱ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ସଂଯୋଜିକା ସୁଜାତା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଦିବ୍ୟ ଜୀବନ ସଂଘର ଶିବାନନ୍ଦ ଜୟନ୍ତୀ ଓ ଆରାଧନା ଦିବସ ପାଳନ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଦିବ୍ୟ ଜୀବନ ସଂଘ ମହିଳା ଶାଖା ଆଶ୍ରମ ପରିସରରେ ଆନ୍ତର୍ଜାତିକ ଦିବ୍ୟ ଜୀବନ ସଂଘର ପ୍ରତିଷ୍ଠାତା ତଥା ସଦ୍‌ଗୁରୁ ଶିବାନନ୍ଦ ସରସ୍ୱତୀ ମହାରାଜାଙ୍କ ପବିତ୍ର ତମ ଜନ୍ମ ଉତ୍ସବ ଓ ବ୍ରହ୍ମ ଲୀନ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ୧୮ତମ ଆରାଧନା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ବରିଷ୍ଠ ଗୁରୁ ଭାଇ ଅରୁଣ କୁମାର ଦାଶଙ୍କ ପୌରୋହିତ୍ୟରେ ପ୍ରାତଃ ୫ଟା ଠାରୁ ବ୍ରାହ୍ମ ମୁହୂର୍ତ୍ତ, ପ୍ରାର୍ଥନା, ପରିକ୍ରମା, ଗୁରୁ ପାଦୁକା ପୂଜା ଓ ଅର୍ଚ୍ଚନା ଆଦି ଯଥାରୀତି ପାଳନ କରାଯାଇଥିଲା। ସନ୍ଧ୍ୟା ସତ୍‌ସଙ୍ଗରେ ବରିଷ୍ଠ ଗୁରୁ ଭାଇ ଶ୍ରୀନିବାସ ପାତ୍ର ଓ ରୀନା ପାଢ଼ି ଯୋଗଦେଇ ସ୍ୱାମୀ ଶିବାନନ୍ଦ ସରସ୍ୱତୀ ମହାରାଜଙ୍କର ବାଣୀ ଓ ଲେଖାର ନିର୍ଯ୍ୟାଶକୁ ଖୁବ୍ ସରଳ ଓ ସୂକ୍ଷ୍ମ ଭାବେ କେତେ ଗୋଟି ମଧ୍ୟରେ ପ୍ରକାଶ କରିଥିଲେ । ତାହା ହେଉଛି ସେବା, ପ୍ରେମ, ଦାନ, ପବିତ୍ରତା, ଧ୍ୟାନ ଓ ପରିଶେଷରେ ଈଶ୍ୱର ସାକ୍ଷାତକାର ବୋଲି କହିଥିଲେ । ପରମ ଗୁରୁଦେବ ସ୍ୱାମୀ ଶିବାନନ୍ଦ ଓ ସ୍ୱାମୀ ଚିଦାନନ୍ଦଙ୍କ ମହତ୍ୱବାଣୀ ଭଲ ହୁଅ ଓ ଭଲ କର, ମାନବ ସବା ହିଁ ମାଧବ ସେବାକୁ ଆଧାରିତ କରି ଦକ୍ଷିଣାଞ୍ଚଳ ଦିବ୍ୟଜୀବନ ସଂଘ ସମନ୍ୱୟ ସମିତିର କୋଷାଧ୍ୟକ୍ଷ ଶାନ୍ତି ଭୂଷଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଦିବା ୩ ଟାରେ ସ୍ଥାନୀୟ ଶିବାନନ୍ଦ ଶିଶୁ ମନ୍ଦିର ଓ କୃଷ୍ଣନଗର ସ୍କୁଲର ଶତାଧିକ ଛାତ୍ର ଛାତ୍ରୀମାନଙ୍କୁ ଭଗବତ୍ ଗୀତା ପୁସ୍ତକ, ଚକୋଲେଟ୍, ବିସ୍କୁଟ୍ ସହ ପାଠ୍ୟ ଉପକରଣ ସହ ଗୀତା ଆବୃତ୍ତି ପ୍ରତିଯୋଗିତାରେ ୧୫ ଜଣ କୃତି ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ପୁରସ୍କାର ସହ ୧ ଘଣ୍ଟା ସତ୍ ସଙ୍ଗ କରାଯାଇଥିଲା । ଏହି ଦିବ୍ୟ କାର୍ଯ୍ୟକ୍ରମକୁ ସଂଘର ସଭାନେତ୍ରୀ ଜ୍ୟୋତ୍ସ୍ନା ରାଣୀ ଦାସ, ମମତା ମହାପାତ୍ର, ରୀନା ପାଢ଼ୀ, ଲିପିବାଳା ସାହୁ, ସୁଜାତା ପଟ୍ଟନାୟକ, ଏମ୍. କ୍ରୀଷ୍ଣା ଦୋରା, ଅଲେଖ ବେହେରା, ସରସ୍ୱତୀ ପାଣିଗ୍ରାହୀ, ମମତା ପ୍ରଧାନ, ସୁରେଶ ଚନ୍ଦ୍ର ବରାଡ଼, ମାମି ବେହେରା, ଅନାମିତା ପଣ୍ଡାଙ୍କ ସମେତ ବହୁ ଭକ୍ତ ଉପସ୍ଥିତ ରହି ସହଯୋଗ କରିଥିଲେ।



# ଗୁରୁ ଭଗବାନ ସାହୁଙ୍କ ସ୍ମୃତିରେ ହେବ ନୂଆଁଖାଇ ଭେଟଘାଟ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**



ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତି କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଲୁଲୁ ରବିନ ଦାସଙ୍କ ଆବାହକତ୍ୱରେ ଏ.ଇ. ମିସନ୍ ସ୍କୁଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସଭାପତି ଦଧିବାବନ ଶତପଥୀ ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ମହୋତ୍ସବର ବରଗଡ଼ରେ ସଫଳ ଆୟୋଜନ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ ବିଭିନ୍ନ ଜିଲ୍ଲାରେ ଦୀର୍ଘ ଦୁଇ ମାସରୁ ଊର୍ଦ୍ଧ୍ୱ ସମୟ ଧରି ସ୍ମୃତି କମିଟି ଉଦ୍ୟୋକ୍ତାଙ୍କ ଉଦ୍ୟମରେ ଗୁରୁ ଭଗବାନ ସାହୁଙ୍କ ଜୟନ୍ତୀ ପାଳନ କରିଥିବାରୁ ସାଧୁବାଦ ଜଣାଇବା ସହିତ ଉଚ୍ଚ ପ୍ରଶଂସା କରିଥିଲେ । ସର୍ଦ୍ଦାର ପ୍ରିତମ ସିଂଙ୍କ ସଂଯୋଜନାରେ ସମ୍ପାଦକ ତୁଳସୀ ଚରଣ ଦାଶ ବିବରଣୀ ପାଠ କରିଥିଲେ । କୋଷାଧ୍ୟକ୍ଷ ଅଚ୍ୟୁତାନନ୍ଦ ବାରିକ ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ମହୋତ୍ସବର ଆୟ ଏବଂ ବ୍ୟୟ ଉପସ୍ଥାପନା କରିଥିଲେ । ଆସନ୍ତା ଅକ୍ଟୋବର ମାସରେ ସ୍ମୃତି କମିଟି ପ୍ରମୁଖ ସଦସ୍ୟ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀଙ୍କ ମାର୍ଗଦର୍ଶନରେ ହେବାକୁଥିବା ଗୁରୁ ଭଗବାନ ସାହୁଙ୍କ ସ୍ମୃତିରେ ବିରାଟ ନୂଆଁଖାଇ ଭେଟଘାଟ ଆୟୋଜନ ଉପରେ ପରାମର୍ଶଦାତା ଯୁଗଳ ପ୍ରସାଦ ସିଂ ଏବଂ ସନ୍ତୋଷ କୁମାର ପଣ୍ଡା ଗଠନ ମୂଳକ ପ୍ରସ୍ତାବ ଦେଇଥିଲେ। ବୈଠକରେ ଡ଼ ଯଶବୀର ସିଂ ସୈନୀ, ଶିବାନନ୍ଦ ମଟାରୀ, ବିମଳ କୃଷ୍ଣ ମିଶ୍ର, ନୁରାବତି ସାହୁ, ଜୟଶ୍ରୀ ପଣ୍ଡା, ପ୍ରଦୀପ କୁମାର ମିଶ୍ର, ମାନସ ରଞ୍ଜନ ଦାଶ, ଜଟାଧାରୀ ପ୍ରଧାନ, ସୁଶାନ୍ତ ପାଢ଼ୀ, ଧନପତି ମାଝୀ, ରାଜେଶ ପ୍ରମୁଖ ଯୋଗଦାନ କରି ନୂଆଁଖାଇ ଭେଟଘାଟ ସଫଳ ଆୟୋଜନ ପାଇଁ ଆବଶ୍ୟକ ପ୍ରସ୍ତାବ ଦେଇଥିଲେ । ଶେଷରେ ବରିଷ୍ଠ ସଦସ୍ୟ ଉଦ୍ଧବ ଚରଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।




# ମହିଳାଙ୍କ ବ୍ୟକ୍ତିତ୍ୱ ବିକାଶ ନେଇ ଗୁରୁତ୍ୱାରୋପ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ନାରୀ ସଶକ୍ତିକରଣ କୋଷ ପକ୍ଷରୁ ଗୁରୁବାର ପୂର୍ବାହ୍ନରେ କଲେଜ ସମ୍ମିଳନୀ କକ୍ଷରେ ମହିଳାଙ୍କ କ୍ୟାରିୟର୍ କାଉନ୍‌ସେଲିଂ ଓ ବ୍ୟକ୍ତିତ୍ୱ ବିକାଶ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ କୁମାର ତ୍ରିପାଠୀ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମା' ତାରିଣୀ ମହାବିଦ୍ୟାଳୟର ଅଧ୍ୟକ୍ଷା ବସନ୍ତ ମଞ୍ଜରୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଜିର ପ୍ରତିଯୋଗିତାମୂଳକ ଯୁଗରେ ଝିଅମାନେ ଶିକ୍ଷା ସହିତ ଦକ୍ଷତା, ଆତ୍ମବିଶ୍ୱାସ ଓ ସକାରାତ୍ମକ ବ୍ୟକ୍ତିତ୍ୱର ବିକାଶ କରି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିବାକୁ ପରାମର୍ଶ ଦେଇଥିଲେ। ସୁଶାନ୍ତ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ସଠିକ୍ କ୍ୟାରିୟର ପରାମର୍ଶ, ଦକ୍ଷତା ବିକାଶ ଓ ଆତ୍ମବିଶ୍ୱାସ ମାଧ୍ୟମରେ ସେମାନେ କେବଳ ନିଯୁକ୍ତି ସୁଯୋଗ ପାଇବେ ନାହିଁ, ବରଂ ନିଜ ପାଇଁ ଓ ଅନ୍ୟମାନଙ୍କ ପାଇଁ ମଧ୍ୟ ନୂତନ ନିଯୁକ୍ତିର ସୁଯୋଗ ସୃଷ୍ଟି କରିପାରିବେ ବୋଲି କହିଥିଲେ । ନାରୀ ସଶକ୍ତିକରଣ କୋଷର ସଂଯୋଜିକା ଡ. ସୁଚିତା ମିଶ୍ର କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଡ. ଗୋଲକ ବିହାରୀ ମହାକୁଡ଼ ମଞ୍ଚ ପରିଚାଳନା କରିଥିବା ବେଳେ ସହ-ସଂଯୋଜିକା ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀ, ମହାବିଦ୍ୟାଳୟର ବହୁ ସଂଖ୍ୟକ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଯୋଗଦେଇଥିଲେ।

# ଶୀତଳ ଭଣ୍ଡାର ପାଲଟିଲା କ୍ଷୁଦ୍ର କୁଲ୍ ଚାମ୍ବର: ଚାଷୀଙ୍କ ଅସନ୍ତୋଷ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**



ଋଷିକୁଲ୍ୟା ରୟତ ମହାସଂଘ ସମ୍ପାଦକ ସୀମାଞ୍ଚଳ ନାହାକଙ୍କ ଆବାହକତ୍ୱରେ ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ହରିପୁର ବୁରୁଡି ଗ୍ରାମ ସ୍ଥିତ ଶୀତଳ ଭଣ୍ଡାର ଠାରେ ୯ ତାରିଖରେ ଚାଷୀ ମାନଙ୍କର ବିଭିନ୍ନ ସମସ୍ୟାକୁ ନେଇ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମାବେଶରେ ସାନ ରାମଚନ୍ଦ୍ରପୁର, ଝାରେଡି ରାଧା ଗୋବିନ୍ଦପୁର, ସୁବଳୟା, ରାମଗଡ଼, ହୁମ୍ମା, ପାଲିବନ୍ଧ ଗ୍ରାମପଞ୍ଚାୟତ ତଥା ରମ୍ଭା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଗ୍ରଣୀ ଚାଷୀମାନେ ଯୋଗଦେଇ ଚାଷୀ ଓ ଚାଷ ଜନିତ ବିଭିନ୍ନ ସମସ୍ୟା ଉପସ୍ଥାପିତ କରିଥିଲେ। ଉକ୍ତ ସମାବେଶରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଛତ୍ରପୁର ଉପଜିଲ୍ଲାପାଳ ଡ଼ ଶିବାଶିଷ ବରାଡ଼, ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ପଣ୍ଡା, ଗଞ୍ଜାମ ବ୍ଲକ୍ ଗୋଷ୍ଠୀ କୃଷି ଉନ୍ନୟନ ଅଧିକାରୀ ସଂଗ୍ରାମ ସେନାପତି, ହିଞ୍ଜିଳି କାଟୁ ଆର୍‌ଏମ୍‌ସି ସମ୍ପାଦକ ବିନାୟକ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଚାଷୀମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ୨୦୧୦ ମସିହାରେ ଉକ୍ତ ଶୀତଳ ଭଣ୍ଡାରଟି ତତ୍‌କାଳୀନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍ଘାଟିତ ହୋଇ ୨୦୨୩ ମସିହାରେ ଏହାକୁ ଶୀତଳ ଭଣ୍ଡାର ବଦଳରେ ଏକ କ୍ଷୁଦ୍ର କୁଲ୍ ଚାମ୍ବର ଭାବେ କାର୍ଯ୍ୟକ୍ଷମ କରାଯାଇଥିବାରୁ ଚାଷୀମାନେ ଘୋର ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ଅଞ୍ଚଳ ପରିବା ଚାଷ ବିଶେଷତଃ ଟମାଟ ଉତ୍ପାଦନରେ ସମଗ୍ର ରାଜ୍ୟରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିଥାଏ। ପରିତାପର ବିଷୟ ଉକ୍ତ ପନିପରିବା ଉତ୍ପାଦନର ଅଭାବୀ ବିକ୍ରି ଯୋଗୁ ଚାଷୀମାନେ ଘୋର କ୍ଷତିର ସମ୍ମୁଖୀନ ହୋଇଥାନ୍ତି। ଏତଦ୍ ବ୍ୟତୀତ ଋଷିକୁଲ୍ୟା ନଦୀରେ ମେଗା ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରି ଉପର ମୁଣ୍ଡରେ ଅବସ୍ଥିତ ସତ୍ରୁଶୋଲ ସ୍ଥିତ ବ୍ରାହ୍ମଣୀ ଦେଇ ଘାଇକୁ ସଂଯୋଗ କରାଗଲେ ଅଞ୍ଚଳର ଅଧିକାଂଶ ଜମି ଜଳସେଚିତ ହୋଇପାରିଥାନ୍ତା ବୋଲି ମତପ୍ରକାଶ ପାଇଥିଲା। ମଣ୍ଡିରେ କଟନୀ ଛଟନୀ ନାଁ ରେ ମିଲ୍ ମାଲିକ ତଥା କୋଅପରେଟିଭ୍ ସୋସାଇଟି ମାନେ ଧାନ କିଣା ସମୟରେ ଅଧିକ ପାଞ୍ଚ ଛଅ କେଜି ଧାନ ଠକି ନେଉଥିବା ବିଷୟ ବିଧାୟକ ତଥା ଉପ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଚଳିତ ଖରିଫ ଋତୁରେ ସାର ବିକ୍ରେତା ମାନେ ଚଢ଼ା ଦରରେ ସାର ବିକ୍ରି କରିବା ଓ କ୍ଲଷ୍ଟର ମାଧ୍ୟମରେ ସ୍ଥାପିତ ହୋଇଥିବା ଜଳ ସେଚ ପଏଣ୍ଟ୍ ଗୁଡିକୁ ଦୀର୍ଘ ଦିନ ଧରି ବିଦ୍ୟୁତ୍ ସଂଯୋଗ କରାଯାଇନଥିବାରୁ ଚାଷୀମାନେ ଘୋର ଉଦ୍‌ବେଗ ପ୍ରକାଶ କରିଥିଲେ। ଏ ଦିଗରେ ଜିଲ୍ଲାପାଳ ଓ ରାଜ୍ୟ ସରକାରଙ୍କ ସହ ଯୋଗାଯୋଗ କରି ସମସ୍ୟା ଗୁଡିକ ଦୂର କରିବା ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ବୈଠକ ପ୍ରାରମ୍ଭରେ ବିଜୟ କୁମାର ବିଶ୍ୱାଳ ଚାଷୀ ମାନଙ୍କର ବିଭିନ୍ନ ସମସ୍ୟାକୁ ଉପସ୍ଥାପିତ କରିଥିବା ବେଳେ ଆଡଭୋକେଟ୍ କୈଳାସ ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିରଞ୍ଜନ ନାହାକ, ଅର୍ଜୁନ ମହାକୁଡ଼, ବାନାମ୍ବର ପଲେଇ, ରବୀନ୍ଦ୍ର କୁମାର ସାହୁ, ସରପଞ୍ଚ ସିଦ୍ଧେଶ୍ୱର ନାହାକ, ପ୍ରଭାକର ନାହାକ, ବିଧାୟକ ପ୍ରତିନିଧି ମାନସ ନାହାକ, ନାରାୟଣ ନାହାକ, ଯୋଗୀ ନାହାକ, କାମରାଜ ରେଡ୍ଡୀ, ଜୟସେନ ପ୍ରଧାନ, କେଦାରନାଥ ସ୍ୱାଇଁ, କହ୍ନେଇ ନାୟକ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଯୋଗ ଦେଇଥିଲେ।

# ଆଗାମୀ ରଣଜୀ ଟ୍ରଫି ସିଜିନ ପାଇଁ ମହମ୍ମଦ ସିରାଜଙ୍କୁ ଅଧିନାୟକ କଲା ହାଇଦ୍ରାବାଦ



**ନୂଆଦିଲ୍ଲୀ**

ଭାରତୀୟ ଦଳ ଆସନ୍ତାକାଲି, ଅର୍ଥାତ ସେପ୍ଟେମ୍ବର ୧୩ରୁ ଆଫଗାନିସ୍ତାନ ବିପକ୍ଷରେ ତିନି ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ ଖେଳିବାକୁ ଯାଉଛି। ଏହି ସମୟରେ ଦଳର ଷ୍ଟାର ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କ ପାଇଁ ଏକ ଖୁସି ଖବର ରହିଛି:

ଆଗାମୀ ରଣଜୀ ଟ୍ରଫି ସିଜିନ ପାଇଁ ଷ୍ଟାର ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କୁ ହାଇଦ୍ରାବାଦ ଦଳର ଅଧିନାୟକ ଭାବେ ନିଯୁକ୍ତ କରାଯାଇଛି। ତେବେ, ସିରାଜ ଟି-୨୦ ସିରିଜ ଦଳର ଅଂଶ ନୁହନ୍ତି। ହାଇଦ୍ରାବାଦ କ୍ରିକେଟ ଆସୋସିଏସନର ବରିଷ୍ଠ ଚୟନ କମିଟି ଚାମା ମିଲିନ୍ଦଙ୍କୁ ସିରାଜଙ୍କ ସହ ଉପ-ଅଧିନାୟକ ଭାବେ ନିଯୁକ୍ତ କରିଛି। ସିରାଜ ପୂର୍ବରୁ ଗତ ରଣଜୀ ସିଜିନରେ ଦୁଇଟି ମ୍ୟାଚ୍ ପାଇଁ ହାଇଦ୍ରାବାଦର ନେତୃତ୍ୱ ନେଇଥିଲେ; କିନ୍ତୁ ତାଙ୍କ ନେତୃତ୍ୱରେ ଦଳ ମୁମ୍ବାଇ ଏବଂ ଛତିଶଗଡ଼ ବିପକ୍ଷରେ ବିଜୟ ହାସଲ କରିବାରେ ବିଫଳ ହୋଇଥିଲା।

ଗତ ରଣଜୀ ସିଜିନରେ ମହମ୍ମଦ ସିରାଜ ପ୍ରଥମ ଥର ପାଇଁ ହାଇଦ୍ରାବାଦ ଦଳର ଅଧିନାୟକତ୍ୱ ଗ୍ରହଣ କରିଥିଲେ; ସେ ରାହୁଲ ସିଂହଙ୍କ ଠାରୁ ଏହି ଦାୟିତ୍ୱ ନେଇଥିଲେ। ତେବେ, ହାଇଦ୍ରାବାଦ ଖେଳିଥିବା ଉଭୟ ମ୍ୟାଚ୍‌ରେ ବିଜୟୀ ହୋଇପାରିନଥିଲା। ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ମୁମ୍ବାଇ, ହାଇଦ୍ରାବାଦକୁ ନଅ ୱିକେଟରେ ପରାସ୍ତ କରିଥିଲା। ଏହା ପରେ, ହାଇଦ୍ରାବାଦ ଜିମଖାନା ଗ୍ରାଉଣ୍ଡରେ ଛତିଶଗଡ଼ ବିପକ୍ଷରେ ଖେଳିଥିଲା; ସେହି ମ୍ୟାଚର ଶେଷ ଦିନରେ ଅମନଦୀପ ଖାରେ ଏକ ଅପରାଜିତ ଶତକ ହାସଲ କରି ଛତିଶଗଡ଼କୁ ପୁନର୍ବାର ପ୍ରତିଯୋଗିତାକୁ ଫେରାଇ ଆଣିଥିଲେ ଏବଂ ଶେଷରେ ମ୍ୟାଚ୍‌ଟି ଡ୍ର'ରେ ଶେଷ ହୋଇଥିଲା।

ଆଗାମୀ ରଣଜୀ ଟ୍ରଫି ପାଇଁ ହାଇଦ୍ରାବାଦକୁ 'ଏଲିଟ ଗ୍ରୁପ ବି'ରେ ସାମିଲ କରାଯାଇଛି। ଏହି ଗ୍ରୁପରେ ସୌରାଷ୍ଟ୍ର, କର୍ଣ୍ଣାଟକ, ପଞ୍ଜାବ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଆସାମ ଏବଂ ତ୍ରିପୁରା ମଧ୍ୟ ସାମିଲ ଅଛନ୍ତି।

ଏକ ପ୍ରେସ୍ ବିଜ୍ଞପ୍ତିରେ ହାଇଦ୍ରାବାଦ କ୍ରିକେଟ ଆସୋସିଏସନ କହିଛି ଯେ, 'ମହମ୍ମଦ ସିରାଜଙ୍କ ଅନୁପସ୍ଥିତିରେ ଚାମା ମିଲିନ୍ଦ ଦଳର ଦାୟିତ୍ୱ ଗ୍ରହଣ କରିବେ।' ସିରାଜ ଏବଂ ମିଲିନ୍ଦଙ୍କୁ ଶୁଭେଚ୍ଛା ଜଣାଇ ଆସୋସିଏସନ ଲେଖିଛି, 'ହାଇଦ୍ରାବାଦ କ୍ରିକେଟ ଆସୋସିଏସନ ଆଗାମୀ ରଣଜୀ ଟ୍ରଫି ସିଜିନ ପାଇଁ ମହମ୍ମଦ ସିରାଜ ଏବଂ ସିଭି ମିଲିନ୍ଦଙ୍କୁ ଶୁଭେଚ୍ଛା ଜଣାଉଛି। ଆମେ ଆଶା କରୁଛୁ ଯେ ସେମାନେ ନିଜର ନେତୃତ୍ୱ ଏବଂ ଅବଦାନ ମାଧ୍ୟମରେ ଦଳ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ।'

# ମହିଳା ଏସିଆ କପ୍ : ଆଜି ଭାରତ-ଶ୍ରୀଲଙ୍କା ଫାଇନାଲ ମ୍ୟାଚ୍

**ଦୁବାଇ**

ମହିଳା ଟି୨୦ ଏସିଆ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯିବ। ୭ ଥରର ବିଜେତା ଭାରତ ଟୁର୍ଣ୍ଣାମେଣ୍ଟ ଇତିହାସର ସବୁଠୁ ସଫଳ ଦଳ ହୋଇଥିବା ବେଳେ ଶ୍ରୀଲଙ୍କା ଡିଫେଣ୍ଡିଂ ଚାମ୍ପିୟନ। ଏହା ଟୁର୍ଣ୍ଣାମେଣ୍ଟର ଦଶମ ସଂସ୍କରଣ। ଉଭୟ ଦଳ ଏପର୍ଯ୍ୟନ୍ତ ଟୁର୍ଣ୍ଣାମେଣ୍ଟରେ ଅପରାଜିତ ରହିଛନ୍ତି। ଗତ ସଂସ୍କରଣରେ ଭାରତକୁ ହରାଇ ଶ୍ରୀଲଙ୍କା ପ୍ରଥମ ଥର ପାଇଁ ଏସିଆ କପ୍ ଟ୍ରଫି ଉଠାଇଥିଲା। ଏହାସତ୍ତ୍ୱେ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳକୁ ମ୍ୟାଚ୍ ଲାଗି ଫେଭରାଇଟ୍ ବିବେଚନା କରାଯାଉଛି।




ଟୁର୍ଣ୍ଣାମେଣ୍ଟରେ ଭାରତ ପାଇଁ ଦୁଇ ଓପନର ଶେଫାଳି ବର୍ମା ଓ ଦୀପ୍ତି ଶର୍ମା ବ୍ୟାଟିଂ ଭାର ସମ୍ଭାଳିଛନ୍ତି। ଶେଫାଳି ୨ ଅର୍ଦ୍ଧଶତକ ସହ ସର୍ବାଧିକ ୧୬୮ ରନ କରିଛନ୍ତି। ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମର ଧୀମା ଓ ସ୍ପିନ-ଫ୍ରେଣ୍ଡଲି ପିଚ୍‌ରେ ତାଙ୍କ ପ୍ରଦର୍ଶନ ଖୁବ୍ ଭଲ ରହିଛି।

ସେହିଭଳି ଏକ ଦର୍ଶନୀୟ ଶତକ ସହ ମନ୍ଧାନା ୧୫୪ ରନ କରିଛନ୍ତି। ଏଣୁ ଭାରତ ଦୃଷ୍ଟିରୁ ଉଭୟ ବ୍ୟାଟରଙ୍କ ଉପରେ ଅନେକ କିଛି ନିର୍ଭର କରିବ। କାରଣ ମିଡିଲ ଅର୍ଡରର ସମସ୍ତ ବ୍ୟାଟର ଦ୍ରୁତ ଗତିରେ ରନ କରିବାରେ ସଂଘର୍ଷ କରୁଛନ୍ତି। ଅଧିନାୟିକା ହରମନପ୍ରୀତ, ଉଇକେଟକିପର-ବ୍ୟାଟର ରିଚା ଘୋଷ ଓ ଅଲରାଉଣ୍ଡର ଦୀପ୍ତି ଶର୍ମାଙ୍କଠାରୁ ଡେଥ୍ ଓଭରରେ ଯୋଗଦାନର ଆବଶ୍ୟକତା ରହିଛି। ଟୁର୍ଣ୍ଣାମେଣ୍ଟରେ ମିଳିତ ସର୍ବାଧିକ ୧୧ ଉଇକେଟ ନେଇଥିବା ଦୀପ୍ତି ବୋଲିଂ ବିଭାଗର ନେତୃତ୍ୱ ନେବେ। ତାଙ୍କ ସହିତ ଶ୍ରୀ ଚରନି ଓ ପ୍ରେମା ରାୱତ ଭଲ ରିଦିମ ବୋଲିଂ କରୁଛନ୍ତି।

୨୦୨୪ ସଂସ୍କରଣ ଫାଇନାଲରେ ଭାରତକୁ ୮ ଉଇକେଟରେ ହରାଇ ଚାମ୍ପିୟନ ହୋଇଥିବା ଚାମାରି ଆଥାପାଥୁଙ୍କ ନେତୃତ୍ୱାଧୀନ ଶ୍ରୀଲଙ୍କା ଏଥର ମଧ୍ୟ ସମାନ ଉଦ୍ଦେଶ୍ୟରେ ପଡ଼ିଆକୁ ଓହ୍ଲାଇବ। ଦଳ ଏପର୍ଯ୍ୟନ୍ତ ପ୍ରତ୍ୟେକ ବିଭାଗରେ ଭଲ ପ୍ରଦର୍ଶନ କରିଛି। ପାକିସ୍ତାନ ବିପକ୍ଷ ସେମି ଫାଇନାଲରେ ୧୩୧ ରନର ଟାର୍ଗେଟ ପିଛା କରୁଥିବା ଶ୍ରୀଲଙ୍କା ଏକଦା ୭ ଓଭର ସୁଦ୍ଧା ୩୩ ରନରେ ୪ ଉଇକେଟ ହରାଇ ସଂଘର୍ଷ କରୁଥିଲା। ସଙ୍କଟ ପରିସ୍ଥିତିରେ ହର୍ଶିତା ସମରୱିକ୍ରମା ୩୬ ଓ କଭିଶା ଦିଲହାରି ୩୩ ରନ କରି ଦଳକୁ ବିଜୟ ପଥକୁ ଆଣିଥିଲେ। ପରେ ନିଲାକ୍ଷୀ ସିଲଭା ଓ କୌଶିନି ନୁଥୟାଙ୍ଗାନା ମ୍ୟାଚ୍ ଫିନିଶ କରିଥିଲେ।

# ୮ ୱିକେଟରେ ତୃତୀୟ ଟେଷ୍ଟ ଜିତିଲା ଇଂଲଣ୍ଡ, ୩-୦ରେ ହାତେଇଲା ସିରିଜ୍

**ମୁମ୍ବାଇ**

ବର୍ମିହାଂମର ଏଜବେଷ୍ଟନରେ ଖେଳାଯାଇଥିବା ତୃତୀୟ ଟେଷ୍ଟ ମ୍ୟାଚ୍‌କୁ ଆୟୋଜକ ଇଂଲଣ୍ଡ ୮ ୱିକେଟରେ ଜିତି ନେଇଛି। ପାକିସ୍ତାନ ତୃତୀୟ ଟେଷ୍ଟରେ ଇଂଲଣ୍ଡକୁ ୧୩୦ରନର ଲକ୍ଷ୍ୟ ଦେଇଥିଲା। ଯାହାକୁ ଇଂଲଣ୍ଡ ଟିମ୍ କେବଳ ଦୁଇ ୱିକେଟ ହରାଇ ହାସଲ କରିନେଇଛି। କେବଳ ଦୁଇ ରନରେ ଇଂଲଣ୍ଡର ଦୁଇ ୱିକେଟ ଯାଇଥିଲା। କିନ୍ତୁ ଏହାପରେ ଜୋର୍ଡ଼ନ କକ୍ସ ୫୯ ଏବଂ ଅଧିନାୟକ ଜୋ ରୁଟ୍ ୬୨ମ୍ୟାଚ୍ ଜିତି ନଟ୍‌ଆଉଟ୍ ଫେରିଥିଲେ। ଏହିଭଳି ଭାବେ ଇଂଲଣ୍ଡ ୩ମ୍ୟାଚର ଟେଷ୍ଟ ସିରିଜରେ ପାକିସ୍ତାନକୁ ହରାଇଛି। ଇଂଲଣ୍ଡ ୩-୦ରେ ଏହି ସିରିଜ ଜିତି ନେଇଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଓହ୍ଲାଇଥିବା ପାକିସ୍ତାନ ଟିମ୍ ନିଜ ପ୍ରଥମ ପାଳିରେ କେବଳ ୧୩୩ ରନ୍ କରିଥିଲା। ଏହାପରେ ଇଂଲଣ୍ଡ ନିଜ ପ୍ରଥମ ପାଳିରେ ୪୫୩ ରନ୍ କରି ବିଶାଳ ଲକ୍ଷ୍ୟ ହାସଲ କରିଥିଲା। ପ୍ରଥମ ପାଳିରେ ଇଂଲଣ୍ଡକୁ ୩୨୦ ରନର



ମ୍ୟାଚ୍ ୱିନିଂ ଟାର୍ଗେଟ ମିଳିଥିଲା। ଏହାପରେ ପାକିସ୍ତାନ ଦ୍ୱିତୀୟ ପାଳିରେ ୪୪୯ ରନ୍ କରିଥିଲା ଏବଂ ଇଂଲଣ୍ଡ ସାମ୍ନାରେ ୧୩୦ରନର ଲକ୍ଷ୍ୟ ରଖିଥିଲା।

ଦ୍ୱିତୀୟ ପାଳିରେ ପାକିସ୍ତାନ ଲାଗି ଶାନ ମସୁଦ(୯୫) ଅଜାନ ଓବେସ (୫୯) ସହ ତୃତୀୟ ୱିକେଟ ଲାଗି ୧୨୫ରନ ଏବଂ ଅଧିନାୟକ ବାବର ଆଜମ (୭୬) ସହ ଚତୁର୍ଥ ୱିକେଟ ଲାଗି ୮୯ ରନ ଯୋଡ଼ିଥିଲେ। ଟିମ୍‌କୁ ୩୧୮ର ସ୍କୋରରେ ୮ମ ଝଟ୍‌କା ଲାଗିଥିଲା। ଯାହାପରେ ମହମ୍ମଦ ଅବ୍ବାସ (୪୨) ରଜାଉଲ୍ଲାହ (୮୧) ସହ ୯ମ ୱିକେଟ ଲାଗି ୧୨୧ରନର ଭାଗିଦାରୀ କରି ପାକିସ୍ତାନକୁ ୪୦୦ ପାର୍ ପହଞ୍ଚାଇଥିଲେ। ଇଂଲଣ୍ଡ ଲାଗି ଗସ ଏଣ୍ଟକିସନ ସବୁଠାରୁ ଅଧିକ ୩ ୱିକେଟ ନେଇଥିଲେ। ସେହିଭଳି ଓଲି ରବିନ୍‌ସନ, ଜୋଶ ଟଙ୍ଗ ଏବଂ ଡ୍ୟାନ ଲରିଂସ ୨-୨ୱିକେଟ ନେଇଥିଲେ।

୧୩୦ ରନର ଏକ ସାଧାରଣ ଟାର୍ଗେଟକୁ ପିଛା କରି ଇଂଲଣ୍ଡ ପ୍ରଥମ ଓଭରରେ ହିଁ ପ୍ରାରମ୍ଭିକ ଯୋଡ଼ି ବେନ୍ ଡକେଟ (୦) ଏବଂ ଏମିଲିଓ (୦)ଙ୍କୁ ହରାଇଥିଲା। ସେତେବେଳେ କେବଳ ଦୁଇଟି ରନ ଯୋଡା ଯାଇଥିଲା। ଅଧିନାୟକ ଜୋ ରୁଟ୍ ଜୋର୍ଡାନ କକ୍ସଙ୍କ ସହିତ ୧୪୦ ବଲ୍‌ରେ ତୃତୀୟ ୱିକେଟ ପାଇଁ ୧୨୮ ରନର ଭାଗୀଦାରି କରିଥିଲେ, ଯାହା ଦଳକୁ ସହଜ ବିଜୟ ଦେଇଥିଲା। ଜୋ ରୁଟ୍ ୬୯ବଲ୍‌ରେ ୯ ଚୌକା ସହ ୬୨ରନ କରି ଅପରାଜିତ ରହିଥିଲେ। ଯାହାକି ଜୋର୍ଡାନ କକ୍ସ ୭୬ ବଲରେ ୮ ଚୌକା ସହ ୫୯ ରନ କରିଥିଲେ। ପାକିସ୍ତାନ ପକ୍ଷରୁ ମହମ୍ମଦ ଆବାସ ୮ ଓଭରରେ ୨୭ ରନ ଦେଇ ଦୁଇଟି ୱିକେଟ ନେଇଥିଲେ।

## ୱାର୍ଲ୍ଡ ଚାମ୍ପିୟନସିପ୍ ଅଫ୍ ଲିଜେଣ୍ଡ୍ସର ସିଡ୍ୟୁଲ ଘୋଷଣା

# ଅକ୍ଟୋବର ୧୦ରେ ଭାରତ-ପାକିସ୍ତାନ ଲଢେଇ




**ମୁମ୍ବାଇ**

ୱାର୍ଲ୍ଡ ଚାମ୍ପିୟନସିପ ଅଫ ଲିଜେଣ୍ଡ୍ସ ୨୦୨୬ର ଆରମ୍ଭ ୩ ଅକ୍ଟୋବରରୁ ହେବ। ଯାହାର ପୂରା ସିଡ୍ୟୁଲର ଘୋଷଣା ଶନିବାର ହୋଇଯାଇଛି। ପ୍ରଥମ ଦିନ ଭାରତର ମ୍ୟାଚ୍ ଅଷ୍ଟ୍ରେଲିଆ ସହ ଏବଂ ପାକିସ୍ତାନର ମ୍ୟାଚ୍ ବାଂଲାଦେଶ ସହ ହେବ। ଭାରତର ଅଧିନାୟକ ଯୁବରାଜ ସିଂହ କରିବେ, ଯାହାଙ୍କ ସାମ୍ନାରେ ଅଧିନାୟକ ଭାବେ ପ୍ରଥମ ମ୍ୟାଚରେ ଡେଭିଡ ୱାର୍ଣ୍ଣର ରହିବେ। ପାକିସ୍ତାନର କମାଣ୍ଡ ସାହିଦ ଅଫରୀଦୀ ସମ୍ଭାଳିବେ।

ୱାର୍ଲ୍ଡ ଚାମ୍ପିୟନସିପ ଅଫ ଲିଜେଣ୍ଡ୍ସ ୨୦୨୬ରେ ପ୍ରାୟ ୭ ଟିମ୍ ଖେଳିବେ। ଏହାର ଆୟୋଜନ ୩ ଅକ୍ଟୋବରରୁ ଆରମ୍ଭ ହେବ। ଫାଇନାଲ ୧୮ଅକ୍ଟୋବରରେ ହେବ। ସମସ୍ତ ମ୍ୟାଚ୍ ଶାରଜାହ କ୍ରିକେଟ ଷ୍ଟାଡିୟମ ଏବଂ ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ହେବ। ଅଧିନାୟକର କଥା ଯଦି ଆମେ କହିବା ତେବେ ଇଂଲଣ୍ଡର ଅଧିନାୟକ ମୋଇନ ଅଲୀ, ୱେଷ୍ଟଇଣ୍ଡିଜର କ୍ରିସ ଗେଲ୍, ଦକ୍ଷିଣ ଆଫ୍ରିକାର ଏବି ଡେଭିଲିୟର୍ସ, ଭାରତର ଯୁବରାଜ ସିଂହ, ପାକିସ୍ତାନର ଶାହିଦ ଅଫରିଦି, ଅଷ୍ଟ୍ରେଲିଆର ଡେଭିଡ ୱାର୍ଣ୍ଣର ଏବଂ ବାଂଲାଦେଶର ଅଧିନାୟକ ମହମ୍ମୁଦୁଲ୍ଲାହ ରିୟାଦ ଅଛନ୍ତି।

ୱାର୍ଲ୍ଡ ଚାମ୍ପିୟନସିପ ଅଫ ଲିଜେଣ୍ଡ୍ସ ୨୦୨୬ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ୧୦ ଅକ୍ଟୋବରରେ ହେବ। ଏହି ମ୍ୟାଚ୍ ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ହେବ।

# ବୈଭବଙ୍କୁ ନେଇ ବଡ଼ ଭବିଷ୍ୟବାଣୀ କଲେ ଇଶାନ କିଶନ

**ନୂଆଦିଲ୍ଲୀ**

ଖୁବ କମ୍ ବୟସରେ କ୍ରିକେଟ ଜଗତରେ ନିଜର ଅଲଗା ପରିଚୟ ସୃଷ୍ଟି କରିଥିବା ବୈଭବ ସୂର୍ଯ୍ୟବଂଶୀଙ୍କୁ ନେଇ ଏବେ ତାଙ୍କ ବ୍ୟାଟିଂ ସହ କ୍ୟାପ୍ଟେନ୍ସି ଦକ୍ଷତାର ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି। ବିସିସିଆଇ ଡୋମେଷ୍ଟିକ ପକ୍ଷରୁ ଜାରି ଏକ ଭିଡିଓରେ ଇଷ୍ଟ ଜୋନର ଅଧିନାୟକ ଇଶାନ କିଶନ ବୈଭବଙ୍କୁ 'ଫ୍ୟୁଚର କ୍ୟାପ୍ଟେନ' ବୋଲି କହିଛନ୍ତି। ଇଶାନଙ୍କ ଏହି ମନ୍ତବ୍ୟ ପରେ ଭବିଷ୍ୟତରେ ବୈଭବଙ୍କ କ୍ୟାପ୍ଟେନ୍ସିକୁ ନେଇ ଚର୍ଚ୍ଚା ଆହୁରି ଜୋର ଧରିଛି।

ଦୁଲୀପ ଟ୍ରଫି ୨୦୨୬ରେ ବୈଭବ ସୂର୍ଯ୍ୟବଂଶୀଙ୍କୁ ଇଷ୍ଟ ଜୋନର ଉପଅଧିନାୟକ ଦାୟିତ୍ୱ ଦିଆଯାଇଥିଲା। ଦଳର ନେତୃତ୍ୱ ନେଉଥିଲେ ଇଶାନ କିଶନ। କିନ୍ତୁ ସେମିଫାଇନାଲ ମ୍ୟାଚ୍‌ରେ ଇଶାନ ଆହତ ହେବା ପରେ ବୈଭବଙ୍କୁ ମ୍ୟାଚ୍ ମଝିରେ ଦଳର କ୍ୟାପ୍ଟେନ୍ସି ସମ୍ଭାଳିବାର ସୁଯୋଗ ମିଳିଥିଲା।

ମାତ୍ର ୧୫ ବର୍ଷ ବୟସରେ ସିନିୟର ଘରୋଇ କ୍ରିକେଟରେ ଅଧିନାୟକ ହେବା ବୈଭବଙ୍କ ପାଇଁ ଏକ ବଡ଼ ଉପଲବ୍ଧି। କେବଳ ଅଧିନାୟକ ଦାୟିତ୍ୱ ସମ୍ଭାଳିବା ନୁହେଁ, ମଇଦାନରେ ନିଜର କ୍ରିକେଟ ବୁଦ୍ଧି ଓ ନିଷ୍ପତ୍ତି ନେବାର କ୍ଷମତାର ମଧ୍ୟ ପରିଚୟ ଦେଇଥିଲେ ସେ।

ଦୁଲୀପ ଟ୍ରଫି ଫାଇନାଲରେ ସାଉଥ ଜୋନ ବିପକ୍ଷରେ ବୈଭବଙ୍କ କ୍ରିକେଟ ବୁଦ୍ଧିର ଆଉ ଏକ ଉଦାହରଣ ଦେଖିବାକୁ ମିଳିଥିଲା। ମ୍ୟାଚ୍‌ରେ ଇଶାନ କିଶନଙ୍କୁ ଡିଆରଏସ ନେବାକୁ ବୈଭବ ପରାମର୍ଶ ଦେଇଥିଲେ। ଇଶାନ ତାଙ୍କ କଥା ମାନି ରିଭ୍ୟୁ ନେଇଥିଲେ ଏବଂ ରିଭ୍ୟୁ ପରେ ରିକି ଭୁଇ ଆଉଟ ହୋଇଥିଲେ। ଏହି ନିଷ୍ପତ୍ତି ପରେ ବୈଭବଙ୍କ ମଇଦାନୀ ବୁଦ୍ଧି ଓ ତୁରନ୍ତ ନିଷ୍ପତ୍ତି ନେବାର କ୍ଷମତାକୁ ନେଇ ପ୍ରଶଂସା ହୋଇଥିଲା। ଏହାରି ମଧ୍ୟରେ ବିସିସିଆଇ ଡୋମେଷ୍ଟିକ୍‌ର ଏକ ଭିଡିଓରେ ଇଶାନ କିଶନଙ୍କ ମୁହଁରୁ ବୈଭବଙ୍କ ପାଇଁ 'ଫ୍ୟୁଚର କ୍ୟାପ୍ଟେନ' ଶବ୍ଦ ବ୍ୟବହାର ହେବା ସବୁଠାରୁ ଅଧିକ ଚର୍ଚ୍ଚାରେ ରହିଛି।

# ପ୍ରଥମ ଥର ପାଇଁ ୟୁଏସ୍ ଓପନ୍ ଫାଇନାଲରେ ଆଲେକ୍‌ଜାଣ୍ଡାର୍ ଜେଭରେଭ୍

**ନ୍ୟୁୟର୍କ**

ସିଧାସଳଖ ସେଟ୍‌ରେ କାରେନ୍ ଖାଚାନୋଭ୍‌ଙ୍କୁ ପରାସ୍ତ କରି ୨୦୨୦ ପରେ ପ୍ରଥମ ଥର ପାଇଁ ୟୁଏସ୍ ଓପନ୍‌ର ଫାଇନାଲ୍‌ରେ ନିଜ ସ୍ଥାନ ପକ୍କା କରିଛନ୍ତି, ଆଲେକ୍ସଜାଣ୍ଡାର୍ ଜେଭରେଭ୍। ଏହି ଜର୍ମାନ ଖେଳାଳି ୨୦୨୦ ସଂସ୍କରଣର ଫାଇନାଲ୍‌ରେ ହୃଦୟବିଦାରକ ପରାଜୟର ସମ୍ମୁଖୀନ ହୋଇଥିଲେ, କିନ୍ତୁ ସେମିଫାଇନାଲ୍‌ରେ ୬-୩, ୭-୬(୭), ୭-୬(୬) ବ୍ୟବଧାନରେ ବିଜୟୀ ହୋଇ ଏଥର ଟାଇଟଲ୍ ଜିତିବାର ଆଉ ଏକ ସୁଯୋଗ ପାଇଛନ୍ତି। ଅନ୍ୟ ଏକ ସେମିଫାଇନାଲ୍ ମ୍ୟାଚ୍‌ରେ, ବେନ୍ ସେଲ୍‌ଟନ୍ ଆର୍ଥର୍ ଆଶ୍ ଷ୍ଟାଡିୟମ୍‌ରେ ଆମେରିକୀୟ ଖେଳାଳି ଫ୍ରାନ୍ସିସ୍ ଟିଆଫୋଙ୍କୁ ୪-୬, ୬-୩, ୬-୩, ୭-୫ ସେଟ୍‌ରେ ପରାସ୍ତ କରି ପ୍ରଥମ ଥର ପାଇଁ କୌଣସି ଗ୍ରାଣ୍ଡସ୍ଲାମ୍ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି।

ଆଲେକ୍ସଜାଣ୍ଡାର୍ ଜେଭରେଭ୍ ନିଜର ଷଷ୍ଠ ଗ୍ରାଣ୍ଡ ସ୍ଲାମ୍ ଫାଇନାଲ୍ ଏବଂ ୟୁଏସ୍ ଓପନ୍ ଇତିହାସରେ ଦ୍ୱିତୀୟ ଥର ପାଇଁ ଟାଇଟଲ୍ ମୁକାବିଲାରେ ସ୍ଥାନ ପାଇଛନ୍ତି। ୨୯ ବର୍ଷୀୟ ଏହି ଖେଳାଳି ୨୦୨୬ ବର୍ଷରେ ଚମତ୍କାର ପ୍ରଦର୍ଶନ କରିଛନ୍ତି ଏବଂ ଚଳିତ ବର୍ଷ ଲଗାତାର ତିନିଟି ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟରେ ସଫଳତା ହାସଲ କରିଛନ୍ତି। ସେ ଫ୍ରେଞ୍ଚ ଓପନ୍ ଜିତିଥିବା ବେଳେ ୱିମ୍ବଲଡନ୍‌ରେ ରନର୍ସଅପ୍ ହୋଇଥିଲେ।

୨୦୨୬ ମସିହା ପୂର୍ବରୁ ଜେଭରେଭ୍ କେବଳ ତିନିଟି ଫାଇନାଲ୍‌ରେ ପହଞ୍ଚିପାରିଥିଲେ – ଯଥା



୨୦୨୦ ୟୁଏସ୍ ଓପନ୍, ୨୦୨୪ ଫ୍ରେଞ୍ଚ୍ ଓପନ୍ ଏବଂ ୨୦୨୫ ଅଷ୍ଟ୍ରେଲିଆନ୍ ଓପନ୍। ତଥାପି, ୨୦୨୬ ମସିହାରେ ନିଜର ଶ୍ରେଷ୍ଠ ଫର୍ମ ପ୍ରଦର୍ଶନ କରି ସେ କେବଳ ଗୋଟିଏ ବର୍ଷ ମଧ୍ୟରେ ସେହି ସଂଖ୍ୟା ସହ ସମାନ ସ୍ତରରେ ପହଞ୍ଚିପାରିଛନ୍ତି। ଶୁକ୍ରବାର ହାସଲ କରିଥିବା ବିଜୟ ଥିଲା ୨୦୨୬ ମସିହାରେ ତାଙ୍କର ୫୨ତମ ବିଜୟ।

ପ୍ରଥମ ସେଟ୍‌ରେ ୩-୩ ସ୍ଥିତିରୁ ଜେଭରେଭ୍ ଆଗୁଆ ହୋଇପାରିଥିଲେ; ସେ ଏକ ଗୁରୁତ୍ୱପୂର୍ଣ୍ଣ 'ସର୍ଭିସ୍ ବ୍ରେକ୍' ହାସଲ କରିବା ସହ ନିଜର ଅଗ୍ରଣୀ ସ୍ଥିତି ବଜାୟ ରଖି ୬-୩ ବ୍ୟବଧାନରେ ସେଟ୍‌ଟି ଜିତି ନେଇଥିଲେ। ଦ୍ୱିତୀୟ ସେଟ୍‌ରେ ଜେଭରେଭ୍ ୨-୦ରେ ଆଗୁଆ ରହିଥିଲେ ମଧ୍ୟ ଖାଚାନୋଭ୍ ଜୋରଦାର ପ୍ରତ୍ୟାବର୍ତ୍ତନ କରି ସେଟ୍‌ର ପରବର୍ତ୍ତୀ ପର୍ଯ୍ୟାୟରେ ୫-୪ରେ ଅଗ୍ରଣୀ ହୋଇଯାଇଥିଲେ। ତେବେ ଜର୍ମାନ ଖେଳାଳି ଜେଭରେଭ୍, ଦୃଢ଼ ମନୋଭାବ ପ୍ରଦର୍ଶନ କରି ମ୍ୟାଚ୍‌କୁ ଟାଇ-ବ୍ରେକ୍‌କୁ ନେଇଯାଇଥିଲେ ଏବଂ ଶାନ୍ତ ଚିତ୍ତରେ ଖେଳି ଟାଇ-ବ୍ରେକ୍‌ରେ ବିଜୟୀ ହୋଇଥିଲେ।

ଆର୍ଥର୍ ଆଶ୍ ଷ୍ଟାଡିୟମ୍‌ରେ ଅନ୍ୟ ଜଣେ ଆମେରିକୀୟ ଖେଳାଳି ଫ୍ରାନ୍ସିସ୍ ଟିଆଫୋଙ୍କୁ ୪-୬, ୬-୩, ୬-୩, ୭-୫ ସେଟ୍‌ରେ ପରାସ୍ତ କରି ସେଲ୍‌ଟନ୍ ନିଜର ପ୍ରଥମ ଗ୍ରାଣ୍ଡସ୍ଲାମ୍ ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ପ୍ରଥମ ସେଟ୍ ହାରିବା ପରେ ସେ ସଂଯମତାର ସହ ଖେଳ ପ୍ରଦର୍ଶନ କରିଥିଲେ ଏବଂ ବିଶ୍ୱର ଏକ ନମ୍ବର ଖେଳାଳି ଆଲେକ୍‌ଜାଣ୍ଡାର୍ ଜେଭରେଭ୍‌ଙ୍କ ବିପକ୍ଷରେ ଫାଇନାଲ୍ ମୁକାବିଲା ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ।

ପ୍ରଥମ ସେଟ୍‌ଟି ଏକ କଡ଼ା ମୁକାବିଲା ଥିଲା ଏବଂ ଟିଆଫୋ ଏକ ନିର୍ଣ୍ଣାୟକ 'ବ୍ରେକ୍' ସହାୟତାରେ ସେଟ୍‌ଟି ଜିତିବାରେ ସଫଳ ହୋଇଥିଲେ। ପରବର୍ତ୍ତୀ ଦୁଇଟି ସେଟ୍‌ରେ ସେଲ୍‌ଟନ୍ ଶକ୍ତିଶାଳୀ ସର୍ଭିସ୍ ପ୍ରଦର୍ଶନ କରିଥିଲେ ଏବଂ ପ୍ରତିପକ୍ଷ ଖେଳାଳିଙ୍କ ସର୍ଭିସ୍ ବ୍ରେକ୍ କରି ୬-୪ ବ୍ୟବଧାନରେ ସେଟ୍‌କୁ ଜିତି ନେଇଥିଲେ।

# ଓଡ଼ିଶା ଟି୨୦ ଲିଗ୍ ୨୦୨୬ ସିଏମ୍ ଟ୍ରଫିର ବ୍ରାଣ୍ଡ ଆମ୍ବାସାଡର ହେଲେ ସୁରେଶ ରୈନା ଓ ଦେବାଶିଷ ମହାନ୍ତି

**ଭୁବନେଶ୍ୱର**

ଓଡ଼ିଶା ଟି୨୦ ଲିଗ୍ ୨୦୨୬ ସିଏମ୍ ଟ୍ରଫି ପାଇଁ ବ୍ରାଣ୍ଡ ଆମ୍ବାସଡର ଭାବେ ଦୁଇ ପୂର୍ବତନ ଭାରତୀୟ କ୍ରିକେଟର ସୁରେଶ ରାଇନା ଓ ଦେବାଶିଷ ମହାନ୍ତିଙ୍କୁ ଘୋଷଣା କରାଯାଇଛି। ଆସନ୍ତା ସେପ୍ଟେମ୍ବର ୨୦ରୁ ୨୯ ତାରିଖ ପର୍ଯ୍ୟନ୍ତ କଟକର ବାରବାଟୀ ଷ୍ଟାଡିୟମରେ ଏହି ଟି-୨୦ ଲିଗ୍ ଅନୁଷ୍ଠିତ ହେବ।

ଓଡ଼ିଶାର ଯୁବ ଓ ଉଦୀୟମାନ କ୍ରିକେଟରମାନଙ୍କୁ ନିଜ ପ୍ରତିଭା ପ୍ରଦର୍ଶନ ଏବଂ ପ୍ରତିଯୋଗିତାମୂଳକ କ୍ରିକେଟରେ ଅଭିଜ୍ଞତା ହାସଲ କରିବା ପାଇଁ ଏହି ଲିଗ୍



ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିବ। ଦୁଇ ପୂର୍ବତନ ଭାରତୀୟ କ୍ରିକେଟରଙ୍କ ଯୋଗଦାନ ଲିଗ୍‌କୁ ଆହୁରି ଲୋକପ୍ରିୟ ଓ ଆକର୍ଷଣୀୟ କରିବ ବୋଲି ଆଶା କରାଯାଉଛି। ବ୍ରାଣ୍ଡ ଆମ୍ବାସଡର ଭାବେ ଦାୟିତ୍ୱ ନେବା ନେଇ ସୁରେଶ ରାଇନା କହିଛନ୍ତି, ଓଡ଼ିଶାର ସମସ୍ତ କ୍ରିକେଟ ପ୍ରଶଂସକଙ୍କ ପାଇଁ ଏକ ଖୁସି ଖବର। ଓଡ଼ିଶା ଟି୨୦ ଲିଗ୍ ସିଏମ୍ ଟ୍ରଫି ଅନୁଷ୍ଠିତ ହେବା ନେଇ ନିଶ୍ଚିତ ହୋଇଛି। ସେପ୍ଟେମ୍ବର ୨୦ରୁ ୨୯ ପର୍ଯ୍ୟନ୍ତ କଟକର ବାରବାଟୀ ଷ୍ଟାଡିୟମରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ୬ଟି ଟିମ୍ ମଧ୍ୟରେ ୧୦ ଦିନ ଧରି ରୋମାଞ୍ଚକର କ୍ରିକେଟ ଦେଖିବାକୁ ମିଳିବ। ଯୁବ ଖେଳାଳିଙ୍କ ପାଇଁ ନିଜ ପ୍ରତିଭା ପ୍ରମାଣ କରିବାର ଏହା ଏକ ଭଲ ମଞ୍ଚ।

ଏହି ଅବସରରେ ପ୍ରତିକ୍ରିୟା ପ୍ରକାଶ କରି ଦେବାଶିଷ ମହାନ୍ତି କହିଛନ୍ତି, 'ଓଡ଼ିଶାର କ୍ରିକେଟ ପ୍ରଶଂସକଙ୍କ ଅପେକ୍ଷାର ଅନ୍ତ ଘଟିଛି। ସେପ୍ଟେମ୍ବର ୨୦ରୁ ୨୯ ପର୍ଯ୍ୟନ୍ତ ବାରବାଟୀ ଷ୍ଟାଡିୟମରେ ଓଡ଼ିଶା ଟି୨୦ ଲିଗ୍ ସିଏମ୍ ଟ୍ରଫି ଖେଳାଯିବ। ୬ଟି ଟିମ୍ ଟାଇଟଲ ପାଇଁ ଲଢ଼େଇ କରିବେ। ଆମ ଖେଳାଳିମାନଙ୍କୁ ନିଜ ଦକ୍ଷତା ଦେଖାଇବା ଏବଂ ଚାପପୂର୍ଣ୍ଣ ପରିସ୍ଥିତିରେ ଖେଳିବା ପାଇଁ ଏହି ଲିଗ୍ ଏକ ଶକ୍ତିଶାଳୀ ମଞ୍ଚ ହେବ। ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନକୁ ଧନ୍ୟବାଦ। ମୁଁ ଆଶା କରୁଛି ପ୍ରଶଂସକମାନେ ଅନେକ ରୋମାଞ୍ଚକର ମ୍ୟାଚ୍ ଏବଂ ସ୍ମରଣୀୟ ମୁହୂର୍ତ୍ତ ଦେଖିବେ।'

ଓଡ଼ିଶା କ୍ରିକେଟ ଆସୋସିଏସନର ସମ୍ପାଦକ ସଞ୍ଜୟ ବେହେରା ମଧ୍ୟ ଦୁଇ ପୂର୍ବତନ ଭାରତୀୟ କ୍ରିକେଟରଙ୍କୁ ବ୍ରାଣ୍ଡ ଆମ୍ବାସଡର ଭାବେ ସାମିଲ କରାଯାଇଥିବାରୁ ସ୍ୱାଗତ କରିଛନ୍ତି।

# ବୌଦ୍ଧରୁ ୫୫ ବରିଷ୍ଠ ନାଗରିକ ଗଲେ ତୀର୍ଥଯାତ୍ରାରେ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ଜିଲ୍ଲାର ୫୫ ଜଣ ବରିଷ୍ଠ ନାଗରିକ ରାଜ୍ୟ ସରକାରଙ୍କ 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା' ଅଧୀନରେ ବାରାଣସୀ-ଅଯୋଧ୍ୟାକୁ ତୀର୍ଥଯାତ୍ରାରେ ଗଲେ। ୬୦ରୁ ୭୫ ବର୍ଷ ବୟସର ଏହି ବରିଷ୍ଠ ନାଗରିକମାନେ ସରକାରଙ୍କ ପର୍ଯ୍ୟଟନ ବିଭାଗର ସହଯୋଗରେ ଟ୍ରେନ୍ ଯୋଗେ ବ୍ରହ୍ମପୁରରୁ ତୀର୍ଥଯାତ୍ରାରେ ଯିବେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଫ୍ଲାଗ୍-ଅଫ୍ କାର୍ଯ୍ୟକ୍ରମରେ କଣ୍ଟାମାଳ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ କହ୍ନାଇ ଚରଣ ଡାଙ୍ଗ ଏବଂ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ସବୁଜ ପତାକା ହଲାଇ ଦୁଇଟି ବସ୍‌ରେ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ। ସମସ୍ତ ଯାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଖାଦ୍ୟପେୟ ବ୍ୟବସ୍ଥା କରାଯାଇଥିଲା। ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ପ୍ରଭାକର କହଁର ଯାତ୍ରାର ସମସ୍ତ ବ୍ୟବସ୍ଥା କରିଥିଲେ। ଡେପୁଟି କଲେକ୍ଟର ତଥା ଜିଲ୍ଲା କ୍ରୀଡ଼ା ଅଧିକାରୀ ଜ୍ୟୋତିରନ ଭୁଏ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡାଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ତୀର୍ଥଯାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ଯାଜପୁର ଜିଲ୍ଲା ବନ୍ୟା ବିପନ୍ନଙ୍କୁ ରିଲିଫ ଯୋଗାଣର ସମୀକ୍ଷା

# ବ୍ୟାସନଗରରେ 'ଗ୍ରେନ୍ ବ୍ୟାଙ୍କ' ସ୍ଥାପନ କରାଯିବ : ଯୋଗାଣ ମନ୍ତ୍ରୀ

**ଯାଜପୁର/ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯାଜପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାର ଖାଦ୍ୟ ଯୋଗାଣ ବ୍ୟବସ୍ଥା ଓ ବନ୍ୟା ପରିସ୍ଥିତିରେ ଲୋକଙ୍କୁ ଯୋଗାଇ ଦିଆଯାଇଥିବା ରିଲିଫ୍ ସାମଗ୍ରୀ ସମ୍ପର୍କରେ ସମୀକ୍ଷା କରିଥିଲେ। ଯାଜପୁର ରୋଡ୍ ସ୍ଥିତ ହୋଟେଲ ବ୍ରାହ୍ମଣୀ ଠାରେ ମନ୍ତ୍ରୀ ଶ୍ରୀ ପାତ୍ର ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲୀପ କୁମାର ପାଣିଗ୍ରାହୀ, ଯୋଗାଣ ବିଭାଗର ଏସିଏସ୍‌ଓ ଏବଂ ମାର୍କେଟିଂ ଇନ୍ସପେକ୍ଟରମାନଙ୍କ ସହ ଆଲୋଚନା କରି ଜିଲ୍ଲାର ଖାଦ୍ୟ ଯୋଗାଣ ବ୍ୟବସ୍ଥାର ସ୍ଥିତି ସମୀକ୍ଷା କରିଥିଲେ। ବିଶେଷକରି ସମ୍ପ୍ରତି ବନ୍ୟା ସମୟରେ ପ୍ରଭାବିତ ଲୋକଙ୍କୁ ଯୋଗାଇ ଦିଆଯାଇଥିବା ଶୁଖିଲା ଖାଦ୍ୟ ଚୁଡ଼ା, ଗୁଡ଼ ଓ ବିସ୍କୁଟ, ବନ୍ୟା ପ୍ରଭାବିତଙ୍କ ପାଇଁ ଚାଉଳ ଯୋଗାଣ ଓ ବଣ୍ଟନ ଏବଂ ହିତାଧିକାରୀଙ୍କ ଇ-କେୱାଇସି ସ୍ଥିତି ଆଦି ବିଷୟରେ ମନ୍ତ୍ରୀ ବିସ୍ତୃତ ତଥ୍ୟ ନେଇଥିଲେ। ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୯୭.୯୩ ପ୍ରତିଶତ ଇ-କେୱାଇସି



ସମ୍ପୂର୍ଣ୍ଣ ହୋଇଥିବା ଏବଂ ଧାନ ସଂଗ୍ରହ ପ୍ରକ୍ରିୟାରେ ଜିଲ୍ଲାରେ ୬୧,୦୦୦ରୁ ଊର୍ଦ୍ଧ୍ୱ ଚାଷୀ ପଞ୍ଜିକୃତ ହୋଇଥିବା ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲୀପ ପାଣିଗ୍ରାହୀ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ସମୀକ୍ଷା ସମୟରେ ବନ୍ୟା ପ୍ରଭାବିତ ଲୋକଙ୍କ ନିକଟରେ ଆବଶ୍ୟକ ଖାଦ୍ୟଶସ୍ୟ ଓ ରିଲିଫ୍ ସାମଗ୍ରୀ ଯେପରି ସୁବ୍ୟବସ୍ଥିତ ଭାବେ ଏବଂ ସମୟୋଚିତ ଭାବେ ପହଞ୍ଚିପାରିବ, ସେଥିପାଇଁ ମନ୍ତ୍ରୀ ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ପରବର୍ତ୍ତୀ ସମୟରେ ମନ୍ତ୍ରୀ ଶ୍ରୀ ପାତ୍ର କୋରେଇ ବ୍ଲକ୍‌ର ପାଣିକୋଇଲି ପଞ୍ଚାୟତରେ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ବନ୍ୟା ପ୍ରଭାବିତ ପରିବାରମାନଙ୍କୁ ଚାଉଳ ବଣ୍ଟନ କରିଥିଲେ। ଏହି ଅବସରରେ ସେ ବନ୍ୟା ପ୍ରଭାବିତ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ଅବଗତ ହୋଇଥିଲେ। କୋରେଇ ବ୍ଲକ ବିଡ଼ିଓ ଅବନୀକାନ୍ତ ସାହୁ ଉପସ୍ଥିତ ଥିଲେ। ଯାଜପୁର ରୋଡ୍ / ବ୍ୟାସନଗର ଭଳି ଶିଳ୍ପାଞ୍ଚଳ ଓ ପ୍ରବାସୀ ଶ୍ରମିକ ବହୁଳ ଅଞ୍ଚଳରେ ଶୀଘ୍ର ଗୋଟିଏ 'ରାଇସ୍ ଏଟିଏମ୍' (ଗ୍ରେନ୍ ବ୍ୟାଙ୍କ) ସ୍ଥାପନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ।

# ଖଣି ପ୍ରଭାବିତ ଇଲାକାରେ ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପ ଲୋକାର୍ପିତ

**ବ୍ୟାସନଗର, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡି.ଏମ୍.ଏଫ୍), ଯାଜପୁର ସହଯୋଗରେ ଖଣି ପ୍ରଭାବିତ ସୁକିନ୍ଦା ଓ ଦାନଗଦି ବ୍ଲକରେ ସ୍ୱାସ୍ଥ୍ୟ, ବିଶୁଦ୍ଧ ପାନୀୟ ଜଳ ଓ ମାତୃ-ଶିଶୁ ସ୍ୱାସ୍ଥ୍ୟ ସେବା ସମ୍ବନ୍ଧୀୟ ବିଭିନ୍ନ ଜନ-କଲ୍ୟାଣମୂଳକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଲୋକାର୍ପଣ ହୋଇଛି। ଏହି ଅବସରରେ ସମବାୟ ବିଭାଗର ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଥିଲେ। ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଡିଏମଏଫ୍ ସହଯୋଗରେ ନୂତନ ମାଗଣା ଡାଏଲିସିସ୍ ସେବା କେନ୍ଦ୍ରର ଶୁଭ ଉଦଘାଟନ କରାଯାଇଥିଲା। ସେହିପରି 'ନିର୍ମଳ ବିନ୍ଦୁ ଆଇଓଟି' ଆଧାରିତ ବିଶୁଦ୍ଧ ପାନୀୟ ଜଳ ବିଶୋଧନ ପ୍ରକଳ୍ପ ଦାନଗଦି ବ୍ଲକ



ଅନ୍ତର୍ଗତ ଚାନ୍ଦିଆ ଗ୍ରାମ ପଞ୍ଚାୟତର ଭରଡାପଶି, ଦେଉଳକଣ ଗ୍ରାମ ପଞ୍ଚାୟତର ପାଟବାଲି ଏବଂ ସୁକିନ୍ଦା ବ୍ଲକ ଅନ୍ତର୍ଗତ ରାଁସୋଳ ପଞ୍ଚାୟତ ଅନ୍ତର୍ଗତ କଳରଙ୍ଗଟିଆ ଏବଂ କାଳିଆପାଣି ପଞ୍ଚାୟତରେ ଲୋକାର୍ପିତ ହୋଇଥିଲା। କାଳିଆପାଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ମା' ଗୃହ ଓ ଶିଶୁ ସମୃଦ୍ଧି କେନ୍ଦ୍ର (ପୁଷ୍ଟି ପୁନର୍ବାସ କେନ୍ଦ୍ର)ର ମଧ୍ୟ ଶୁଭ ଉଦଘାଟନ କରାଯାଇଥିଲା। ଏହି କେନ୍ଦ୍ରରେ ଗର୍ଭବତୀ ଓ ପ୍ରସୂତି ମା'ମାନଙ୍କ ସେବା ସହ ପୁଷ୍ଟିହୀନ ଶିଶୁମାନଙ୍କୁ ଆବଶ୍ୟକ ପୁଷ୍ଟିକର ଖାଦ୍ୟ ଓ ଚିକିତ୍ସା ସେବା ଯୋଗାଇ ଦିଆଯିବ। କାଳିଆପାଣି ସ୍ଥିତ ଚଣ୍ଡୀମାତା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ସାଧାରଣ ସଭାରେ ମାନ୍ୟବର ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଥିଲେ ଯେ, ଖଣି ପ୍ରଭାବିତ ଅଞ୍ଚଳର ସାମଗ୍ରିକ ବିକାଶ ସହ ଲୋକଙ୍କ ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ଜୀବନମାନର ଉନ୍ନତି ପାଇଁ ସରକାର ପ୍ରତିବଦ୍ଧ। ଡିଏମଏଫ୍ ମାଧ୍ୟମରେ ଏଭଳି ଜନକଲ୍ୟାଣମୂଳକ ପ୍ରକଳ୍ପ ଆଗାମୀ ଦିନରେ ମଧ୍ୟ ଜାରି ରହିବ। ସମ୍ମାନିତ ଅତିଥି ଲୋକସଭା ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା କହିଥିଲେ ଯେ, ଖଣି ପ୍ରଭାବିତ ଅଞ୍ଚଳର ବିକାଶ ପାଇଁ ଡିଏମଏଫର ସୁବିନିଯୋଗ ଅତ୍ୟନ୍ତ ଆବଶ୍ୟକ। ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ମାତୃ-ଶିଶୁ କଲ୍ୟାଣ ଭଳି କ୍ଷେତ୍ରରେ ଏଭଳି ପ୍ରକଳ୍ପ ଲୋକଙ୍କ ଜୀବନ ମାନରେ ସକାରାତ୍ମକ ପରିବର୍ତ୍ତନ ଆଣିବ। ଜିଲ୍ଲାପାଳ ଅମ୍ବର କୁମାର କର କହିଥିଲେ ଯେ, ଖଣି ପ୍ରଭାବିତ ଅଞ୍ଚଳର ଆବଶ୍ୟକତାକୁ ପ୍ରାଥମିକତା ଦେଇ ଡିଏମଏଫ୍ ମାଧ୍ୟମରେ ବିଭିନ୍ନ ପ୍ରକଳ୍ପ ହାତକୁ ନିଆଯାଉଛି। ଏହି ପ୍ରକଳ୍ପଗୁଡ଼ିକର ସୁଫଳ ଯେପରି ଅଞ୍ଚଳବାସୀଙ୍କ ନିକଟରେ ପହଞ୍ଚିବ, ସେଥିପାଇଁ ସମସ୍ତ ବିଭାଗ ସମନ୍ୱୟରେ କାର୍ଯ୍ୟ ଜାରି ରହିଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (କଳିଙ୍ଗ ନଗର) ସପନ କୁମାର ନନ୍ଦ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ସ୍ଥାନୀୟ ବ୍ଲକର ବିଡିଓ, ବିଭାଗୀୟ ଅଧିକାରୀ, ଡିଏମଏଫ୍ ଅଧିକାରୀଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଖଣି ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟ, ବିଶୁଦ୍ଧ ପାନୀୟ ଜଳ ଓ ମାତୃ-ଶିଶୁ କଲ୍ୟାଣ କ୍ଷେତ୍ରକୁ ସୁଦୃଢ଼ କରିବା ଦିଗରେ ଡିଏମଏଫ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରାଷ୍ଟ୍ରପତି ଦ୍ରୌପଦୀ...

ଭେଟିଥିଲେ। ଦୁଇ ନେତା ଦ୍ୱିପାକ୍ଷିକ ସମ୍ପର୍କର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।ଏହାପୂର୍ବରୁ ଇରାନ ରାଷ୍ଟ୍ରପତିଙ୍କ ଝିଅ ଜାହ୍ରା ପେଜେସ୍କିଆନ୍ ତାଙ୍କ ସ୍ୱାମୀ ହସନ୍ ମାଜିଦିଙ୍କ ସହ ନୂଆଦିଲ୍ଲୀର ଜାତୀୟ ହସ୍ତଶିଳ୍ପ ସଂଗ୍ରହାଳୟରେ ଥିବା ଇଟା ବଜାର ପରିଦର୍ଶନ କରିଥିଲେ। ସେ ବ୍ରିକ୍ସ ସଦସ୍ୟ ଏବଂ ଅଂଶୀଦାର ଦେଶଗୁଡ଼ିକର କଳା, ହସ୍ତଶିଳ୍ପ ଏବଂ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶିତ କରୁଥିବା ବିଭିନ୍ନ ସାମଗ୍ରୀ ଦେଖିଥିଲେ।

## ଇସ୍ରୋର ଚେତାବନୀ...

ଉପରେ ରହିବ । ଅର୍ଥାତ ଏହାର ବଳ ଅଧିକ। ସରଳ ଭାଷାରେ କହିଲେ ଅଧିକ ପିଡିଆଇ ଅର୍ଥ ଅଧିକ ଭୟାନକ । ଗତ ୪୪ ବର୍ଷ ମଧ୍ୟରେ ଆସିଥିବା ବାତ୍ୟାଠୁ ବି ବେଶି ଶକ୍ତିଶାଳୀ । ଝଡ଼ର ଶକ୍ତି ପୂର୍ବ ତୁଳନାରେ ୮୩ ପ୍ରତିଶତ ଅଧିକ ରହିବ। ଏହି ସବୁ ଭାରତ ମହାସାଗରର ଉତ୍ତରରେ ସୃଷ୍ଟି ହେବ। ତେବେ ଇସ୍ରୋକୁ ସମ୍ଭାବ୍ୟ ବାତ୍ୟା ଆକଳନ ପାଇଁ କରିବାକୁ ପଡିଥିଲା ଅନେକ କସରତ । ଦୀର୍ଘ ୪୦ ବର୍ଷର ଡାଟାକୁ ଏକାଠି କରିଥିଲେ ବୈଜ୍ଞାନିକ । ଅନ୍ୟ ଏକ ଦିଗକୁ ଦେଖିଲେ ଚଳିତ ବର୍ଷ ଦେଶରେ ମୌସୁମୀ ସେତେ ଆକ୍ଟିଭ ନାହିଁ । ଅନେକ ଜାଗାରେ ବର୍ଷାର ପରିମାଣ କମିଛି । ହେଲେ ଓଡିଶାରେ ଦେଖାଦେଇଛି ବ୍ୟତିକ୍ରମ । ଏଠାରେ ସ୍ୱାଭାବିକ ଠାରୁ ହୋଇଛି ବେଶୀ ବର୍ଷା । ଉତ୍ତର ଓଡିଶାରେ ହିଁ ବେଶି ବର୍ଷିଛି । ବନ୍ୟା ବି ଆସିଛି । ଏଲନିନୋ ସହ ଜଳବାୟୁର ପରିବର୍ତ୍ତନର ଶିକାର ହୋଇଚି ରାଜ୍ୟର ଉତ୍ତର ଭାଗ । ଯାହାକୁ ଦେଖିଲେ ସମ୍ଭାବ୍ୟ ବାତ୍ୟା ଭଦ୍ରକ, ବାଲେଶ୍ୱରରେ ମାଡ ହେବାର ସମ୍ଭବନା ବି ରହିଛି । କିନ୍ତୁ ଏହା କେବଳ ଏକ ଆକଳନ । ଯାହା ସମୁଦ୍ରରେ ବାତ୍ୟାର ରୂପ ନେବା ପରେ ହିଁ ସ୍ପଷ୍ଟ ହେବ ।

## ବନ୍ଦ ହେଉ...

ଆଉ ବିଳମ୍ବ କରାଯାଇପାରିବ ନାହିଁ। ଏହି ଆଲୋଚନା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ ହୋଇ ସ୍ପଷ୍ଟ ଫଳାଫଳ ଆସିବା ଦରକାର। ବ୍ରିକ୍ସ ବୈଠକରେ ଚୀନ୍ ରାଷ୍ଟ୍ରପତି ଜିନପିଙ୍ଗ ବି ଦେଇଛନ୍ତି ବଡ଼ ବାର୍ତ୍ତା। ସେ କହିଛନ୍ତି, ବିଶ୍ୱଶାନ୍ତି ପାଇଁ କାମ କରନ୍ତୁ ବ୍ରିକ୍ସ ରାଷ୍ଟ୍ର ସମୂହ। ଅନ୍ତର୍ଜାତୀୟ ସମୂହ ପାଇଁ ଯୁଦ୍ଧ ହିତକର ନୁହେଁ। କୂଟନୈତିକ ଉପାୟରେ ଯୁଦ୍ଧ ସାରିବାକୁ ଉଦ୍ୟମ କରିବାକୁ ହେବ। ଯୁଦ୍ଧ ପାଇଁ ସାଧାରଣ ଜନତା କ୍ଷତିଗ୍ରସ୍ତ ହେଉଛନ୍ତି, ବିଶ୍ୱ ତୈଳ ବଜାର ପ୍ରଭାବିତ ହେଉଛି। ତେଣୁ ତୁରନ୍ତ ମଧ୍ୟପ୍ରାଚ୍ୟ ଯୁଦ୍ଧ ଶେଷ କରିବାକୁ ହେବ। ୨୦୦୬ରେ ମାତ୍ର ୪ଟି ଦେଶକୁ ନେଇ ଗଠିତ ବ୍ରିକ୍ସରେ ଏବେ ୨୧ଟି ରାଷ୍ଟ୍ର ସଦସ୍ୟ। ବ୍ରିକ୍ସ ସମ୍ମିଳନୀର ୨୦ ବର୍ଷ ପୂର୍ତ୍ତି ଅବସରରେ ଦୁଇଟି ସ୍ମାରକୀ ଡାକଟିକେଟ୍ ଜାରି କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ।

## ଓରାଙ୍ଗଉଟାନ...

କରୁଛି। ଘଟଣାର ଏସଟିଏଫ୍ ତଦନ୍ତ ଲାଗି ନିର୍ଦ୍ଦେଶ ସହ ମାମଲା ମଧ୍ୟ ରୁଜୁ ହୋଇଛି। ଅନେକ ଲୋକଙ୍କୁ ତଦନ୍ତ ପରିସରଭୁକ୍ତ କରି ବୟାନ ରେକର୍ଡ କରାଯାଇଛି।

## ବ୍ରିଟିଶ ପାଇଲଟଙ୍କୁ ...

ଭାରତ ଓ ୟୁକେ ମଧ୍ୟରେ ପ୍ରତିରକ୍ଷା ସହଯୋଗକୁ ଆହୁରି ବ୍ୟାପକ କରିବା ପାଇଁ ନିୟମିତ ଭାବେ ଆଲୋଚନା ଓ ମିଳିତ ପ୍ରୟାସ ଜାରି ରହିଛି। ଆଞ୍ଚଳିକ ସୁରକ୍ଷା ପରିସ୍ଥିତି ଓ ଦ୍ୱିପାକ୍ଷିକ ପ୍ରତିରକ୍ଷା ସହଯୋଗର ଅଗ୍ରଗତି ନେଇ ଭାରତୀୟ ଓ ବ୍ରିଟିଶ ଅଧିକାରୀଙ୍କ ମଧ୍ୟରେ ନିୟମିତ ଆଲୋଚନା ହେଉଛି।ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହ ୟୁକେର ଜାତୀୟ ସୁରକ୍ଷା ପରାମର୍ଶଦାତା ଜୋନାଥନ ନିକୋଲାସ ପାୱେଲଙ୍କ ସହ ଆଞ୍ଚଳିକ ସୁରକ୍ଷା ଓ ଦୁଇ ଦେଶର ପ୍ରତିରକ୍ଷା ସହଯୋଗ ନେଇ ଆଲୋଚନା କରିଥିଲେ। ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ମଧ୍ୟ ପାୱେଲଙ୍କ ସହ ଆଞ୍ଚଳିକ ଓ ବିଶ୍ୱ ସୁରକ୍ଷା ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ। ଭାରତ ଓ ୟୁକେ ମଧ୍ୟରେ ମିଳିତ ସାମରିକ ଅଭ୍ୟାସ, ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଓ କ୍ଷମତା ବିକାଶ ମାଧ୍ୟମରେ ଦୁଇ ଦେଶର ସଶସ୍ତ୍ର ବାହିନୀ ମଧ୍ୟରେ ସମ୍ପର୍କକୁ ମଜଭୁତ କରିବା ଉପରେ ଜୋର ଦିଆଯାଇଛି।ଭାରତୀୟ ନୌସେନା ସହ ୟୁକେର କ୍ୟାରିଅର ଷ୍ଟ୍ରାଇକ୍ ଗ୍ରୁପର ଅଭ୍ୟାସ ଏବଂ ରୟାଲ୍ ନେଭିର 'କୋଙ୍କଣ' ନୌସାମରିକ ଅଭ୍ୟାସ ମଧ୍ୟ ଦୁଇ ଦେଶର ବଢୁଥିବା ସାମରିକ ସହଯୋଗର ଉଦାହରଣ। ଭାରତ-ପ୍ରଶାନ୍ତ ମହାସାଗର ଅଞ୍ଚଳରେ ସାମୁଦ୍ରିକ ସୁରକ୍ଷା ସହଯୋଗକୁ ଆହୁରି ବଢ଼ାଇବା ଉପରେ ମଧ୍ୟ ଉଭୟ ଦେଶ ଗୁରୁତ୍ୱ ଦେଇଛନ୍ତି। ଆଞ୍ଚଳିକ ସାମୁଦ୍ରିକ ସୁରକ୍ଷା କେନ୍ଦ୍ର ପ୍ରତିଷ୍ଠା ସହ ବିଭିନ୍ନ ପଦକ୍ଷେପ ମାଧ୍ୟମରେ ସହଯୋଗ ବଢ଼ାଇବା ନେଇ ଦୁଇ ଦେଶ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି।ଭାରତୀୟ ବାୟୁସେନାର ପ୍ରଶିକ୍ଷକଙ୍କୁ ୟୁକେରେ ନିୟୋଜନ ଏହି ବ୍ୟାପକ ପ୍ରତିରକ୍ଷା ସହଯୋଗର ଏକ ନୂଆ ଦିଗ ଖୋଲିଛି। ଦୁଇ ଦେଶ ମଧ୍ୟରେ ପ୍ରଶିକ୍ଷଣ ଓ ଶିକ୍ଷା କ୍ଷେତ୍ରର ସମ୍ପର୍କକୁ ଆହୁରି ସୁଦୃଢ଼ କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି।

## ପଞ୍ଚାୟତ ନିର୍ବାଚନ...

ଚୂଡାନ୍ତ ଭୋଟର ତାଲିକା ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ସରକାର । ଅକ୍ଟୋବର ୨୬ ତାରିଖରୁ ଆରମ୍ଭ ହେବ ଘରକୁ ଘର ସର୍ଭେ ଅଭିଯାନ। ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ଚାଲିବ ଏହି ସର୍ଭେ ଅଭିଯାନ। ଆସନ୍ତା ଜାନୁଆରୀ ୧ରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ଚିଠା ଭୋଟର ତାଲିକା ପ୍ରକାଶ ପାଇବା ପରେ ଆବଶ୍ୟକ ସଂଶୋଧନ ଓ ଅନ୍ୟାନ୍ୟ ପ୍ରକ୍ରିୟା କରାଯିବ। ଫେବୃଆରୀ ୧୦ ତାରିଖରେ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରାଯିବ । ଚଳିତ ମାସ ୨୩ ତାରିଖରେ ମାଷ୍ଟର ଟ୍ରେନରମାନେ ଅଧିକାରୀଙ୍କୁ ତାଲିମ ଦେବେ । ଆସନ୍ତା ଏପ୍ରିଲ୍ ୨ ତାରିଖରେ ଶେଷ ହେଉଛି ପଞ୍ଚାୟତ ପ୍ରତିନିଧିଙ୍କ କାର୍ଯ୍ୟକାଳ। ପରେ ପରେ ପୌର ଏବଂ ମହାନଗର ନିଗମର କାର୍ଯ୍ୟକାଳ ମଧ୍ୟ ଶେଷ ହେଉଛି। ପୂର୍ବରୁ ମାର୍ଚ୍ଚ ମାସରେ ୫ ଟି ପର୍ଯ୍ୟାୟରେ ନିର୍ବାଚନ କରିବାକୁ ପ୍ରସ୍ତୁତ ହୋଇଛନ୍ତି ରାଜ୍ୟ ନିର୍ବାଚନ କମିଶନ। ଆଉ ପଞ୍ଚାୟତ ଦଖଲ କରିବାକୁ ପ୍ରସ୍ତୁତ ହେଉଛନ୍ତି ଉଭୟ ଶାସକ ଓ ବିରୋଧୀ ଦଳ । ଆସନ୍ତା ବର୍ଷ ମାର୍ଚ୍ଚରେ ପଞ୍ଚାୟତ ଏବଂ ଏପ୍ରିଲରେ ପୌର ନିର୍ବାଚନ ହେବ ବୋଲି ପୂର୍ବରୁ ନିର୍ବାଚନ କମିଶନର ପୂର୍ବରୁ ଘୋଷଣା କରିସାରିଛନ୍ତି ।

## ରାଜ୍ୟରେ ପ୍ରବଳ...

ପ୍ରବଳ ବର୍ଷା ଯୋଗୁ ମାଲକାନଗିରିର ପୋଟେରୁ ଓ ପୋଡ଼ିଆ ବ୍ରିଜ୍ ଉପରେ ୨ ଫୁଟର ପାଣି ପ୍ରବାହିତ ହେଉଛି। ଏଠାରେ ଉଲ୍ଲେଖନୀୟ ଗତ ସେପ୍ଟେମ୍ବର ୧ରୁ ୧୨ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ମୋଟ ହାରାହାରି ୯୦.୨ ମିମି ବର୍ଷା ହୋଇଛି। ଏହି ସମୟର ସ୍ୱାଭାବିକ ହାରାହାରି ବର୍ଷା ୯୬.୬ ମିମି ହୋଇଥିବାରୁ ବର୍ଷାରେ ୬.୬ ପ୍ରତିଶତ ନିଅଣ୍ଟ ରେକର୍ଡ ହୋଇଛି। ଅନ୍ୟପକ୍ଷରେ, ଜୁନ୍ ୧ରୁ ସେପ୍ଟେମ୍ବର ୧୨ ପର୍ଯ୍ୟନ୍ତ ରାଜ୍ୟରେ ୧,୨୪୭.୫ ମିମି ବର୍ଷା ହୋଇଛି, ଯେତେବେଳେ ସ୍ୱାଭାବିକ ହାରାହାରି ୯୯୭.୦ ମିମି। ଏହି ସମୟରେ ୨୫.୧ ପ୍ରତିଶତ ଅଧିକ ବର୍ଷା ରେକର୍ଡ ହୋଇଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ସୂଚନା ଅନୁସାରେ ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷାର ପୂର୍ବାନୁମାନ କରି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହା ବ୍ୟତୀତ ବାଲେଶ୍ୱର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି ଓ ଗଞ୍ଜାମର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବଜ୍ରପାତ ଏବଂ ଘଣ୍ଟାପ୍ରତି ୩୦-୪୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି। ରାଜ୍ୟର ସମସ୍ତ ନିରୀକ୍ଷଣାଧୀନ ନଦୀର ଜଳସ୍ତର ବର୍ତ୍ତମାନ ସେଗୁଡ଼ିକର ନିର୍ଦ୍ଧାରିତ ବିପଦସଙ୍କେତ ତଳେ ରହିଛି। ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟର ରିପୋର୍ଟ ଅନୁସାରେ, ମାଲକାନଗିରି ଜିଲ୍ଲାର ମାଲକାନଗିରି, ମୈଥିଲି, କାଲିମେଳା ଓ ପୋଡ଼ିଆ ବ୍ଲକ୍‌ର ସ୍ଥିତି ଉପରେ ବିଶେଷ ନଜର ରଖାଯାଉଛି। ସତର୍କତାମୂଳକ ପଦକ୍ଷେପ ଭାବେ ମୈଥିଲି ଓ କାଲିମେଳାରେ ଓଡ୍ରାଫ୍ ଟିମ୍ ମୁତୟନ କରାଯାଇଛି।

## ବ୍ରିକ୍ସ ସମ୍ମିଳନୀରେ...

ବିଶ୍ୱ ସମ୍ମୁଖରେ ଉପସ୍ଥାପିତ କରାଯାଇଛି । ଗ୍ରାମୀଣ ଆଦିବାସୀ ଅଞ୍ଚଳରୁ ସୃଷ୍ଟ ଉତ୍ପାଦଗୁଡ଼ିକ କିପରି ଆଧୁନିକ ବଜାରରେ ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିପାରିବେ, ତାହା ନେଇ ପ୍ରୟାସ ଆରମ୍ଭ ହୋଇଛି ।

କୋରାପୁଟର କଫି ବିଶେଷ କରି ନନ୍ଦପୁର ଏବଂ ମାଛକୁଣ୍ଡ ଅଞ୍ଚଳରେ ଚାଷ କରାଯାଇଥାଏ। ସମୁଦ୍ର ପତନରୁ ପ୍ରାୟ ୯୨୦ରୁ ୯୫୦ ମିଟର ଉଚ୍ଚତାରେ ୧୦୦ ପ୍ରତିଶତ ଆରବିକା କଫି ଚାଷ କରାଯାଇଥାଏ । ଆମ୍ବ, ପଣସ ଏବଂ କମଳା ଜାତୀୟ ଗଛର ପ୍ରାକୃତିକ ଛାଇ ତଳେ କଫି ବଗିଚା ସୃଷ୍ଟି କରାଯାଏ । କଫି ଫଳଗୁଡ଼ିକ ପାଚିବା ପରେ ହାତରେ ତୋଳାଯାଇ ସାବଧାନତାର ସହ ପ୍ରକ୍ରିୟାକରଣ କରାଯାଏ, ଯାହା କୋରାପୁଟ କଫିର ସ୍ୱାଦ ଓ ଗୁଣବତ୍ତାକୁ ବଜାୟ ରଖେ । ଓଡ଼ିଶା ରାଜ୍ୟ ଆଦିବାସୀ ଉନ୍ନୟନ ସମବାୟ ନିଗମର ସମ୍ପୂର୍ଣ୍ଣ ସହଯୋଗରେ କିଣିବା, ଶୁଖାଇବା, ଗ୍ରେଡିଂ, ପ୍ରକ୍ରିୟାକରଣ ଏବଂ ବିପଣନ ପ୍ରକ୍ରିୟା ଶେଷ ହେବା ପରେ ଏହା ଗ୍ରାହକଙ୍କ ପାଖରେ ପହଞ୍ଚିଥାଏ। ୧୧ ସେପ୍ଟେମ୍ବର ୨୦୧୯ ରେ "କୋରାପୁଟ କଫି" ବ୍ରାଣ୍ଡର ଶୁଭାରମ୍ଭ ହୋଇଥିଲା । ଆଦିବାସୀ ଚାଷୀଙ୍କ ଦ୍ୱାରା ଉତ୍ପାଦିତ କଫି ପାଇଁ ଏକ ସୁବ୍ୟବସ୍ଥିତ ବଜାର ସୃଷ୍ଟି କରିବା ଏବଂ ମୂଲ୍ୟ ଶୃଙ୍ଖଳାକୁ ସୁଦୃଢ଼ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଯାହାଦ୍ୱାରା ଆର୍ଥିକ ଲାଭର ଏକ ବଡ଼ ଅଂଶ ଚାଷୀଙ୍କ ପାଖରେ ପହଞ୍ଚିପାରିବ । ବିଗତ ବର୍ଷଗୁଡ଼ିକରେ, ଉତ୍ପାଦନ, କ୍ରୟ, ପ୍ରକ୍ରିୟାକରଣ, ବ୍ରାଣ୍ଡିଂ ଏବଂ ଖୁଚୁରା ବିକ୍ରିର ସମ୍ପ୍ରସାରଣ ସହିତ ଏହା ଏକ ବିଶାଳ କଫି ଇକୋସିଷ୍ଟମ୍‌ରେ ପରିଣତ ହୋଇଛି । ଏହି ପରିବର୍ତ୍ତନର ଆକାର କ୍ରୟ ପରିମାଣରୁ ସ୍ପଷ୍ଟ ଜଣାପଡ଼େ। ୨୦୨୫-୨୬, ଟିଡିସିସିଓଏଲ ରେକର୍ଡ ପରିମାଣର ୧୦୨.୫୪ ମେଟ୍ରିକ ଟନ୍ କଫି ଫଳ କ୍ରୟ କରିଛି, ଯାହା ୨୦୨୨-୨୩ ର ୩୪.୬୮ ମେଟ୍ରିକ ଟନ୍ ତୁଳନାରେ ପ୍ରାୟ ତିନି ଗୁଣ ଅଧିକ । ୨୦୨୪-୨୫ ରେ ଏହି କ୍ରୟ ପରିମାଣ ୩୪.୪୧ ମେଟ୍ରିକ ଟନ୍ ଥିଲା । ଏହି ଅଭିବୃଦ୍ଧି ଦ୍ୱାରା ପ୍ରାୟ ୩୬୦ ଆଦିବାସୀ ପରିବାର ଲାଭାନ୍ୱିତ ହୋଇଛନ୍ତି । ଏହାଦ୍ୱାରା କୋରାପୁଟ ଅଞ୍ଚଳରେ କଫି ଚାଷ ଏକ ଗୁରୁତ୍ୱପୂର୍ଣ୍ଣ ଜୀବିକାର ମାଧ୍ୟମ ପାଲଟିଛି । କ୍ରୟ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଏବଂ ଚାଷୀ-ଅନୁକୂଳ କରିବା ପାଇଁ ପ୍ରୟାସ କରାଯାଇଛି । ନଗଦ କାରବାର ବଦଳରେ ସିଧାସଳଖ ଡିଜିଟାଲ୍ ବ୍ୟାଙ୍କ ଟ୍ରାନ୍ସଫର ମାଧ୍ୟମରେ ଆଦିବାସୀ କଫି ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧.୦୭ କୋଟି ଟଙ୍କା ଟିଡିସିସିଓଏଲ ଦ୍ୱାରା ପ୍ରଦାନ କରାଯାଇଛି । ଏଥିରେ ୭୧ ଜଣ ଆଦିବାସୀ ମହିଳା ଚାଷୀ ଅନ୍ତର୍ଭୁକ୍ତ ହୋଇଛନ୍ତି । ୪୫.୭ ପ୍ରତିଶତ କଫି ଚାଷୀ ସ୍ମାର୍ଟ କାର୍ଡ ଆପଣେଇଛନ୍ତି, ଯାହା ଚାଷୀଙ୍କ ପରିଚୟ ଏବଂ ଡିଜିଟାଲ୍ ଟ୍ରାକିଂକୁ ସହଜ କରିଛି। 'ଟାଇଗର ବ୍ରାଇଟ୍', କଫିପ୍ରେମୀଙ୍କ ମଧ୍ୟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଏହି ପ୍ରିମିୟମ ଆରବିକା ବ୍ଲେଣ୍ଡରେ ଅରେଞ୍ଜ, ଲେମନ୍ ଏବଂ ସ୍ୱିଟ୍ ଲାଇମ୍ ଫ୍ଲେଭର୍ ସହ କାରାମେଲ, ଚୋକୋଲେଟ୍ ଏବଂ କୋକୋଆ ସ୍ୱାଦ ଭରି ରହିଛି। ପ୍ରାକୃତିକ ଛାଇରେ ବଢୁଥିବା ଏବଂ ସ୍ୱଚ୍ଛତା ମାନଦଣ୍ଡ ସହ ପ୍ରକ୍ରିୟାକୃତ ଏହି କଫିକୁ ପାରମ୍ପାରିକ ଭାବେ କାଠ ଖଟ ଉପରେ ରଖି ଖରାରେ ଶୁଖାଯାଏ । ଲାଇଟ୍, ମିଡିୟମ୍ ଏବଂ ଡାର୍କ ରୋଷ୍ଟର ସନ୍ତୁଳିତ ମିଶ୍ରଣ 'ଟାଇଗର ବ୍ରାଇଟ୍'କୁ ଏକ ସ୍ୱତନ୍ତ୍ର ସ୍ୱାଦ ପ୍ରଦାନ କରେ । ଏହି କଫିର ପ୍ରସିଦ୍ଧି ଜାତୀୟ ସ୍ତରରେ ମଧ୍ୟ ସ୍ୱୀକୃତି ପାଇଛି । କୋରାପୁଟ କଫି ଦୁଇ ଥର 'ଫାଇନ୍ କପ୍ ଆୱାର୍ଡ' ଜିତିବା ସହ କଫି ବୋର୍ଡର 'ଫ୍ଲେଭର ଅଫ୍ ଇଣ୍ଡିଆ ଫାଇନ୍ କପ୍ ୨୦୨୪' ରେ ଚତୁର୍ଥ ସ୍ଥାନ ହାସଲ କରିଛି । ଏହି ସଫଳତା କୋରାପୁଟକୁ ଏକ ନୂତନ କଫି-ଉତ୍ପାଦନକାରୀ ପର୍ଯ୍ୟଟନ ସ୍ଥଳୀ ଭାବେ ଗଢ଼ିତୋଳିବାରେ ସାହାଯ୍ୟ କରିଛି । ଓଡ଼ିଶା ଏବଂ ଦିଲ୍ଲୀରେ ଆଠଟି କୋରାପୁଟ କଫି ବ୍ରାଣ୍ଡ୍ କାଫେ ପ୍ରତିଷ୍ଠା କରାଯାଇ ବିପଣନ ଏବଂ ଗ୍ରାହକ ସଂଯୋଗ ପାଇଁ ନୂଆ ରାସ୍ତା ଖୋଲାଯାଇଛି । ଆର୍ଥିକ ବର୍ଷ ୨୦୨୩-୨୪ ମଧ୍ୟରେ ଏହି କାଫେଗୁଡ଼ିକରୁ ୧.୬୪ କୋଟି ଟଙ୍କାର ବିକ୍ରି ହୋଇଛି । କାଫେ ସହିତ ଟାଇଗର ବ୍ରାଇଟ୍, ରୋଷ୍ଟେଡ୍ ବିନ୍ସ ଏବଂ ଇନଷ୍ଟାଣ୍ଟ କଫି ଭଳି ଉତ୍ପାଦ ଗ୍ରାହକଙ୍କ ଆଦୃତି ଲାଭ କରିଛି । ୧୦,୬୩୪ ରୁ ଅଧିକ 'ଟାଇଗର ବ୍ରାଇଟ୍' ପ୍ୟାକେଟ୍ ବିକ୍ରି ହେବା ଏହା ଦର୍ଶାଉଛି ଯେ କେବଳ ଏକ କୃଷି ଉତ୍ପାଦ ନୁହେଁ, ବରଂ ଏକ ବ୍ରାଣ୍ଡ୍ ଭାବେ ଏହାର ଚାହିଦା ବୃଦ୍ଧି ପାଇଛି। ବ୍ରିକ୍ସ ସମ୍ମିଳନୀରେ 'ଟାଇଗର ବ୍ରାଇଟ୍'ର ଉପସ୍ଥିତି ଏକ ବିଶେଷ ଗୁରୁତ୍ୱ ବହନ କରୁଛି । ଏହି ସମ୍ମିଳନୀରେ ଉଦୀୟମାନ ଅର୍ଥବ୍ୟବସ୍ଥାର ନେତା, ପ୍ରତିନିଧି ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଏକାଠି ହୋଇଛନ୍ତି, ଯାହା ବିଶ୍ୱ ଦରବାରରେ ଭାରତର ବିବିଧ ଅର୍ଥନୈତିକ ଓ ସାଂସ୍କୃତିକ ଐତିହ୍ୟକୁ ଉପସ୍ଥାପନ କରିବା ପାଇଁ ଏକ ବଡ଼ ମଞ୍ଚ ପ୍ରଦାନ କରିଛି । ବ୍ରିକ୍ସ ଭଳି ଅନ୍ତର୍ଜାତୀୟ ମଞ୍ଚରେ କୋରାପୁଟର ଆଦିବାସୀ ଚାଷୀଙ୍କ ଦ୍ୱାରା ଉତ୍ପାଦିତ କଫିର ଅନ୍ତର୍ଭୁକ୍ତି କେବଳ ଆଞ୍ଚଳିକ ଉତ୍ପାଦକୁ ବିଶ୍ୱସ୍ତରୀୟ ପରିଚୟ ପ୍ରଦାନ କରିବା ନୁହେଁ, ବରଂ ଆଦିବାସୀ ଚାଷୀଙ୍କ ପରିଶ୍ରମ, ସ୍ଥାନୀୟ ଉତ୍ପାଦନ, ମୂଲ୍ୟବୃଦ୍ଧି ଏବଂ ଜୀବିକା ସଶକ୍ତିକରଣର ଏକ ସଫଳ କାହାଣୀକୁ ବିଶ୍ୱ ସମ୍ମୁଖରେ ପହଂଚାଇବାର ଏକ ଅବସର ସୃଷ୍ଟି କରିଛି । କୋରାପୁଟର ମାଟିରେ ଆଦିବାସୀ ଚାଷୀଙ୍କ ଦ୍ୱାରା ଉତ୍ପାଦିତ ଏହି କଫି ଏବେ ଓଡ଼ିଶାର ସୀମା ଅତିକ୍ରମ କରି ଭାରତର ବିବିଧତା ଓ ସ୍ଥାନୀୟ ଉଦ୍ୟମର ଏକ ସୁଗନ୍ଧିତ ପ୍ରତୀକ ଭାବେ ବିଶ୍ୱ ମଞ୍ଚରେ ନିଜର ଉପସ୍ଥିତି ଦେଇଛି । ବ୍ରିକ୍ସରେ କୋରାପୁଟ କଫିକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରତିକ୍ରିୟାରେ କହିଛନ୍ତି ଯେ, 'ମୁଁ ବିଶ୍ୱକୁ ଏହି ଓଡ଼ିଶାକୁ ଦେଖାଇବାକୁ ଚାହୁଁଛି'। କୋରାପୁଟର କଫି ଏବେ ଓଡ଼ିଶାର ସ୍ଥାନୀୟ ପରିଚୟ ଓ କୃଷି କ୍ଷମତାର କାହାଣୀକୁ ବିଶ୍ୱ ମଞ୍ଚରେ ପହଞ୍ଚାଉଛି। ଶନିବାର ନୂଆଦିଲ୍ଲୀରେ ଆୟୋଜିତ ଦୁଇଦିନିଆ ବ୍ରିକ୍ସ ଇଣ୍ଡିଆ ସମିଟ୍ ୨୦୨୬ରେ କୋରାପୁଟ କଫିର ପ୍ରଦର୍ଶନକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗର୍ବ ପ୍ରକାଶ କରିଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି ଯେ, ଗତ କିଛି ଦିନ ଧରି ସେ ବିଶ୍ୱସ୍ତରୀୟ ମଞ୍ଚରେ ଓଡ଼ିଶାର ସୁଯୋଗ, ସାମର୍ଥ୍ୟ ଓ ସମ୍ଭାବନାକୁ ସାମ୍ନାକୁ ଆଣିବା ସହ ରାଜ୍ୟର କ୍ଷମତା ସମ୍ପର୍କରେ ଅବଗତ ହେବା ପାଇଁ ବିଶ୍ୱକୁ ଆମନ୍ତ୍ରଣ କରୁଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, "ଆଜି ଏହା ଦେଖି ବିଶେଷ ଖୁସି ଲାଗୁଛି ଯେ, ବ୍ରିକ୍ସ ଇଣ୍ଡିଆ ସମିଟ୍ ୨୦୨୬ରେ କୋରାପୁଟ କଫି ଓଡ଼ିଶାର କାହାଣୀର ଆଉ ଏକ ଦିଗକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରୁଛି।" ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅନ୍ତର୍ଜାତୀୟ ସମ୍ମିଳନୀରେ କୋରାପୁଟ କଫିର ଉପସ୍ଥିତି ଓ ପରିଚୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପରିକଳ୍ପିତ 'ଭୋକାଲ୍ ଫର୍ ଲୋକାଲ୍' ଭାବନାକୁ ପ୍ରତିଫଳିତ କରୁଛି। ସ୍ଥାନୀୟ ଉତ୍ପାଦଗୁଡ଼ିକୁ ବିଶ୍ୱସ୍ତରୀୟ ମଞ୍ଚ ଯୋଗାଇ ସେଗୁଡ଼ିକୁ ବ୍ୟାପକ ପରିଚୟ ପ୍ରଦାନ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଛନ୍ତି। ଓଡ଼ିଶାବାସୀଙ୍କ ପରିଶ୍ରମ ଏବଂ ରାଜ୍ୟର ମାଟିର ସମୃଦ୍ଧିକୁ ଓଡ଼ିଶାର ସୀମା ବାହାରେ ପରିଚୟ ମିଳୁଥିବା ଦେଖିବା ତାଙ୍କ ପାଇଁ ଅତ୍ୟନ୍ତ ଗର୍ବର ବିଷୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି, "ଏହା ହେଉଛି ସେହି ଓଡ଼ିଶା, ଯାହାକୁ ମୁଁ ବିଶ୍ୱ ଜାଣୁ ବୋଲି ଚାହୁଁଛି—ନିଜ ମାଟି ସହ ଜଡ଼ିତ, ନିଜ ପରିଚୟକୁ ନେଇ ଗର୍ବିତ ଏବଂ ନିଜ କାହାଣୀକୁ ବିଶ୍ୱ ସହ ବାଣ୍ଟିବା ନେଇ ଆତ୍ମବିଶ୍ୱାସରେ ଭରପୂର।" ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବ୍ରିକ୍ସ ସମ୍ମିଳନୀରେ କୋରାପୁଟ କଫିର ଅଂଶଗ୍ରହଣ ଓଡ଼ିଶାର ସ୍ଥାନୀୟ ଉତ୍ପାଦଗୁଡ଼ିକର ସମ୍ଭାବନାକୁ ଉଜାଗର କରିଛି।

## ହୃଦ୍‌ରୋଗୀଙ୍କ ପାଇଁ ...

ଅଧିକ ଲୋକଙ୍କ ନିକଟରେ ଏପରି ସେବା ପହଞ୍ଚାଇବାର ଆବଶ୍ୟକତା ବିଷୟରେ କହିଥିଲେ। ଭାରତୀୟ ପରିସ୍ଥିତି ଅନୁଯାୟୀ ପ୍ରସ୍ତୁତ ହୋଇଥିବା ଏହି ନିର୍ଦ୍ଦେଶାବଳୀକୁ ସେ ପ୍ରଶଂସା କରିଥିଲେ। ଡାକ୍ତରଖାନା ପ୍ରଶାସନ ଅନୁଯାୟୀ, ନୂତନ ନିର୍ଦ୍ଦେଶାବଳୀ ହୃଦରୋଗୀଙ୍କ ଯତ୍ନରେ ଏକରୂପତା ଆଣିବ। ଏହା ରୋଗୀମାନଙ୍କୁ ସେମାନଙ୍କର ଅସୁସ୍ଥତା ପରବର୍ତ୍ତୀ ସୁସ୍ଥତା ହାସଲ କରିବାରେ, ଏକ ସୁସ୍ଥ ଜୀବନଶୈଳୀ ଚଳାଇବାରେ ଏବଂ ଜୀବନର ଗୁଣବତ୍ତାରେ ଉନ୍ନତି ଆଣିବାରେ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି ବୋଲି ସେ କହିଛନ୍ତି। ହୃଦରୋଗରୁ ସୁସ୍ଥ ହେବା ପରେ କେବଳ ଔଷଧ ଖାଇବା ଯଥେଷ୍ଟ ନୁହେଁ। ରୋଗୀ ମଧ୍ୟ ଉପଯୁକ୍ତ ବ୍ୟାୟାମ, ଉତ୍ତମ ଖାଦ୍ୟ, ଚାପ ହ୍ରାସ ଏବଂ ଜୀବନଶୈଳୀରେ ପରିବର୍ତ୍ତନ ଆବଶ୍ୟକ କରେ । ଏହାକୁ ଧ୍ୟାନରେ ରଖି, ଏହି ନିର୍ଦ୍ଦେଶାବଳୀ ହୃଦ୍‌ରୋଗ ପୁନର୍ବାସ ପାଇଁ ପ୍ରସ୍ତୁତ କରାଯାଇଛି, ଅର୍ଥାତ୍ ହୃଦରୋଗ ପରେ ଶରୀରକୁ ପୁଣି ଶକ୍ତିଶାଳୀ କରିବାର ପ୍ରକ୍ରିୟା।

# ଲଗାଣ ବର୍ଷାରେ ବୁଡ଼ିଲା ଡାଇଭର୍ସନ୍ : ଉମରକୋଟ-ଛତିଶଗଡ଼ ଯୋଗାଯୋଗ ବିଚ୍ଛିନ୍ନ

**ଉମରକୋଟ, ନ୍ୟୁଜ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ଉମରକୋଟ-ରାଇଘରକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥର ବେହେଡା ନିକଟରେ ଚାଲିଥିବା ତେଲ ନଦୀ ପୋଲର ନିର୍ମାଣ କାର୍ଯ୍ୟ ମଧ୍ୟରେ ଲଗାଣ ବର୍ଷା ଯୋଗୁଁ ସୃଷ୍ଟି ହୋଇଛି ଗୁରୁତର ସମସ୍ୟା। ଅର୍ଦ୍ଧନିର୍ମିତ ପୋଲ ନିକଟରେ ଯାତାୟାତ ପାଇଁ ନିର୍ମାଣ କରାଯାଇଥିବା ଡାଇଭର୍ସନ୍ ବର୍ତ୍ତମାନ ବର୍ଷାଜଳରେ ସମ୍ପୂର୍ଣ୍ଣ ବୁଡ଼ିଯାଇଛି। ଡାଇଭର୍ସନ୍ ଉପରେ ପ୍ରାୟ ୫ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଥିବାରୁ ଯାତାୟାତ ଠପ୍ ହୋଇପଡ଼ିଛି। ଫଳରେ ଡାଇଭର୍ସନ୍‌ର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଛି। ଉମରକୋଟରୁ ଛତିଶଗଡ଼ ଅଭିମୁଖେ ଯାତାୟାତ ଓ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଥିବାରୁ ଯାତ୍ରୀ ଓ ଗାଡ଼ି ଚାଳକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଜାରି ରହିଥିବାରୁ ପରିସ୍ଥିତି ଆହୁରି ଗୁରୁତର ହେବା ଆଶଙ୍କା ରହିଛି। ଯାତାୟାତ ସ୍ୱାଭାବିକ କରିବା ପାଇଁ ପ୍ରଶାସନ ପକ୍ଷରୁ ଶୀଘ୍ର ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।



# ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳରେ ସାଂସ୍କୃତିକ ପ୍ରତିଯୋଗିତା-୨୦୨୬




**ଖୋର୍ଦ୍ଧାରୋଡ, ନ୍ୟୁଜ ବ୍ୟୁରୋ**

ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ପକ୍ଷରୁ 'ବିଭାଗୀୟ ସାଂସ୍କୃତିକ ପ୍ରତିଯୋଗିତା-୨୦୨୬' ସେପ୍ଟେମ୍ବର ୧୦ ଓ ୧୧ ତାରିଖରେ ଖୋର୍ଦ୍ଧା ରୋଡ ସ୍ଥିତ ରେଳବାଇ କଲ୍ୟାଣ ମଣ୍ଡପରେ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି ଦୁଇ ଦିନିଆ ସାଂସ୍କୃତିକ ଉତ୍ସବରେ ରେଳ କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗ ଉତ୍ସାହର ସହ ଅଂଶଗ୍ରହଣ କରି ନିଜର କଳାତ୍ମକ ପ୍ରତିଭା ଓ ସୃଜନଶୀଳତା ପ୍ରଦର୍ଶନ କରିଥିଲେ।

ସେପ୍ଟେମ୍ବର ୧୦ ତାରିଖରେ ଖୋର୍ଦ୍ଧା ରୋଡ ମଣ୍ଡଳର ମଣ୍ଡଳ କାର୍ମିକ ଅଧିକାରୀ ତଥା ମଣ୍ଡଳ ସାଂସ୍କୃତିକ ସଂଘର କାର୍ଯ୍ୟନିର୍ବାହୀ ସମ୍ପାଦକ ଅମରେନ୍ଦ୍ରନାଥ ମିଶ୍ର ଏବଂ ବରିଷ୍ଠ ମଣ୍ଡଳ ବିତ୍ତ ପ୍ରବନ୍ଧକ ଶୌମିକ ଘୋଷଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମର ଉଦ୍‌ଘାଟନ କରାଯାଇଥିଲା। ପ୍ରତିଯୋଗିତାରେ ଶାସ୍ତ୍ରୀୟ ସଙ୍ଗୀତ (ଏକକ), ସୁଗମ ସଙ୍ଗୀତ (ଏକକ), ଶାସ୍ତ୍ରୀୟ ବାଦ୍ୟ (ଏକକ), ସୁଗମ ବାଦ୍ୟ (ଏକକ), ଶାସ୍ତ୍ରୀୟ ନୃତ୍ୟ (ଏକକ), ସମୂହ ନୃତ୍ୟ ଓ ନାଟକ ଭଳି ବିଭିନ୍ନ ବିଭାଗରେ ବହୁ ସଂଖ୍ୟକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶାସ୍ତ୍ରୀୟ ସଙ୍ଗୀତରେ ୬ ଜଣ, ସୁଗମ ସଙ୍ଗୀତରେ ୨୫ ଜଣ, ଶାସ୍ତ୍ରୀୟ ବାଦ୍ୟରେ ୬ ଜଣ, ସୁଗମ ବାଦ୍ୟରେ ୫ ଜଣ, ଶାସ୍ତ୍ରୀୟ ନୃତ୍ୟରେ ୯ ଜଣ, ସମୂହ ନୃତ୍ୟରେ ୩ଟି ଦଳ ଏବଂ ନାଟକରେ ୨ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀମାନେ ଉତ୍ସାହର ସହ ମନୋମୁଗ୍ଧକର କଳା ପ୍ରଦର୍ଶନ କରି ରେଳ ପରିବାରର ସମୃଦ୍ଧ ସାଂସ୍କୃତିକ ପ୍ରତିଭାର ପରିଚୟ ଦେଇଥିଲେ। ବିଶେଷକରି ରେଳ କର୍ମଚାରୀଙ୍କ ପରିବାରବର୍ଗଙ୍କ ପାଇଁ ନିଜର କଳାତ୍ମକ ପ୍ରତିଭା ବିକଶିତ ଓ ପ୍ରଦର୍ଶିତ କରିବାର ଏକ ଉତ୍ତମ ମଞ୍ଚ ଭାବେ ଏହି ପ୍ରତିଯୋଗିତା ପ୍ରେରଣାଦାୟୀ ସୁଯୋଗ ପ୍ରଦାନ କରିଥିଲା। ଖୋର୍ଦ୍ଧା ରୋଡ ମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପି. କେ. ବେହେରା ଅନ୍ୟାନ୍ୟ ଶାଖା ଅଧିକାରୀଙ୍କ ସହ ନାଟକ ପ୍ରତିଯୋଗିତା ଉପଭୋଗ କରିବା ସହ ଅଂଶଗ୍ରହଣକାରୀ ଦଳଗୁଡ଼ିକର ଉତ୍କୃଷ୍ଟ ଅଭିନୟକୁ ଉଚ୍ଚ ପ୍ରଶଂସା କରିଥିଲେ। ତାଙ୍କର ଉପସ୍ଥିତି ଓ ଉତ୍ସାହବର୍ଦ୍ଧକ ବାକ୍ୟ ପ୍ରତିଯୋଗୀମାନଙ୍କ ମନୋବଳ ବୃଦ୍ଧି କରିଥିଲା।

ପୁରସ୍କାର ବିତରଣ ଉତ୍ସବରେ ବରିଷ୍ଠ ମଣ୍ଡଳ ବିତ୍ତ ପ୍ରବନ୍ଧକ ଶୌମିକ ଘୋଷ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିବା ସହ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଥିଲେ।

ପ୍ରତ୍ୟେକ ବିଭାଗର ପ୍ରଥମ ପୁରସ୍କାର ବିଜେତାମାନେ ଚଳିତ ମାସ ଶେଷରେ ମଞ୍ଚେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା 'ଆନ୍ତଃ-ମଣ୍ଡଳୀୟ ସାଂସ୍କୃତିକ ପ୍ରତିଯୋଗିତା-୨୦୨୬'ରେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ପ୍ରତିନିଧିତ୍ୱ କରିବେ। ମନୋନୀତ ପ୍ରତିଯୋଗୀମାନେ ଅନ୍ତଃ-ମଣ୍ଡଳୀୟ ସ୍ତରରେ ନିଜର ପ୍ରତିଭା ପ୍ରଦର୍ଶନ କରି ଖୋର୍ଦ୍ଧା ରୋଡ୍ ମଣ୍ଡଳ ପାଇଁ ଗୌରବ ଆଣିବାର ସୁଯୋଗ ପାଇବେ। ମଣ୍ଡଳ କାର୍ମିକ ଅଧିକାରୀ ଅମରେନ୍ଦ୍ରନାଥ ମିଶ୍ରଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ମଣ୍ଡଳ ସାଂସ୍କୃତିକ ସଂଘର ସଦସ୍ୟମାନଙ୍କ ସକ୍ରିୟ ସହଯୋଗ ଓ ନିଷ୍ଠାପର ଉଦ୍ୟମ ଯୋଗୁଁ ଏହି ପ୍ରତିଯୋଗିତାର ସଫଳ ଆୟୋଜନ ସମ୍ଭବ ହୋଇପାରିଛି। ଆୟୋଜକ, ଅଧିକାରୀ, କର୍ମଚାରୀ ଓ ପ୍ରତିଯୋଗୀମାନଙ୍କ ମିଳିତ ଉଦ୍ୟମ ଏହି ଦୁଇ ଦିନିଆ ସାଂସ୍କୃତିକ ଉତ୍ସବକୁ ସଫଳ କରିବା ସହ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଦଳଗତ ଭାବନା, ସାଂସ୍କୃତିକ ସମୃଦ୍ଧି ଓ କର୍ମଚାରୀଙ୍କ ସହଭାଗିତାକୁ ଆହୁରି ସୁଦୃଢ଼ କରିଛି।

# ଭାଷା ହେଉଛି ଆମ ଐତିହ୍ୟ, ପରମ୍ପରା ଓ ପରିଚୟର ଜୀବନ୍ତ ପ୍ରତିଛବି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାଷା ହେଉଛି ଆମ ଐତିହ୍ୟ, ପରମ୍ପରା ଓ ପରିଚୟର ଜୀବନ୍ତ ପ୍ରତିଛବି।ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ର ଅବହେଳା ଚାଲିଥିବା ହେତୁ ତାହା ଅମପ୍ରତି ବିପଦ ସୃଷ୍ଟି କରୁଛି ବୋଲି ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ଉଦବେଗ ପ୍ରକାଶ ପାଇଛି। ଶନିବାର ଭୁବନେଶ୍ୱରରଗୀତ ଗୋବିନ୍ଦ ସଦନରେ 'ମା ଓ ମାତୃଭାଷା' ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି ।ଏହି ପରିପେକ୍ଷୀରେ ବିଶ୍ୱ ଓଡ଼ିଆ ପରିବାର ଅଧକ୍ଷ ସଜ୍ଜନ ଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ର ରେ ବକ୍ତା ମାନେ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସଙ୍କଳ୍ପ ନେଇ ଥିଲେ ।

ଆଲୋଚନା ଚକ୍ରରେ ବକ୍ତା ଗଁ କହିଛନ୍ତି ଯେ,ଭାଷା ସେତେବେଳେ ବଂଚି ରହେ, ଯେତେବେଳେ ଏହା କେବଳ ପୁସ୍ତକରେ ନୁହେଁ, ଆମ ଘରେ, ଆମ କଥାରେ, ଆମ ସୃଜନଶୀଳତାରେ ଓ ଆମ ଆଗାମୀ ପିଢ଼ିର ଜୀବନରେ ବଂଚି ରହେ। ସବୁଠାରୁ ବଡ଼ କଥା, ନିଜ ଭାଷା କହିବାରେ ଗର୍ବ ଅନୁଭବ କରିବା।ଭାଷାକୁ କେବଳ ଅତୀତର ଐତିହ୍ୟ ଭାବେ ନୁହେଁ, ଭବିଷ୍ୟତର ଜ୍ଞାନ ଓ ରୋଜଗାରର ମାଧ୍ୟମ ଭାବେ ବିକଶିତ କରିବା। ମନେ ରଖିବା ଦରକାର—ଭାଷାକୁ ସରକାର ଏକାକୀ ସୁରକ୍ଷା କରିପାରିବ ନାହିଁ। ପରିବାର, ଶିକ୍ଷକ, ଛାତ୍ର, ସାହିତ୍ୟିକ, କଳାକାର, ଗଣମାଧ୍ୟମ ଓ ସମାଜର ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ସ୍ତରରେ ଭାଷାକୁ ବ୍ୟବହାର କଲେ ହିଁ ଭାଷା ଜୀବନ୍ତ ଓ ସମୃଦ୍ଧ ରହିପାରିବ।

ଆମର ପ୍ରିୟ ଓଡ଼ିଆ ଭାଷା, ଜାଣତ ବା ଅଜାଣତରେ ବିକୃତ ଓ ପତନ ଆଡକୁ ଅଗ୍ରସର ହେଉଛି। ଘରେ ଓଡ଼ିଆର ବ୍ୟବହାର ହ୍ରାସ ପାଉଛି । ସମସ୍ତ ସୂଚନା (ନିମନ୍ତ୍ରଣ ଓ ବିଜ୍ଞାପନରେ) ବିଦେଶୀ ଭାଷାର ଆଧିପତ୍ୟ ବଢ଼ି ବଢ଼ି ଚାଲିଛି । ଯାହା ପରାଧୀନତା ବେଳେ ସମ୍ଭବ ହୋଇ ନଥିଲା ତାହା ଏବେ ସମ୍ଭବ ହୋଇପାରୁଛି। ସହରୀ ଜୀବନ ଆମଠାରୁଁ ଭାଷା, ସଂସ୍କୃତି ଓ ପରମ୍ପରା ଛଡାଇ ନେଇଛି।ଏହି ଅବସରରେ ଆମର ପୂର୍ବପୁରୁଷମାନଙ୍କ ସଂଘର୍ଷ ଓ ବଳିଦାନକୁ ସ୍ମରଣ କରିବାକୁ ନିବେଦନ କରାଯିବା ସହିତ ଗହ୍ମା ପୁନେଇଁ ଦିନ ରକ୍ଷାସୂତ୍ର ବାନ୍ଧିବା ସଂକଳ୍ପ ନେବା ପାଇଁ ସ୍ଥିର କରାଯାଇଛି। ଏହା ସହିତ ଏଣିକି ଓଡ଼ିଆରେ ସ୍ୱାକ୍ଷର କରିବା, ସମସ୍ତ ସୂଚନା (ନିମନ୍ତ୍ରଣ ଓ ବିଜ୍ଞାପନ ଓଡ଼ିଆରେ ) ପ୍ରଦାନ କରିବା ଏବଂ ଆମ ଭାଷା ଓ ସଂସ୍କୃତି ସୁରକ୍ଷା, ଆମ ପବିତ୍ର କର୍ତ୍ତବ୍ୟ ବୋଲି ଶପଥ ନେବାକୁ ବିଶ୍ୱ ଓଡ଼ିଆ ପରିବାରର ଅଧକ୍ଷ ସଜ୍ଜନ ଶର୍ମା ଆହ୍ୱାନ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ରାଜ୍ୟର ଅନେକ ବିଶିଷ୍ଟ ସାହିତ୍ୟିକ, ଭାଷାବିତ୍, ବୁଦ୍ଧିଜୀବୀ ଓ ଶିକ୍ଷାବିତମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଓଡ଼ିଆ ମାତୃଭାଷାର ସୁରକ୍ଷା, ପ୍ରସାର ଏବଂ ନବପିଢ଼ି ମଧ୍ୟରେ ଏହାର ଆଦୃତି ବୃଦ୍ଧି କରିବା। ମୁଖ୍ୟ ବକ୍ତା ତଥା ବହୁଭାଷୀ କବି ସଞ୍ଜୟ ରଥ ନିଜ ବକ୍ତବ୍ୟରେ ଦର୍ଶାଇଥିଲେ ଯେ, ଜନ୍ମଦାତ୍ରୀ ମାଆ ଏବଂ ମାତୃଭାଷାର ସ୍ଥାନ ଜୀବନରେ ସର୍ବୋପରି ଅଟେ । ପିଲାମାନଙ୍କର ପ୍ରାଥମିକ ଶିକ୍ଷା ଓ ଚିନ୍ତାଧାରାର ବିକାଶ କେବଳ ମାତୃଭାଷା ମାଧ୍ୟମରେ ହିଁ ସଠିକ୍ ଭାବେ ହୋଇପାରିବ ବୋଲି ମୁଖ୍ୟ ଅତିଥି ବରିଷ୍ଠ ସାମ୍ବାଦିକ ଓ ସ୍ତମ୍ଭକାର ଶ୍ରୀରାମ ଦାଶ ମତବ୍ୟକ୍ତ କରିଥିଲେ । ଆଧୁନିକ ସମାଜରେ ଇଂରାଜୀ ଭାଷାର ପ୍ରଭାବ ସତ୍ତ୍ୱେ ନିଜ ଓଡ଼ିଆ ଭାଷାର ଗାରିମାକୁ ବଜାୟ ରଖିବା ପାଇଁ ଏହି ସଭାରେ ଆହ୍ୱାନ ଦିଆଯାଇଥିଲା । ଆଲୋଚନାଚକ୍ରରେ ବିଶିଷ୍ଟ କଣ୍ଠଶିଳ୍ପୀ ସୁସ୍ମିତା ଦାଶ, ଡକ୍ଟର କିଶୋରେ ମହାନ୍ତି, ସୁଧୀର ଦାସ ସୁରେଶ ଚନ୍ଦ୍ର ସାମନ୍ତରାୟ , ସ୍ତମ୍ଭକାର ଜୟଶ୍ରୀ ମହାପାତ୍ର , ଶ୍ରୀମତୀ ମଞ୍ଜୁଶ୍ରୀ ବରାଳ, ଆଶୁ କବି ହେମନ୍ତ ଜେନାଙ୍କୁ, ବାବାଜୀ ମହାନ୍ତ , ବିଶ୍ୱଂ ପ୍ରସାଦ ଆଚାର୍ଯ୍ୟ ଙ୍କୁ ସମ୍ମାନନୀତ କରାଯାଇଥିଲା। ସଂଗୀତା ଦାସ, ଶକୁନ୍ତଳା ମହାରଣା, ଦ୍ରୋପଦୀ ପଟେଲ, ସୁପ୍ରିୟା ଶତପଥି, ବିଜୟଲକ୍ଷ୍ମୀ ପ୍ରହରାଜ , ମଞ୍ଜୁଶ୍ରୀ ବରାଳ, କୃଷ୍ଣ ଚନ୍ଦ୍ର ମିଶ୍ର, ଡ଼କ୍ଟର ବଂଶୀଧର ଦାସ, ନିରଞ୍ଜନ ମିଶ୍ର, ଅଞ୍ଜନ ଦେବତା ନିଜନିଜର ମତ ରଖିଥିଲେ ।

# ଜଟଣୀରେ ଗଣେଶ ମୂର୍ତ୍ତିରେ ଶେଷ ସ୍ପର୍ଶ : ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

**ଜଟଣୀ, ନ୍ୟୁଜ ବ୍ୟୁରୋ**

ଜଟଣୀରେ ପ୍ରସିଦ୍ଧ ଗଣେଶପୂଜା ମହୋତ୍ସବ ପାର୍ବଣ ପ୍ରସ୍ତୁତିର ପ୍ରଥମ ପର୍ବ ମୂର୍ତ୍ତି ଗଢ଼ାରୁ ଆରମ୍ଭ ହୋଇଥାଏ। ଅଗ୍ରପୂଜ୍ୟ ଗଣପତିଙ୍କ ପୂଜାକୁ ନେଇ ଜଟଣୀ ଓ ତାର ଆଖପାଖ ଅଞ୍ଚଳ ବେଶ ଚଳଚଞ୍ଚଳ ହୋଇପଡ଼ିଛି। ଆସନ୍ତା ୧୪ତାରିଖ ସୋମବାର ପୂଜା ଥିବା ବେଳେ ଏବେ ମଝିରେ ମାତ୍ର ଗୋଟିଏ ଦିନ ବାକି ରହିଛି। ତେବେ ପୂଜାକୁ ନେଇ ସମସ୍ତ ପୂଜା ପେଣ୍ଡାଲର ଯୁବବର୍ଗ ଓ ସଭାପତି ସମ୍ପାଦକ ଏବେ ଠାରୁ ଉତ୍ସବର ମାହୋଲ ଦେଖିବାକୁ ମିଳିଛି। ବିଭିନ୍ନ ସ୍ଥାନରେ ମଣ୍ଡପ ନିର୍ମାଣ ଓ ସାଜସଜ୍ଜା କାମ ବେଶ ଧୂମଧାମରେ ଆଗେଇ ଚାଲିଛି। ବିଶେଷକରି ପ୍ରାୟ ସମସ୍ତ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ, କୋଚିଙ୍ଗ ସେଣ୍ଟର, କ୍ଲବ ତଥା ବହୁ ବ୍ୟବସାୟୀ ପ୍ରତିଷ୍ଠାନମାନଙ୍କରେ ପୂଜା



ପାଳନ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମଣ୍ଡପକୁ ଆକର୍ଷଣ କରିବା ପାଇଁ କଳା, ସଂସ୍କୃତି, ପରମ୍ପରା ଉପରେ ଆଧାରିତ ଅନେକ କାର୍ଯ୍ୟକ୍ରମ ପେଣ୍ଡାଲର କର୍ମକର୍ତ୍ତା ଅଣ୍ଟା ଭିଡ଼ିଛନ୍ତି। ଜଟଣୀର ପୁରାତନ ପୂଜା ପେଣ୍ଡାଲ ରେଲୱେ ଗୋଲେଇ ମାର୍କେଟ, ମାଛ ଓ ପରିବା ମାର୍କେଟ,ରାଜାବଜାର, ବଡ଼ବଜାର, କୁଦିଆରୀ ବଜାର, ନୀଳଚକ୍ର ମାର୍କେଟ, ଥାନା ଛକ, ମହୁଲଗୁଡ଼ିଆ ଛକ, ସୀତାରାମ ଛକ, ହରିଭାଇନା ଛକ, ଗୋପବନ୍ଧୁ ବଜାର ଛକ, ହସ୍ପିଟାଲ ଛକ, ଖୁଦୁପୁର ଛକ, ବ୍ଲକ ଛକ, ହାଟବଜାର ଛକ, ଗୋପିନାଥପୁର ଗ୍ରାମ୍ୟ ଛକ, ରେଡଙ୍ଗକଲୋନୀ, ଲୋକୋ କଲୋନୀ, ଜଗନ୍ନାଥ ବଜାର ଛକସ୍ଥାନଗୁଡ଼ିକରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏବେ ଜଟଣୀ ବଜାରରେ ବିଦ୍ୟୁତ ଆଲୋକମାଳାରେ ସଜେଇ ହେଉଛି। ବିଭିନ୍ନ ବଜାରରେ ୪୦ରୁ ୫୦ଫୁଟ ଉଚ୍ଚର ତୋରଣ ସହିତ ବଡ଼ବଡ଼ ମୂର୍ତ୍ତି ଦେଖିବାକୁ ମିଳୁଛି। ଗଣେଶ ପୂଜା ଉତ୍ସବ ନିମନ୍ତେ ବନ୍ଧୁବାନ୍ଧବ, ପ୍ରୀୟଜନମାନଙ୍କ ସୁଅ ଛୁଟୁଛି। ଜଟଣୀ ସହର ବେଶ୍ ଉତ୍ସବ ମୁଖର ହୋଇପଡ଼ିଛି। ତତ୍ ସହିତ ଶରତ ପାଇକରାୟ ଷ୍ଟାଡ଼ିୟମ ପରିସରରେ, କଳିଙ୍ଗ ଯୁବ ପରିଷଦ ପକ୍ଷରୁ ଗଣନାଟ୍ୟ, ମୀନବଜାର, ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିବା କର୍ମକର୍ତ୍ତା ଜଣାଇଛନ୍ତି। ଏଥିସହିତ କମିଶନରେଟ୍ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶାନ୍ତିଶୃଙ୍ଖଳାରେ ପୂଜା କରିବା ପାଇଁ ସମସ୍ତ ସହମତି ଲୋଡ଼ିଛନ୍ତି। ବିଘ୍ନ ନାଶକ ସବୁ ବିଘ୍ନ ଦୂର କରିଦେବେ ବୋଲି ଆଶା ରଖିଛନ୍ତି ଭକ୍ତମାନେ। ଜଟଣୀର ପୂଜା ମଣ୍ଡପରେ ପ୍ରଭୁ ଶ୍ରୀ ଗଣେଶ, ମା ଲକ୍ଷ୍ମୀ ଓ ଦେବୀ ସରସ୍ୱତୀ ପୁରୁଣା ମଣ୍ଡପରେ ରୀତିନୀତି ଅନୁସାରେ ପୂଜା ପାଇବେ। ପୂର୍ବବର୍ଷ ପରି ଚଳିତବର୍ଷ ଆଉଏତେ ଜୋର ସୋରରେ ଡ଼ିଜେ ବାଜିପାରିବାର ସମ୍ଭାବନା ନଥିବାରୁ ସେମାନେ ଭଷାଣୀ ଶୋଭାଯାତ୍ରାରେ ପାରମ୍ପରିକ ନୃତ୍ୟଦଳ, ବିଦ୍ୟୁତ୍ ଶୋଭାଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ, ବାଦ୍ୟବିଚିତ୍ରା କରିବାର ଲକ୍ଷ୍ୟ ରଖିଛନ୍ତି।

ଭୁବନେଶ୍ୱର, ୧୩ ସେପ୍ଟେମ୍ବର, ରବିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଦୁର୍ଗାପୂଜା ପୂର୍ବରୁ କଟକ ଚଣ୍ଡୀ ମନ୍ଦିରର ନିର୍ମାଣ କାମ ସରିବା ନେଇ ଅନିଶ୍ଚିତତା ଜାରି



**କଟକ, ୧୨/୦୯ ନ୍ୟୁଜ ବ୍ୟୁରୋ**

ଷୋଳ ପୂଜା ପୂର୍ବରୁ ଚଣ୍ଡୀ ମନ୍ଦିର କାମ ସରିବା ନେଇ ଅନିଶ୍ଚିତତା ଜାରି ରହିଛି । ଏନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ପୂଜକ ଓ ଶ୍ରଦ୍ଧାଳୁ । ପାଖେଇ ଆସୁଛି ଶାରଦୀୟ ଦୁର୍ଗା ପୂଜା। କଟକ ଚଣ୍ଡୀ ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ ହେବା ନେଇ ଦିନ ଗଡ଼ି ଚାଲିଛି। କୋଟି କୋଟି ଟଙ୍କାର ମନ୍ଦିର ନିର୍ମାଣ ହେଲା। ହେଲେ ଏବେବି ମନ୍ଦିରରୁ ପାଣି ଝରୁଛି। ଚଣ୍ଡୀ ପୂଜା ସମୟରେ ଯଜ୍ଞ ପୂଜା ହେବା ବିଧି ରହିଛି। ହେଲେ ଯଜ୍ଞ ବେଦି କାର୍ଯ୍ୟ ସରିପାରିନି। ମନ୍ଦିର ପାର୍ଶ୍ୱ ଦେବାଦେବୀ ଏପର୍ଯ୍ୟନ୍ତ ମନ୍ଦିରରେ ସ୍ଥାପନ ହୋଇନାହାନ୍ତି। ମନ୍ଦିରର ଆର୍ଥିଂ କାମ ସହ ଦଧିନଉତି କାମ ସରିଛି। ହେଲେ ମନ୍ଦିର ଅଗ୍ର ଭାଗରେ ଏପର୍ଯ୍ୟନ୍ତ ପତାକା ଲାଗିପରିନାହିଁ। ଚଣ୍ଡୀ ମନ୍ଦିର ନିର୍ମାଣ କାର୍ଯ୍ୟ ଓବିସିସି କେବେ ସାରି ହସ୍ତାନ୍ତର କରିବ ତାକୁ ନେଇ ଅନିଶ୍ଚିତତା ଲାଗିରହିଛି। ବର୍ଷେ କି ଦୁଇବର୍ଷ ନୁହେଁ ଚଣ୍ଡୀ ମନ୍ଦିର ନିର୍ମାଣ କାର୍ଯ୍ୟ ତିନି ବର୍ଷ ହେଲା ଚାଲିଛି। ଏହାରି ଭିତରେ ସ୍ଥାନୀୟ ସାଂସଦ, ବିଧାୟିକ ଥରକୁ ଥର ମନ୍ଦିର ପରିଦର୍ଶନରେ ଆସି ନିର୍ମାଣ କାର୍ଯ୍ୟ ସମୀକ୍ଷା କରୁଛନ୍ତି। ବହୁବାର କାମ ସରିବା ନେଇ ତାରିଖ ଘୋଷଣା କରାଯାଇଛି। ହେଲେ ପଦ୍ମ ଘୁଞ୍ଚିଲା ପରି ଚଣ୍ଡୀ ମନ୍ଦିର ନିର୍ମାଣ କାର୍ଯ୍ୟ ଘୁଞ୍ଚି ଘୁଞ୍ଚି ଚାଲିଛି। ସେପଟେ ଅକ୍ଟୋବର ପ୍ରଥମ ସପ୍ତାହ ଭିତରେ କାମ ସାରି ହସ୍ତାନ୍ତର କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଶୋଳ ପୂଜା ପୂର୍ବରୁ କଟକ ଚଣ୍ଡୀଙ୍କ ମନ୍ଦିର କାର୍ଯ୍ୟ ସମ୍ପାଦନ ହୋଇ ପାରୁଛି ନା ଏଥର ବି ଗତବର୍ଷ ଭଳି ସମାନ ଅବସ୍ଥା ହେବ ତାକୁ ନେଇ ଦ୍ୱନ୍ଦ୍ୱ ଲାଗିରହିଛି।

# ଗୁଜୁରାଟରୁ ନନ୍ଦନକାନନକୁ ଆସିଲେ ନୂଆ ଅତିଥି : ୧୪ ପ୍ରଜାତିର ୫୮ ବିଦେଶୀ ପ୍ରାଣୀ

**ଭୁବନେଶ୍ୱର, ୧୨/୦୯ ନ୍ୟୁଜ ବ୍ୟୁରୋ**

ନନ୍ଦନକାନନରେ ଯୋଡ଼ି ହୋଇଛନ୍ତି ନୂଆ ବିଦେଶୀ ଅତିଥି । ଗୁଜୁରାଟର ରାଧା କୃଷ୍ଣ ଟେମ୍ପଲ ଏଲିଫାଣ୍ଟ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ନନ୍ଦନକାନନକୁ ୧୪ ପ୍ରଜାତିର ୫୮ଟି ବିଦେଶୀ ପ୍ରାଣୀ ଆସିଛନ୍ତି । ଶନିବାର ଏହି ପ୍ରାଣୀ ଗୁଡ଼ିକ ନନ୍ଦନକାନନରେ ପହଞ୍ଚିଛନ୍ତି। ନୂଆ ଅତିଥିଙ୍କ ମଧ୍ୟରେ ରହିଛନ୍ତି ଆଫ୍ରିକୀୟ ଜେବ୍ରା (୨ ପୁରୁଷ, ୨ ମହିଳା), କଙ୍ଗାରୁ ( ୨ ପୁରୁଷ, ୨ ମହିଳା), ବେନେଟ ୱାଲାବି (୩ ଯୋଡି), ରିଙ୍ଗ ଟେଲଂଡ ଲେମୁର (୨ ଯୋଡି ), ଟଫଡ କାପୁଚିନ (୨ ଯୋଡି), ସ୍କାର୍ଲେଟ୍ ମକାଓ (୨ ଯୋଡି), ବ୍ଲୁ ଆଣ୍ଡ ଗୋଲ୍ଡ ମକାଓ (୨ ଯୋଡି), ଗ୍ରୀନଓ୍ୱିଙ୍ଗ୍ଡ ମକାଓ (୨ ଯୋଡି), ସଲଫର-କ୍ରେଷ୍ଟେଡ୍ କକାଟୁ (୨ ଯୋଡି), କ୍ରାଉନ୍ଡ କ୍ରେନ୍ (୨ ଯୋଡି), ସ୍କାର୍ଲେଟ୍ ଆଇବିସ୍ (୨ ଯୋଡି), ମିରକାଟ୍ (୩ ଯୋଡି), କାସୋୱାରୀ ଗୋଟିଏ ଯୋଡି ଓ ବ୍ଲୁ ୱାଇଲ୍ଡବିଷ୍ଟ (୨ ଯୋଡି) ରହିଛନ୍ତି । ଏହି ନୂଆ ଅତିଥିଙ୍କ ମଧ୍ୟରୁ ୧୦ଟି



ପ୍ରଜାତିର ପ୍ରାଣୀ ହେଉଛନ୍ତି ନନ୍ଦନକାନନ ପାଇଁ ସମ୍ପୂର୍ଣ୍ଣ ଭାବରେ ନୂଆ । ଏହା ସହିତ ଗୋଟିଏ ପ୍ରଜାତିର ପେୟାରିଂ ଏବଂ ୩ଟି ପ୍ରଜାତିରେ ନୂଆ ବ୍ଲଡ୍‌ଲାଇନ୍ ଯୋଡ଼ାଯାଇଛି । ଯାହା ଫଳରେ କି ନନ୍ଦନକାନନରେ ଏବେ ମୋଟ ୧୮୮ ପ୍ରଜାତିର ପ୍ରାଣୀ ରହିଛନ୍ତି । ବିଶେଷ କରି ବର୍ତ୍ତମାନ ସମସ୍ତ ନୂଆ ପ୍ରାଣୀମାନଙ୍କୁ କ୍ୱାରେଣ୍ଟାଇନ୍‌ରେ ରଖାଯାଇଛି। ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରହିଛି । ନୂଆ ପ୍ରାଣୀମାନଙ୍କ ଯତ୍ନ ପାଇଁ ନନ୍ଦନକାନନରେ ରହିଥିବା ଭେଟନାରୀ, ଆନିମଲ୍ କେୟାରର ଗୁରୁତ୍ୱ ଅଧିକ ରହିଛି । ସେମାନେ ବିଦେଶୀ ପ୍ରାଣୀଙ୍କ ଉପରେ ନଜର ରଖିଛନ୍ତି ବୋଲି କହିଛନ୍ତି ଉପ ନିର୍ଦ୍ଦେଶକ ପ୍ରଦୀପ ମୀରାସେ । ନିକଟରେ ବାଲେଶ୍ୱରରୁ ଉଦ୍ଧାର ୫ ଓରାଙ୍ଗଉଟାନକୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ରଖାଯାଇଛି । ଉଦ୍ଧାର ହୋଇ ଆସିଥିବା ଓରାଙ୍ଗଉଟାନ ଚାପରେ ଥିବାରୁ ମନ ପରିବର୍ତ୍ତନ କରିବା ପାଇଁ ଓ ମା'ର ଅନୁପସ୍ଥିତିକୁ ଦୂରେଇବା ପାଇଁ ସେମାନଙ୍କୁ ମ୍ୟୁଜିକ ଥେରାପୀ ଦିଆଯାଉଛି। ବିଦେଶାଗତ ହୋଇଥିବାରୁ ଏବେ ସେମାନଙ୍କୁ ଶୀତତାପ ନିୟନ୍ତ୍ରଣ କକ୍ଷରେ ରଖାଯାଇଛି । ଉଦ୍ଧାର ଓରାଙ୍ଗଉଟାନ ସର୍ବସାଧାରଣଙ୍କ ପାଇଁ ପ୍ରଦର୍ଶିତ ହେବେ କି ନାହିଁ ସେନେଇ ସେଣ୍ଟ୍ରାଲ ଜୁ ଅଥରିଟିକୁ ଚିଠି ଲେଖାଯାଇଛି । ଯଦି ଏନେଇ ଅନୁମତି ମିଳେ ତେବେ ଏତେ ସଂଖ୍ୟକ ନୂଆ ପ୍ରାଣୀଙ୍କୁ ଦେଖିବା ପାଇଁ ନନ୍ଦନକାନନରେ ପର୍ଯ୍ୟଟକଙ୍କ ଗହଳି ବଢ଼ିବା ନେଇ ଆଶା କରାଯାଉଛି ।

# 'ଥାଲାସେମିଆ' ଏକ ନିର୍ଦ୍ଦିଷ୍ଟ ଦିବ୍ୟାଙ୍ଗତା ଶ୍ରେଣୀଭୁକ୍ତ : ହାଇକୋର୍ଟ

**କଟକ, ୧୨/୦୯ ନ୍ୟୁଜ ବ୍ୟୁରୋ**

'ଥାଲାସେମିଆ'ରେ ଆକ୍ରାନ୍ତରେ ବ୍ୟକ୍ତି ଦିବ୍ୟାଙ୍ଗ ଶ୍ରେଣୀଭୁକ୍ତ ନୁହେଁ ବୋଲି ଦର୍ଶାଇ ନିଟ୍ ପରୀକ୍ଷାରେ ସଫଳ ହୋଇଥିବା ଜଣେ ଦିବ୍ୟାଙ୍ଗ ଛାତ୍ରୀଙ୍କୁ ଆବଶ୍ୟକ ପ୍ରମାଣପତ୍ର ପ୍ରଦାନ କରାନଯିବା ପ୍ରସଂଗକୁ ନେଇ ଦାୟର ମାମଲାର ଶୁଣାଣି କରି ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ଶୁଣାଣି ବେଳେ 'ଥାଲାସେମିଆ' ଏକ ଅକ୍ଷମତା ବା ନୁହେଁ ସେ ନେଇ ପ୍ରଶ୍ନ ଉଠିଥିଲା। ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଅଧିକାର ଅଧିନିୟମ (ଆରପିଡବ୍ଲୁଡି ଆକ୍ଟ), ୨୦୧୬ ଓ ୨୦୧୯, ମେ ୧୩ର ବିଜ୍ଞପ୍ତି ଅନୁସାରେ 'ଥାଲାସେମିଆ' ଏକ ନିର୍ଦ୍ଦିଷ୍ଟ ଦିବ୍ୟାଙ୍ଗତା ଶ୍ରେଣୀଭୁକ୍ତ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏଥି ସହିତ ଆବେଦନକାରୀ ଛାତ୍ରୀଙ୍କ ପ୍ରସଂଗରେ ମେଡିକାଲ ଆସେସମେଣ୍ଟ ବୋର୍ଡ ଦେଇଥିବା ରିପୋର୍ଟକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାସଙ୍କୁ ନେଇ



ଗଠିତ ଖଣ୍ଡପୀଠ ଥାଲାସେମିଆ ଆକ୍ରାନ୍ତ ପ୍ରାର୍ଥୀଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଅଧିକାର ଅଧିନିୟମ, ୨୦୧୬'ର ଅନୁସୂଚୀ ଅନୁଯାୟୀ 'ଥାଲାସେମିଆ' ଏକ ''ରକ୍ତସମ୍ବନ୍ଧୀୟ ବିକୃତି'' ଓ ଏହା ନିର୍ଦ୍ଦିଷ୍ଟ ଦିବ୍ୟାଙ୍ଗତା ଶ୍ରେଣୀଭୁକ୍ତ ବୋଲି ହାଇକୋର୍ଟ କହିବା ସହିତ ପୂର୍ବରୁ ଦିଆଯାଇଥିବା ମେଡିକାଲ ଆସେସମେଣ୍ଟ ରିପୋର୍ଟକୁ ରଦ୍ଦ କରିଛନ୍ତି। ଏଥି ସହିତ ମେଡିକାଲ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକକୁ ତୁରନ୍ତ ଏକ ନୂତନ ମେଡିକାଲ ଆସେସମେଣ୍ଟ ବୋର୍ଡ ଗଠନ କରି ଆବେଦନକାରୀଙ୍କ ଦିବ୍ୟାଙ୍ଗତାର ଶତକଡ଼ା ଆକଳନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଡାକ୍ତରୀ ପାଠ୍ୟକ୍ରମ ନାମଲେଖା କାଉନସେଲିଂ ଜାରି ରହିଥିବାରୁ ୪ ଦିନ ମଧ୍ୟରେ ଏହି ସମସ୍ତ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ଓଜେଇଇ ଅଧକ୍ଷଙ୍କ ପକ୍ଷରୁ ଗତ ଅଗଷ୍ଟ ୨୫ରେ ନିର୍ଦ୍ଦିଷ୍ଟ ଭାବେ ପରୀକ୍ଷାର୍ଥୀଙ୍କ ପାଇଁ ଜାରି କରାଯାଇଥିବା ନୋଟିସକୁ ହାଇକୋର୍ଟ ରଦ୍ଦ କରିଛନ୍ତି।

## କିଟ୍‌ରେ ମାନବ ସମ୍ବଳ ସମ୍ମିଳନୀ ୨୦୨୬

# କୃଷି କ୍ଷେତ୍ରରେ ଭବିଷ୍ୟତ ଚ୍ୟାଲେଞ୍ଜର ମୁକାବିଲା ପାଇଁ ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ହେଉ

**ଭୁବନେଶ୍ୱର, ୧୨/୯ ନ୍ୟୁଜ ବ୍ୟୁରୋ**

କିଟ୍‌ରେ ମାନବ ସମ୍ବଳ କନକ୍ଲେଭ୍-୨୦୨୬ ଶନିବାର ଅନୁଷ୍ଠିତ ହୋଇଯାଇଛି। କିଟ୍ ସ୍କୁଲ୍ ଅଫ୍ ରୁରାଲ୍ ମ୍ୟାନେଜମେଣ୍ଟ ପକ୍ଷରୁ ଆୟୋଜିତ ଏହି କନକ୍ଲେଭ୍‌ରେ କୃଷି ବ୍ୟବସାୟ, ମାନବ ସମ୍ବଳ ପରିଚାଳନା ଓ ଭବିଷ୍ୟତର କର୍ମକ୍ଷେତ୍ର ସମ୍ପର୍କରେ ଆଲୋଚନା ହୋଇଥିଲା। ସମ୍ମିଳନୀର ବିଷୟବସ୍ତୁ ଥିଲା 'ପିପଲ ଷ୍ଟ୍ରାଟେଜିଜ ଫର ସଷ୍ଟେନେବଲ ଫ୍ୟୁଚର ଇନ୍ ଆଗ୍ରି ବିଜିନେସ ଆଣ୍ଡ ଡେଭେଲେପମେଣ୍ଟ ସେକ୍ଟର'। ଏହି ଅବସରରେ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର କମିଶନର ତଥା ସଚିବ ସଚିନ ରାମଚନ୍ଦ୍ର ଯାଦବ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲିସିନ ଲାଇଟ୍ସ ଗ୍ରୁପ୍‌ର ଚେୟାରମ୍ୟାନ୍




କମଲେଶ ଶାହ ଏବଂ କିଟ୍‌ର ଉପକୁଳପତି ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ସଚିନ ଯାଦବ କହିଲେ, କୃଷି ଓ କୃଷି ବ୍ୟବସାୟ କ୍ଷେତ୍ରରେ ଭବିଷ୍ୟତର ଚ୍ୟାଲେଞ୍ଜ ମୁକାବିଲା ପାଇଁ ଛାତ୍ରଛାତ୍ରୀମାନଙ୍କୁ ନିରନ୍ତର ଭାବେ ନିଜ ଦକ୍ଷତା ବୃଦ୍ଧି କରିବାକୁ ହେବ। ନଚେତ୍ ଅନେକ କ୍ଷେତ୍ରରେ ମେସିନ୍ ମଣିଷଙ୍କ ସ୍ଥାନ ନେଇପାରେ। କୃଷି ବ୍ୟବସାୟ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ କେବଳ କ୍ଲାସରୁମ୍ ଶିକ୍ଷା ପର୍ଯ୍ୟାପ୍ତ ନୁହେଁ। ଇଣ୍ଡଷ୍ଟ୍ରି ଅଭିଜ୍ଞତା ଓ କ୍ଷେତ୍ରସ୍ତରୀୟ ଅଭ୍ୟାସ ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ। ଏହି ଅବସରରେ ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ଲିସିନ-ଲାଇଟ୍ସ ଗ୍ରୁପ୍‌ର ଚେୟାରମ୍ୟାନ୍ କମଲେଶ ଶାହ କହିଲେ, କୃଷି ବ୍ୟବସାୟ ଓ ବିକାଶ କ୍ଷେତ୍ରରେ ସ୍ଥାୟୀ ନେତୃତ୍ୱ ଗଠନ ଆଜିର ସମୟର ସବୁଠାରୁ ବଡ଼ ଆହ୍ୱାନ। କୌଣସି ସଂସ୍ଥାର ପ୍ରକୃତ ଶକ୍ତି ହେଉଛି ତାହାର ମାନବ ସମ୍ବଳ। ଏଆଇ ଓ ନୂତନ ପ୍ରଯୁକ୍ତି ଯେତେ ଆଗକୁ ବଢ଼ୁଥିଲେ ମଧ୍ୟ ମଣିଷର ବିକଳ୍ପ ହୋଇପାରିବ ନାହିଁ। ସଫଳତା ପାଇଁ ସଠିକ୍ ପ୍ରତିଭା ଚୟନ, ସେମାନଙ୍କର ବିକାଶ ଓ ଉପଯୁକ୍ତ କାର୍ଯ୍ୟ ପରିବେଶ ସୃଷ୍ଟି ଅତ୍ୟନ୍ତ ଆବଶ୍ୟକ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ଓ ବିଶେଷଜ୍ଞମାନଙ୍କୁ ନେଇ ଦିବସ ବ୍ୟାପୀ ପ୍ୟାନେଲ୍ ଆଲୋଚନା ମଧ୍ୟ ହୋଇଥିଲା। ଏଥିରେ ଲୋକ ଓ ସଂସ୍କୃତି, 'ରଙ୍ଗ ଦେ'ର ଉପସଭାପତି ତ୍ରେସା ଜର୍ଜ, ଲିସିନ ଲାଇଟ୍ସ ଗ୍ରୁପ୍‌ର ଗ୍ରୁପ୍ ମୁଖ୍ୟ ଲୋକ ଅଧିକାରୀ ଅମିତ ରାଓଲ, ସୃଜନର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ନମିତା ପାଣ୍ଡେ, ଟ୍ରୋପଲିଟ୍ ଫୁଡସର ମାନବ ସମ୍ବଳ ମୁଖ୍ୟ ଡ ରଙ୍ଗନାଥ ଆଇ ଭି ଏସ ଓ ଆଇକେଏଫ୍ ଫାଇନାନ୍ସ ମାନବ ସମ୍ବଳ ମୁଖ୍ୟ ରମଣ ଚିଦାମ୍ବରସୁବ୍ରମଣ୍ୟାନଙ୍କୁ ନେଇ କୃଷି ବ୍ୟବସାୟ, ମାନବ ସମ୍ବଳ ପରିଚାଳନା ଓ ଭବିଷ୍ୟତର କର୍ମକ୍ଷେତ୍ର ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ କିଟ୍ ସ୍କୁଲ୍ ଅଫ୍ ରୁରାଲ୍ ମ୍ୟାନେଜମେଣ୍ଟର ନିର୍ଦ୍ଦେଶକ ପ୍ରଫେସର ସର୍ବେଶ୍ୱର ମହାନ୍ତି ସ୍ୱାଗତ ଭାଷଣ ଦେଉଥିବା ବେଳେ ଡିନ୍ ପ୍ରଫେସର ସୁକୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ରେଭେନ୍ସା ପରିସରରେ ଏନ-ଜେନ ଡାକଘର ଉଦ୍‌ଘାଟିତ

**କଟକ, ୧୨/୦୯ ନ୍ୟୁଜ ବ୍ୟୁରୋ**

ରେଭେନ୍ସା ପରିସରରେ ନୂଆ ରୂପରେ ଡାକଘର। ଛାତ୍ରଛାତ୍ରୀଙ୍କୁ ମିଳିବ ଆଧୁନିକ ଓ ଗ୍ରାହକ-ଅନୁକୂଳ ଡାକ ସେବା । ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଛି ଆଧୁନିକ ଏନ୍-ଜେନ୍ ଡାକଘର। ପାରମ୍ପରିକ ଡାକଘରଠାରୁ ଭିନ୍ନ ଏହି ଡାକଘରରେ ରହିଛି ସୁନ୍ଦର ଇଣ୍ଟିରିୟର, ମିନି ଲାଇବ୍ରେରୀ, ଇଣ୍ଟରନେଟ୍ ସୁବିଧା ସହ ଛାତ୍ରଛାତ୍ରୀଙ୍କ ପାଇଁ ବସିବା ଓ ସମୟ ବିତାଇବାର ବ୍ୟବସ୍ଥା। ଯୁବପିଢ଼ିଙ୍କୁ ଡାକ ସେବା ସହ ଯୋଡ଼ିବା ଏବଂ ସେମାନଙ୍କୁ ନୂଆ ଅନୁଭୂତି ଦେବା ଲକ୍ଷ୍ୟରେ ଡାକ ବିଭାଗର ଏନ୍-ଜେନ୍ ପଦକ୍ଷେପ ଅଧୀନରେ ଏହାକୁ ଆଧୁନିକ ରୂପ ଦିଆଯାଇଛି।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୧୨/୦୯/୨୦୨୬
୪,୩୨,୬୨୬/- ଟଙ୍କା
ସୁନା:- ଶୂନ୍ୟ
ରୂପା:- ଶୂନ୍ୟ

# ଭିତରକନିକା ଜାତୀୟ ଉଦ୍ୟାନରେ ଦେଶୀୟ ପକ୍ଷୀ ସଂଖ୍ୟା ବୃଦ୍ଧି



**କେନ୍ଦ୍ରାପଡ଼ା, ୧୨/୦୯ ନ୍ୟୁଜ ବ୍ୟୁରୋ**

ଭିତରକନିକା ଜାତୀୟ ଉଦ୍ୟାନରେ ଦେଶୀୟ ପକ୍ଷୀ ଗଣନା ଶେଷ ହୋଇଛି । ଏହି ଗଣନା ଜାତୀୟ ଉଦ୍ୟାନ ମଧ୍ୟସ୍ଥ କନିକା ରେଞ୍ଜର ମଠଆଡିଆ, ଲକ୍ଷ୍ମୀ ପ୍ରସାଦ ଡିଆ, ଦୁର୍ଗା ପ୍ରସାଦ ଡିଆ ଓ ରାଜନଗର ରେଞ୍ଜ ବାଲିଡିଆରେ କରାଯାଇଥିଲା। ସେପ୍ଟେମ୍ବର ୩ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଚାଲିଥିବା ପକ୍ଷୀ ଗଣନାର ରିପୋର୍ଟ ଶନିବାର ପ୍ରକାଶ ପାଇଛି । ଗତବର୍ଷ ତୁଳନାରେ ଚଳିତ ବର୍ଷ ଅଧିକ ସଂଖ୍ୟକ ପକ୍ଷୀ ଗଣନା କରାଯାଇଥିବା ବେଳେ ଜାତୀୟ ଉଦ୍ୟାନ ପ୍ରେମୀ ଓ ପକ୍ଷୀ ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି । ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ଥିବା କନିକା ରେଞ୍ଜ ଅଧିନରେ ମଠ ଆଡ଼ିଆ, ଲକ୍ଷ୍ମୀପ୍ରସାଦ ଡିଆ ଓ ଦୁର୍ଗାପ୍ରସାଦ ଡିଆର ଅରଣ୍ୟ ଏବଂ ବୃକ୍ଷଲତାରେ ଦେଶୀୟ ପକ୍ଷୀ ବାସ କରନ୍ତି। ଗେଣ୍ଡାଳିଆ, ବଗ, ଦା ବେଣ୍ଟିଆ, କାପରଖାଇ, ଅଞ୍ଜନା ପ୍ରଭୃତି ଦେଶୀୟ ପକ୍ଷୀ ମୌସୁମୀର ଆଗମନରେ ଖାଦ୍ୟ ସଂଗ୍ରହ, ବଂଶ ବିସ୍ତାର ଓ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ରହିଯାଇଥିବା ପକ୍ଷୀମାନଙ୍କ ସହ ବନ୍ଧୁତା ସ୍ଥାପନ ପାଇଁ ଏଠାକୁ ଆସିଥାନ୍ତି । ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ବିଭିନ୍ନ କୀଟ ପତଙ୍ଗ ସମେତ ଉଦ୍ୟାନକୁ ଲାଗିଥିବା ଚାଷ ଜମି ଏବଂ ଚିଙ୍ଗୁଡ଼ି ଘେରି ଗୁଡିକରୁ ଏମାନେ ଖାଦ୍ୟ ସଂଗ୍ରହ କରିଥାନ୍ତି, ଯେଉଁଥିପାଇଁ ଏହି ପକ୍ଷୀ ଗୁଡିକ ଅନ୍ୟ କୌଣସି ସ୍ଥାନକୁ ନଯାଇ ଜାତୀୟ ଉଦ୍ୟାନକୁ ନିଜର ବାସସ୍ଥାନ ଭାବେ ବାଛି ନେଇଛନ୍ତି । ଚଳିତବର୍ଷ ଦେଶୀୟ ପକ୍ଷୀ ଗଣନା ପାଇଁ ୪ଟି ଟିମ୍ ଚୟନ କରାଯାଇଥିଲା । ପ୍ରତ୍ୟେକ ଟିମ୍‌ରେ ବନବିଭାଗର ୬ ଜଣ ଲେଖାଏଁ ସଦସ୍ୟ ରହିଥିଲେ। ଏହି ଗଣନା କାର୍ଯ୍ୟରେ ବାଇନାକୁଲାର, ରେଞ୍ଜ୍ ଫାଇଣ୍ଡର ଭଳି ଅତ୍ୟାଧୁନିକ ଉପକରଣ ବ୍ୟବହାର କରାଯାଇଥିଲା, ଯାହା ଦେଶୀୟ ପକ୍ଷୀ ଗଣନାକୁ ଆହୁରି ସହଜ କରିଥିଲା। କେନ୍ଦ୍ରାପଡା ରାଜନଗର ଭିତରକନିକାରେ ଚଳିତବର୍ଷ ଦେଶୀୟ ପକ୍ଷୀ ବଢ଼ିଛନ୍ତି । ଚଳିତ ବର୍ଷ ୨୮,୦୬୪ଟି ବସାରୁ ମୋଟ ୧,୩୨,୨୭୯ଟି ଦେଶୀୟ ପକ୍ଷୀଙ୍କୁ ଗଣନା କରାଯାଇଛି । ଗତବର୍ଷ ତୁଳନାରେ ଚଳିତବର୍ଷ ୧,୪୮୩ଟି ପକ୍ଷୀ ଅଧିକ ଆସିଛନ୍ତି ବୋଲି ଗଣନା କରାଯାଇଛି । ବନବିଭାଗ ପକ୍ଷରୁ ଜାରି କରାଯାଇଥିବା ରିପୋର୍ଟ ସମେତ ଏନେଇ ପ୍ରତିକ୍ରିୟା ରଖିଛନ୍ତି ରାଜନଗର ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକର । ରାଜନଗର ବନଖଣ୍ଡ ଅଧିକାରୀ ଭରଦରାଜ୍ ଗାଓଁକର କହିଛନ୍ତି, 'ଗତବର୍ଷ (୨୦୨୫)ରେ ୧,୩୦,୭୯୬ଟି ପକ୍ଷୀ ଗଣନା କରାଯାଇଥିଲା । ଚଳିତ ବର୍ଷ ଏହି ସଂଖ୍ୟା ୧,୩୨,୨୭୯କୁ ବୃଦ୍ଧି ପାଇଛି, ଅର୍ଥାତ ୧୪୮୩ଟି ପକ୍ଷୀ ଅଧିକ ଅଛନ୍ତି ।' ଭିତରକନିକାରେ ଗତବର୍ଷରେ ଥିବା ଦେଶୀୟ ପକ୍ଷୀଙ୍କ ସଂଖ୍ୟା: ୨୦୨୦ ମସିହାରେ ୨୧,୧୮୫ଟି ବସାରେ ମୋଟ ୯୭,୮୬୬ଟି ଦେଶୀୟ ପକ୍ଷୀ ରହିଥିଲା। ୨୦୨୧ ମସିହାରେ ୨୨,୮୨୮ଟି ବସାରେ ମୋଟ ୧,୦୮,୬୩୯ଟି ଦେଶୀୟ ପକ୍ଷୀ ଥିଲେ। ୨୦୨୨ ଦେଶୀୟ ପକ୍ଷୀ ଗଣନା ରିପୋର୍ଟ ଅନୁଯାୟୀ, ୨୪,୬୬୪ ଟି ବସାରେ ମୋଟ ୧,୧୬,୦୭୦ଟି ପକ୍ଷୀ ଥିଲେ । ୨୦୨୩ ସେପ୍ଟେମ୍ବର ମାସ ୩ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ହୋଇଥିବା ଦେଶୀୟ ପକ୍ଷୀ ଗଣନା ଅନୁଯାୟୀ, ଜାତୀୟ ଉଦ୍ୟାନ ମଧ୍ୟସ୍ଥ ବିଭିନ୍ନ ସ୍ଥାନରୁ ୨୬,୧୧୮ଟି ବସା ଚିହ୍ନଟ ହୋଇଥିଲା । ସେଥିମଧ୍ୟରେ ମୋଟ ୧,୨୩,୮୬୭ ଟି ଦେଶୀୟ ପକ୍ଷୀଙ୍କୁ ଗଣନା କରାଯାଇଥିଲା, ଯାହା ୨୦୨୨ ମସିହା ଦେଶୀୟ ପକ୍ଷୀଙ୍କ ସଂଖ୍ୟା ଠାରୁ ୭୭୯୭ଟି ଅଧିକ ଥିଲେ । ୨୦୨୪ ମସିହାରେ ଦେଶୀୟ ପକ୍ଷୀଙ୍କ ପାଇଁ ଏକ ନୂତନ ସ୍ଥାନ ବାଲିଡ଼ିଆ ଠାବ କରାଯାଇଥିଲା । ୨୭,୨୭୨ଟି ବସାରେ ମୋଟ ୧,୩୦,୧୨୩ଟି ଦେଶୀୟ ପକ୍ଷୀ ଜାତୀୟ ଉଦ୍ୟାନ ମଧ୍ୟରେ ଚିହ୍ନଟ ହୋଇଥିଲେ । ୨୦୨୫ ମସିହାରେ ୨୭,୬୪୬ଟି ବସାରେ ୧,୩୦,୭୯୬ଟି ପକ୍ଷୀ ଥିଲେ ।

# ପାର୍ବଣ ପୂର୍ବରୁ ମହଙ୍ଗା ମାଡ଼: ଫଳ ଓ ମିଠା ଦର ବଢ଼ିଲା

**ଭୁବନେଶ୍ୱର, ୧୨/୦୯ ନ୍ୟୁଜ ବ୍ୟୁରୋ**

ପାର୍ବଣରେ ମହଙ୍ଗା ମାଡ଼ । ମିଠା ପରେ ଫଳ ବଜାରରେ ନିଆଁ । ଦିନକ ପରେ ଧରାବତରଣ କରିବେ ପ୍ରଭୁ ଗଜାନନ। ଏଥିପାଇଁ ଗାଁଠୁ ସହର ସବୁଠି ଉତ୍ସାହ। କିନ୍ତୁ ଏହି ଉତ୍ସାହକୁ ଫିକା କରି ଦେଇଛି ଦରଦାମ। ବଜାରରେ ଫଳ ଠାରୁ ଆରମ୍ଭ କରି ମିଠା ସବୁକିଛିର ଦାମ୍ ବଢ଼ିଛି। ବଜାରରେ ସେଓ କିଲୋ- ୨୦୦, ଅଙ୍ଗୁର- ୨୩୦, ଡାଳିମ୍ବ- ୨୪୦, କମଳା- ୩୫୦, ଆତ କିଲୋ- ୧୨୦, ପିଜୁଳି- ୧୦୦, ନାସପାତି- ୧୨୦, ଅଷ୍ଟ୍ରେଲିଆ ଅଙ୍ଗୁର- ୪୦୦, ଡ୍ରାଗନ ଫ୍ରୁଟ୍- ୨୫୦ ଏବଂ କଦଳୀ କିଲୋ- ୫୦ ଟଙ୍କା ରହିଛି। ଏଭଳି ଦରଦାମ ବୃଦ୍ଧି ଫଳ ବଜାରରେ ନିଆଁ ଲଗାଇ ଦେଇଛି। ପାର୍ବଣ ପୂର୍ବରୁ ବଜାରରେ ଚିନି ଓ ଛେନାର ଦାମ୍ ବୃଦ୍ଧି ପାଉଛି। ଅନ୍ୟପଟେ ଏହାର ସିଧାସଳଖ ପ୍ରଭାବ ମିଠା ଦୋକାନ ଉପରେ ପଡ଼ିଛି। ମିଠାର ଦାମ୍ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ମିଠାର ସାଇଜ ମଧ୍ୟ ଛୋଟ ହୋଇଯାଇଛି। ଆଉ କିଛି ମିଠା ଦୋକାନୀ ସାଇଜ ଛୋଟ ନକରି ଦାମ୍ ଅଧିକ ବଢ଼ାଇ ଦେଇଛନ୍ତି। ଅନ୍ୟପଟେ ଚିନି, ଛେନା ଓ ଗ୍ୟାସ୍‌ର ଦର ବଢ଼ିଥିବାରୁ ମିଠାର ଦାମ୍ ବଢୁଛି ବୋଲି ଦୋକାନୀ କହିଛନ୍ତି । ତେବେ କେଉଁଦିନ ଦରଦାମ ବୃଦ୍ଧି ଉପରେ ନିୟନ୍ତ୍ରଣ ଆସୁଛି ତାହା ଦେଖିବାକୁ ବାକି ରହିଲା।

## ରାଜଧାନୀରେ ବଢୁଛି ଆତ୍ମହତ୍ୟା ପ୍ରବଣତା

# ଅଢେଇ ବର୍ଷରେ ଗଲାଣି ୧୨୦୦ରୁ ଉର୍ଦ୍ଧ୍ୱ ଜୀବନ

**ଭୁବନେଶ୍ୱର, ୧୨/୯ ନ୍ୟୁଜ ବ୍ୟୁରୋ**

ଜୀବନ ଯେଉଁଠି ଅମୂଲ୍ୟ, ସେଠି ବଢୁଛି ଜୀବନ ହାରିବାର ପ୍ରବଣତା । ହସ ଖୁସିରେ ଜିଉଁଥିବା ଲୋକଟି ହଠାତ୍ ପରିସ୍ଥିତିରେ ପଡ଼ି ଜୀବନ ହାରିବା ଭଳି ଚରମ ନିଷ୍ପତ୍ତି ନେଉଛି। କେତେବେଳେ ଆର୍ଥିକ ଚାପ ତ କେତେବେଳେ ପାରିବାରିକ ସମସ୍ୟା, ପ୍ରେମରେ ବିଚ୍ଛେଦ କିମ୍ବା ପାଠପଢ଼ାର ଚାପ ଏବଂ ଯୌତୁକ ନିର୍ଯାତନା ଭଳି ଅନେକ କାରଣରୁ ଲୋକେ ଏଭଳି ନିଷ୍ପତ୍ତି ନେଉଥିବା କୁହାଯାଉଛି । ଯେଉଁଥିପାଇଁ ଗୋଟିଏ ପରିବାର ସହ ସମାଜ ମଧ୍ୟ ପ୍ରଭାବିତ ହେଉଛି । ବଢୁଥିବା ଆତ୍ମହତ୍ୟା ପ୍ରବଣତାକୁ ନେଇ ବିଭିନ୍ନ ମହଲରେ ଚିନ୍ତା ସୃଷ୍ଟି ହୋଇଛି। ଯାହାକୁ ନେଇ ରାଜଧାନୀ ଭୁବନେଶ୍ୱରରୁ ଏକ ଉଦ୍‌ବେଗଜନକ ତଥ୍ୟ ସାମ୍ନାକୁ ଆସିଛି। ଗତ ଅଢେଇ ବର୍ଷ ମଧ୍ୟରେ ଭୁବନେଶ୍ୱରର ବିଭିନ୍ନ ଥାନା ଅଞ୍ଚଳରେ ୧୨୦୦ରୁ ଉର୍ଦ୍ଧ୍ୱ ଲୋକ ଜୀବନ ହାରିଛନ୍ତି । ଯାହା ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି । ଏହା ଉପରେ ଅଙ୍କୁଶ ଲଗାଇବାକୁ କମିଶନରେଟ୍ ପୋଲିସ ଏଥର 'ଜୀବନ ଜିନ୍ଦାବାଦ୍ ୨.୦' କାର୍ଯ୍ୟକ୍ରମ ଆରମ୍ଭ କରିବ ବୋଲି ନିଷ୍ପତ୍ତି ନେଇଛି । ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ କହିଛନ୍ତି, 'ଗତବର୍ଷ 'ଜୀବନ ଜିନ୍ଦାବାଦ୍' କାର୍ଯ୍ୟକ୍ରମରେ ଆମକୁ ସଫଳତା ମିଳିଥିଲା। ଉକ୍ତ କାର୍ଯ୍ୟକ୍ରମରେ ଆତ୍ମହତ୍ୟା ସଂଖ୍ୟା କମିଥିଲା। ଏଥର ଜୀବନ 'ଜିନ୍ଦାବାଦ୍ ୨.୦' ଲଞ୍ଚ୍ ହେବାକୁ ଯାଉଛି । ଆତ୍ମହତ୍ୟା ବିରୋଧରେ ସଚେତନ କରାଯିବ । ନିଶାମୁକ୍ତ ଭାରତକୁ ମଧ୍ୟ ଅଧିକ ଗୁରୁତ୍ୱ ଦିଆଯିବ। ଆତ୍ମହତ୍ୟା ସମାଜ ଓ ପରିବାର ପାଇଁ ଯେତିକି ବିପଦ ନିଶା ମଧ୍ୟ ସେତିକି ବିପଦ । ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ପୋଲିସ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ, ୨୦୨୪ ମସିହାରେ ୪୯୮ ଜଣ ଆତ୍ମହତ୍ୟା କରିଥିଲେ । ସେହିପରି ୨୦୨୫ ମସିହାରେ ଏହି ସଂଖ୍ୟା ବଢ଼ି ୫୦୦ରେ ପହଞ୍ଚିଥିବା ବେଳେ ଚଳିତବର୍ଷ ଜାନୁଆରୀରୁ ଜୁନ ଅର୍ଥାତ୍ ୬ମାସ ମଧ୍ୟରେ ୨୦୦ରେ ପହଞ୍ଚିଛି । ତେବେ ବର୍ଷ ଶେଷ ସୁଦ୍ଧା ଆତ୍ମହତ୍ୟା ସଂଖ୍ୟା ୫୦୦ ଅତିକ୍ରମ କରିବ ବୋଲି ଆଶଙ୍କା କରାଯାଉଛି । ମନସ୍ତତ୍ତ୍ୱବିତ୍ ସଚ୍ଚିଦାନନ୍ଦ ରଥ କହିଛନ୍ତି, 'ବର୍ତ୍ତମାନ ସାମାଜିକ ତାରତମ୍ୟ ଅଧିକ ବଢ଼ି ଯାଇଛି । ଲୋକମାନଙ୍କ ମଧ୍ୟରେ ଆତ୍ମୀୟତା କମିଯାଇଛି । ଏବେ ଲୋକମାନେ ଦେଖାଇ ହେବାକୁ ଅଧିକ ପସନ୍ଦ କରୁଛନ୍ତି । ତେଣୁ ବିଭିନ୍ନ ଦିଗରେ ବ୍ୟୟ ପାଇଁ ଇଏମଆଇ କରୁଛନ୍ତି । ଏଥିପାଇଁ ଆର୍ଥିକ ଚାପ ପଡ଼ିବାରୁ ଲୋକମାନେ ଆତ୍ମହତ୍ୟା କରୁଛନ୍ତି। ଲୋକମାନେ ଏବେ ସବୁ କିଛି ଶୀଘ୍ର ପାଇବାକୁ ଚେଷ୍ଟା କରୁଛନ୍ତି । ଧୈର୍ଯ୍ୟ ଶକ୍ତି କମିଯାଇଛି। ସମୟକୁ ଆଉ ଅପେକ୍ଷା କରୁନାହାନ୍ତି । ସୋସିଆଲ ମିଡିଆରେ ନକରାତ୍ମକ କଣ୍ଟେଣ୍ଟ ବଢ଼ିଯାଇଛି । ଏହା ମଧ୍ୟ ଏକ ପ୍ରମୁଖ କାରଣ । ପୁରୁଣା ଆଇପିସିରେ ଆତ୍ମହତ୍ୟା ପାଇଁ ଦଫା ରହୁଥିଲା। ଯିଏ ଆତ୍ମହତ୍ୟା କରିବାକୁ ଚେଷ୍ଟା କରି ବଞ୍ଚିଯାଉଥିବ, ତା ନାମରେ ମାମଲା ହେଉଥିଲା । ହେଲେ ଏବେ ନୂଆ ବିଏନ୍ଏସ୍‌ରେ ଉକ୍ତ ଦଫାକୁ ଉଠାଇ ଦିଆଯାଇଛି। ଫଳରେ ଲୋକମାନଙ୍କ ଆଉ ଭୟ ରହୁନାହିଁ। ଏସବୁ କାରଣ ପାଇଁ ଆତ୍ମହତ୍ୟା ବହୁତ ପରିମାଣରେ ବଢ଼ି ଚାଲିଛି ।' ଲୋକମାନେ ନକରାତ୍ମକ କଣ୍ଟେଣ୍ଟ୍ ଦେଖିବା ବନ୍ଦ କରନ୍ତୁ। ପ୍ରକୃତି ସହ ସମୟ ବିତାନ୍ତୁ । ପରିବାର ସହ ଆତ୍ମୀୟତା ବଢ଼ିବା ଦରକାର । ପାଠ୍ୟକ୍ରମରେ ମାନସିକ ଶିକ୍ଷାକୁ ନେଇ ବିଷୟ ରହିବା ଦରକାର। ସମାଜରେ ସାମାଜିକ ତାରତମ୍ୟ କମାଇବା ଦରକାର । ସରକାର, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ପରିବାରର ଉଦ୍ୟମ ଦ୍ୱାରା ଆତ୍ମହତ୍ୟା କମାଯାଇପାରିବ।' ଭୁବନେଶ୍ୱର ଖାରବେଳ ନଗର ଥାନା ଅନ୍ତର୍ଗତ ୟୁନିଟ ୩ ଶିକ୍ଷାଞ୍ଚଳ କଲୋନୀରେ ଥିବା ଏକ ହଷ୍ଟେଲରେ ନୟାଗଡ଼ ଜିଲ୍ଲା ଖଣ୍ଡପଡା ଅଞ୍ଚଳର ଟିକିଲି ରାଉତ (୨୨) ଜୀବନ ହାରିଥିଲେ । ପରିବାର ଲୋକଙ୍କ ଉପସ୍ଥିତରେ ଝୁଲନ୍ତା ମୃତଦେହକୁ ଉଦ୍ଧାର କରିଥିଲା ପୋଲିସ । ମୃତ୍ୟୁ ପୂର୍ବରୁ ଟିକିଲି ତାଙ୍କ ପୁରୁଷ ବନ୍ଧୁଙ୍କୁ ଆତ୍ମହତ୍ୟା ସମୟର ଫଟୋ ପଠାଇଥିବା ପୋଲିସ ଜାଣିବାକୁ ପାଇଥିଲା । ପ୍ରେମଜନିତ କାରଣ ପାଇଁ ଟିକିଲି ଏଭଳି ଚରମ ନିଷ୍ପତ୍ତି ନେଇଥିବା ପୋଲିସ ତଦନ୍ତରୁ ଜଣାପଡିଥିଲା ।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା ରବିବାସରୀୟ କଳିକା ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com